


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୨ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 OCTOBER 2023

Vol.No. 34 ■ No. 279■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୁଣି ଇତିହାସ ରଚିଲା ଇସ୍ରୋ: ଗଗନଯାନ ପରୀକ୍ଷଣ ସଫଳ

ନୂଆଦିଲ୍ଲୀ,୨୧/୧୦ : ସବୁ ବାଧା, ବିଘ୍ନକୁ ଅତିକ୍ରମ କରି ଇସ୍ରୋ ଆଜି ପୁଣି ଥରେ ଇତିହାସ ରଚିଛି। ଆଜି ସକାଳେ ପ୍ରତିକୂଳ ପାଗ ସହ ବୈଷୟିକ ତ୍ରୁଟି ଯୋଗୁ ସ୍ଥଗିତ ରଖାଯାଇଥିବା ଗଗନଯାନକୁ ସଫଳତାପୂର୍ବକ ପରୀକ୍ଷଣ କରାଯାଇଛି। ଆଜି ପୂର୍ବାହ୍ନ ୧୦ଟାରେ ଗଗନଯାନ ମିଶନର ଉତ୍ ?କ୍ଷେପଣ ସଫଳ ହୋଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ପେଶ୍ ସେଣ୍ଟରରୁ ସଫଳ ପରୀକ୍ଷଣ ହୋଇଥିବା ଇସ୍ରୋ ମୁଖ୍ୟ ସୂଚନା ଦେଇଛି। ଇସ୍ରୋ ପକ୍ଷରୁ ଟିଭି-ଡି୧ର ପ୍ରଥମ ସଫଳ ପରୀକ୍ଷଣ ସହ କ୍ରୁ ମଡ୍ୟୁଲର ଲଞ୍ଚିଂ ସଫଳ ହୋଇଥିବା ସେ କହିଛନ୍ତି। ଫଳରେ ଇସ୍ରୋର ଚନ୍ଦ୍ରଯାନ-୩ ମିଶନ ଓ ସୂର୍ଯ୍ୟ ମିଶନ ପରେ ଗଗନଯାନ ମିଶନ ବି ସଫଳ ହୋଇଛି। ଏଥିଯୋଗୁ ସମଗ୍ର ଦେଶବାସୀଙ୍କ ମଧ୍ୟରେ ଉତ୍ସୁକତା ଖେଳି ଯାଇଛି। ଭୂପୃଷ୍ଠରୁ ୧୭ କିମି ଉପରକୁ ଯାଇ ଖସିଲା କ୍ୟୁ ମଡେଲ। ସମୁଦ୍ର ମଝିରେ ଖସିଲା ମାନବବିହୀନ କ୍ୟୁ ମଡେଲ। ୨୦୨୫ ସୁଦ୍ଧା ମହାକାଶକୁ ମଣିଷ ପଠାଇବାକୁ ଯୋଜନା କରାଯାଇଛି। ଏଥିନିମନ୍ତେ ମିଶନର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ଇସ୍ରୋ ଅଧ୍ୟକ୍ଷ। ଆଜି ସକାଳ ୮ଟା ୩୦ରେ ଗଗନଯାନ ମିଶନର ଉତ୍କ୍ଷେପଣ ନିମନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। କାଉଣ୍ଟଡାଉନ୍ ଆରମ୍ଭ ହୋଇ ସାରିଥିବା ବେଳେ ମାତ୍ର ୫ ସେକେଣ୍ଡ ପୂର୍ବରୁ ଉତ୍କ୍ଷେପଣକୁ ସ୍ଥଗିତ କରାଯାଇଥିଲା। ବୈଷୟିକ ତ୍ରୁଟି କାରଣରୁ ଏପରି ନିଷ୍ପତ୍ତି ନିଆଯାଇଥିବା ଏସ୍ ସୋମନାଥ କହିଥିବା ବେଳେ ଉକ୍ତ ତ୍ରୁଟିକୁ ସଂଶୋଧନ କରି ଗଗନଯାନ ମିଶନକୁ ମଡ୍ୟୁଲର ସଫଳ ଲଞ୍ଚିଂ କରାଯାଇଛି। ଗଗନଯାନରେ ମହାକାଶଚାରୀଙ୍କୁ ମହାକାଶ ଅଭିମୁଖେ ଉତକ୍ଷେପଣ ପରେ, ଅଧାବାଟରେ କୌଣସି ସମସ୍ୟା ଦେଖାଦେଲେ ସେମାନେ ଯେପରି ସୁରକ୍ଷିତ ଭାବେ ପୁଣିଥରେ ପୃଥିବୀପୃଷ୍ଠରେ ଅବତରଣ କରିପାରିବେ, ଆଜି ସେହି ପ୍ରକ୍ରିୟାକୁ ପରୀକ୍ଷା କରାଯାଇଛି। ଏହା ସଫଳ ହୋଇଥିବା ବେଳେ ଆଗକୁ ଆହୁରି ୩ଟି ଟେଷ୍ଟ ଫ୍ଲାଇଟ୍ ପଠାଯିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି ।



## ଭୁଲ୍ କଲା ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିଟି: ଭୋଗିବେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଭୁଲ୍ କଲା ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିଟି, ଭୋଗିବେ ପରୀକ୍ଷାର୍ଥୀ। ହାଇସ୍କୁଲର ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ବଡ଼ଧରଣର ତ୍ରୁଟି ସାମ୍ନାକୁ ଆସିଛି। ଫଳରେ ପୁଣି ଥରେ ଏହି ପରୀକ୍ଷା ହେବ ବୋଲି ଜଣାଯାଇଛି। ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବାରୁ ହିନ୍ଦୀ ଓ ସଂସ୍କୃତ ବିଷୟ ଶିକ୍ଷକ ନିଯୁକ୍ତି ପାଇଁ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାକୁ ବାତିଲ୍ କରାଯାଇଛି। ଆସନ୍ତା ଡିସେମ୍ବରରେ ପୁଣି ଥରେ ପରୀକ୍ଷା କରାଯିବ ବୋଲି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ପକ୍ଷରୁ ଜାରି କରାଯାଇଛି ବିଜ୍ଞପ୍ତି । ଗତ ମାସ ସେପ୍ଟେମ୍ବର ୨୨ ଓ ୨୩ରେ ହିନ୍ଦୀ ଓ ସଂସ୍କୃତ ବିଷୟର ୨୦୭୫ଟି ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ପାଇଁ ଭୁବନେଶ୍ୱରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ ସିଲାବସ୍‌ରୁ ପ୍ରଶ୍ନ ନ ଆସି ସିଲାବସ୍ ବାହାରୁ ଆସିଥିବା ନେଇ ପ୍ରାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏସମ୍ପର୍କରେ ଓଏସ୍‌ଏସ୍‌ସି ନିକଟରେ ଅଭିଯୋଗ କରିଥିଲେ। ପରୀକ୍ଷାର୍ଥୀଙ୍କ ଅଭିଯୋଗ ଆଧାରରେ କମିଶନଙ୍କ ପକ୍ଷରୁ ଶିକ୍ଷା ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶ୍ନପତ୍ର ଯାଞ୍ଚ କରାଯାଇଥିଲା। ଯେଉଁଥିରୁ ଜଣାପଡ଼ିଥିଲା ଯେ ବହୁ ସଂଖ୍ୟକ ପ୍ରଶ୍ନ ସିଲାବସ୍ ବାହାରୁ ପଡ଼ିଛି। ତେବେ ପ୍ରଶ୍ନପତ୍ର ତିଆରି କରିବା ଯାହାର କାମ,

▶▶ପୃଷ୍ଠା ୭

## ସୁନା ଦରରେ ଲାଗୁନି ରୋକ୍: ୧୪ ଦିନରେ ମହଙ୍ଗା ହେଲାଣି ୪୦୦୦



ନୂଆଦିଲ୍ଲୀ,୨୧/୧୦ : ସୁନା ଦରରେ ଲାଗୁନି ରୋକ୍। ଲଗାତର ବଢ଼ି ଚାଲିଛି। ୧୪ ଦିନରେ ମହଙ୍ଗା ହେଲାଣି ୪ ହଜାର ଟଙ୍କା। ଗତ ୬ ତାରିଖରେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦାମ ୧୦ ଗ୍ରାମ ପିଛା ୫୨ ହଜାର ୬୦୦ ଟଙ୍କା ଥିଲା ବେଳେ ଆଜି ୫୬ ହଜାର ୬୦୦ରେ ପହଞ୍ଚିଛି। ଏପଟେ ଖାଣ୍ଟି ସୁନା ବା ୨୪ କ୍ୟାରେଟ ସୁନା ଦର ଏବେ ୬୨ ହଜାର ଟଙ୍କା ଟପି ଗଲାଣି। ଇସ୍ରାଏଲ-ହମାସ ଯୁଦ୍ଧ ପୂର୍ବରୁ ରାଜ୍ୟରେ ସୁନା ଦର ୨ ହଜାର ଟଙ୍କା କମି ବର୍ଷର ସର୍ବନିମ୍ନ ସ୍ତର ଛୁଇଁଥିଲା। ହେଲେ ଯୁଦ୍ଧ ପରଠାରୁ ଉପରମୁହାଁ ସୁନାଦର। ଗହଣା ବ୍ୟବସାୟୀଙ୍କ ମତରେ, ସୁନା ଦର ବୃଦ୍ଧି ପଛରେ

▶▶ପୃଷ୍ଠା ୭

## ୨୬ରୁ ଜାତୀୟ କ୍ରୀଡ଼ା: ପୁରସ୍କାର ଘୋଷଣା କଲେ ରାଜ୍ୟ ସରକାର




ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଅକ୍ଟୋବର ୨୬ ତାରିଖରୁ ଗୋଆରେ ଆରମ୍ଭ ହେବ ୩୭ତମ ଜାତୀୟ କ୍ରୀଡ଼ା। ଏଥିରେ ଓଡ଼ିଶାରୁ ୩୦୦ରୁ ଅଧିକ ଆଥ୍ଲେଟ୍ ଭାଗ ନେବେ। ସେମାନଙ୍କ ମଧ୍ୟରେ ୧୮୦ ଜଣ ମହିଳା ଅଛନ୍ତି। ଜାତୀୟ କ୍ରୀଡ଼ା ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସରକାର ପୁରସ୍କାର ଘୋଷଣା କରିଛନ୍ତି। ଯେଉଁ ପ୍ରତିଯୋଗୀମାନେ ସ୍ୱର୍ଣ୍ଣ ପଦକ ଜିତିବେ ସେମାନଙ୍କୁ ୫ ଲକ୍ଷ ଟଙ୍କା ଦିଆଯିବ। ସେହିପରି ରୌପ୍ୟ ପଦକ ଜିତିଲେ ୩ ଲକ୍ଷ ଓ ବ୍ରୋଞ୍ଜ ପଦକ ଜିତିଲେ ୨ ଲକ୍ଷ ଟଙ୍କା ଦିଆଯିବ। ଉଭୟ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ଏହି ପୁରସ୍କାର ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି ଘୋଷଣା କରାଯାଇଛି। ୩୭ତମ ଜାତୀୟ କ୍ରୀଡ଼ାରେ ଭାଗ ନେବାକୁ ଥିବା ଖେଳାଳିଙ୍କୁ ଶୁଭକାମନା ଜଣାଇ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ମୁଁ ନିଶ୍ଚିତ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଚମକିବେ। ନିକଟରେ ଚୀନର ହାଙ୍ଗଝୌରେ ଶେଷ ହୋଇଥିବା ଏସିଆନ ଗେମ୍ସ ବା ଏସୀୟ କ୍ରୀଡ଼ାରେ କିଶୋର କୁମାର ଜେନା ଜାଭେଲିନ୍‌ରେ ରୌପ୍ୟ ପଦକ ଜିତିଥିଲେ।


▶▶ପୃଷ୍ଠା ୭

## ବାଙ୍ଗିରିପୋଷି ଘାଟିରେ ଦୁଇ ଟ୍ରକ୍ ମଝିରେ ଚାପି ହୋଇଗଲା କାର: ୨ ମହିଳା ମୃତ



ମୟୂରଭଞ୍ଜ, ୨୧/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଘାଟିରେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୃତାହତମାନେ ଗୋଟିଏ ପରିବାରର। ସେମାନଙ୍କ ଘର ପଶ୍ଚିମବଙ୍ଗର ଖଡ଼ଗପୁର ଅଞ୍ଚଳରେ। ସେମାନେ ବାଙ୍ଗିରିପୋଷି ଘାଟିରେ ଥିବା ଦୁଆରଶୁଣୀ ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନ ପ୍ରାୟ ଅଢ଼େଇଟା ବେଳେ ସେମାନେ କାରରେ ଘାଟି ରାସ୍ତା ଓହ୍ଲାଉଥିବା ବେଳେ ପଛପଟୁ ଏକ ଆଇରନ୍ ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ କାରଟି ତା’ ଆଗରେ ଥିବା ଆଉ ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। କାରଟି ଦୁଇଟି ଯାକ ଟ୍ରକ୍ ମଝିରେ ଚାପିହୋଇ ରହିଯାଇଥିଲା। କାର୍ ଭିତରେ ଚାପି ହୋଇଯିବାରୁ ୨ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେମାନେ ଦୁଇ ଯାଆ ବୋଲି ଜଣାପଡ଼ିଛି। କାରକୁ କଟର ମେସିନରେ କାଟି ସମସ୍ତ ମୃତାହତଙ୍କୁ ବାହାର କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତରେ ଦମକଳ ବାହିନୀ ଓ ପୁଲିସ୍ ଉଦ୍ଧାର କାର୍ଯ୍ୟ ସଂପନ୍ନ କରିଥିଲେ। ଗୁରୁତର ଆହତଙ୍କ ମଧ୍ୟରେ ତିନି ଜଣ ପୁରୁଷ ଓ ୨ ଜଣ ଯୁବତୀ ଅଛନ୍ତି। ସେମାନଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଏଥର ବର୍ଷାରେ ଭିଜିବ ଦଶହରା: ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ




ଭୁବନେଶ୍ୱର, ୨୧/୧୦ (ନି.ପ୍ର): ଏଥର ବର୍ଷାରେ ଭିଜିବ ଦଶହରା। କାଲି ସୁଦ୍ଧା ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ରହିଛି । କ୍ରମଶଃ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସମ୍ଭାବନା ରହିଛି । ପରେ ଏହା ଉତ୍ତର-ପଶ୍ଚିମରୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରିବ । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘନୀଭୂତ ହୋଇ ଅବପାତର ରୂପ ନେବ । ଏହାର ପ୍ରଭାବରେ ଆସନ୍ତା ୨୩ ଓ ୨୪ ତାରିଖରେ ଦୁଇ ଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ୨୨ରେ ଉପକୂଳ ଜିଲ୍ଲା ସମେତ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସେହିଭଳି ୨୪ ତାରିଖରେ ମଧ ଉପକୂଳ ସମେତ ଅନ୍ୟ ଜିଲ୍ଲାରେ ବି ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ

▶▶ପୃଷ୍ଠା ୭

## ଶବ ଉପରେ ଯୁଦ୍ଧ ବିଭୀଷିକା: କୁଢ କୁଢ ଶବ ଦେଖି ସ୍ତବ୍ଧ ସାରା ପୃଥିବୀ

ନୂଆଦିଲ୍ଲୀ,୨୧/୧୦ :ଯେତେବେଳେ ଦେଶ ମାନଙ୍କ ସମ୍ପର୍କରେ ଆସେ ତିକ୍ତତା ଏହା କେତେ ଭୟଙ୍କର ହୋଇପାରେ ଏହାର ଜ୍ୱଳନ୍ତ ଉଦାହରଣ ହେଇଛି ଇସ୍ରାଏଲ ଓ ପାଲେଷ୍ଟାଇନ । ଐତିହାସିକ ଶତୃତା, ମେଳ ଖାଉନଥିବା ଚିନ୍ତାଧାରା ଓ ରାଜନୈତିକା ସ୍ୱାର୍ଥର ଜାଲରେ ଫସିଛି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ । ଲଗାତାର ୧୬ ଦିନ ହେଲାଣି ଚାଲିଛି ଇସ୍ରାଏଲ ଓ ହମାସର ଯୁଦ୍ଧ । ଇତି ମଧ୍ୟରେ ଗାଜା ଷ୍ଟ୍ରିପର ଏକ ହସ୍ପିଟାଲରେ ହୋଇଥିବା ବିସ୍ଫୋରଣ ପରଠାରୁ କିଛି ଇସ୍ରାଏଲ ସପକ୍ଷବାଦୀ ରାଷ୍ଟ୍ର

▶▶ପୃଷ୍ଠା ୭







ସାଗରିକା

ଶାରଦୀୟ ସାରସ୍ୱତ ସମାରୋହ-୨୦୨୩

‘ସାଗରିକା’ ଶାରଦୀୟ ବିଶେଷାଙ୍କର ଲୋକାର୍ପଣ ଉତ୍ସବ ତଥା ସାରସ୍ୱତ ସମାରୋହ ବାଲେଶ୍ୱରର ନୃତ୍ୟ ସଂଗୀତ କଳାମନ୍ଦିର ସଭାଗୃହରେ ଆସନ୍ତା ୨୩ ତାରିଖ ମହାନବମୀ, ସୋମବାର ସକାଳ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ।

ଏହି ଶାରଦୀୟ ସାରସ୍ୱତ ସମାରୋହକୁ ସଫଳ କରିବା ପାଇଁ ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ ।

ସୃଷ୍ଟିଧର ପରିଡା

ମୁଖ୍ୟ ତଥା ପରିଚାଳନା ସଂପାଦକ

ସାଗରିକା, ବାଲେଶ୍ୱର


## ରାଜସ୍ଥାନ ପାଇଁ କଂଗ୍ରେସର ପ୍ରଥମ ଓ ବିଜେପିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା



ନୂଆଦିଲ୍ଲୀ,୨୧/୧୦ : ହାଇଭୋଲଟେଜ ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ବିଜେପି ଓ କଂଗ୍ରେସ କାହାକୁ ଟିକେଟ ଦେବ ତାହାକୁ ନେଇ ଆଲୋଚନା ଜୋର ଧରିଥିଲା । ଏସବୁ ଭିତରେ ବିଜେପି ଆଜି ତାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ କଂଗ୍ରେସ ସିଇସି କମିଟିର ନିଷ୍ପତ୍ତି କ୍ରମେ ଆଜି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। କଂଗ୍ରେସ ତରଫରୁ ପ୍ରଥମ ପର୍ଯ୍ୟାୟରେ ୩୩ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏହି କ୍ରମରେ ସରଦାରପୁରାରୁ ମୁଖ୍ୟମନ୍ତ୍ରୀ ଆଶୋକ ଗେହଲଟ ନିର୍ବାଚନ ଲଢିବେ । ଏହାସହ ନାଥଦ୍ୱାରା ବିଧାନସଭା କ୍ଷେତ୍ରରୁ ରାଜସ୍ଥାନ କଂଗ୍ରେସର ବରିଷ୍ଠ ନେତା ସିପି ଜୋଶୀଙ୍କୁ ଟିକେଟ ମିଳିଛି । ରାଜସ୍ଥାନ କଂଗ୍ରେସ ଅଧ୍ୟକ୍ଷ ଗୋବିନ୍ଦ ସିଂ ଡୋଟାସରା ନିଜ ଆସନ ଲକ୍ଷ୍ମଣଗଡରୁ ନିର୍ବାଚନ ଲଢିବାକୁ ଯାଉଛନ୍ତି । ସେହିଭଳି ଯୁବନେତା ସଚ୍ଚିନ ପାଇଲଟଔ ଟେଙ୍କ ଆସନରୁ ନିର୍ବାଚନ ଲଢିବେ

▶▶ପୃଷ୍ଠା ୭

# କୃଷି ଉଦ୍ୟୋଗ ଯୋଜନା ଉପରେ ଗୁରୁତ୍ୱାରୋପ: ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଗସ୍ତ



ସୋନପୁର/ବଲାଙ୍ଗୀର/ପାଟଣାଗଡ, ୨୧/୧୦ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ତାଙ୍କର ତିନିଦିନିଆ ଗସ୍ତ କାର୍ଯ୍ୟକ୍ରମରେ ଆସି ସୁବର୍ଣ୍ଣପୁର, ବେ ?ଦ୍ଧ ଓ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଓ ସମୀକ୍ଷା କରିବା ସହ ଅନୁଦାନ ଘୋଷଣା କରିଥିଲେ। ଏହି ଗସ୍ତରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ସୋନପୁର ସହର ନିକଟ ଝିଙ୍କିଠାରେ ୬ କୋଟି ୪୫ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣାଧୀନ ଡବ୍ଲ୍ୟୁଓଡିସି ହସ୍ତତନ୍ତ ମଲ୍‌ର କାର୍ଯ୍ୟ ଶୀଘ୍ର ସମାପନ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ନୂତନ ଡାଏଲିସିସ୍ ମେସିନ୍ ସହିତ ଅସ୍ଥି ?ଶଲ୍ୟ ଅସ୍ତ୍ରୋପଚାର ପାଇଁ ଉଭୟ ଜିଲ୍ଲାକୁ ଗୋଟିଏ ଲେଖାଏଁ ସି-ଆର୍ମ ମେସିନ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାରେ କୃଷକମାନଙ୍କ ଅର୍ଥନୈତିକ ବିକାଶ ପାଇଁ କୃଷି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗରେ ଉପଲବ୍ଧ ଥିବା ସମସ୍ତ ସଂସାଧନକୁ ବ୍ୟବହାର କରି କିଭଳି ଭାବରେ ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇ ପାରିବ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସହାୟତାରେ ଦୁଗ୍ଧ ଉତ୍ପାଦନ, ମାଛ ଚାଷ, ପ୍ରାଣୀପାଳନ, ଉଦ୍ୟାନ କୃଷି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପାଇଁ ସମସ୍ତ ପ୍ରଚେଷ୍ଟା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସୁବର୍ଣ୍ଣପୁରର ଜିଲ୍ଲା ଗ୍ରନ୍ଥାଗାରର ଭିତ୍ତିଭୂମି ବିକାଶ ପାଇଁ ପରିଷଦ ତରଫରୁ ୫୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହାସହ ମିନି ଷ୍ଟାଡିୟମ ପାଇଁ ୧ କୋଟି ଟଙ୍କା ଅନୁଦାନ ଯୋଗାଇଦେବା ନେଇ ଶ୍ରୀ ତ୍ରିପାଠୀ ସୂଚନା ଦେଇଥିଲେ। ବୌଦ୍ଧ ଜିଲ୍ଲା ବୀରନରସିଂହପୁରଠାରେ ନିର୍ମାଣାଧୀନ ଇକୋପାର୍କ କାର୍ଯ୍ୟ ଦ୍ୱରାନ୍ୱିତ କରିବା ସହିତ ଏହାକୁ ଆକର୍ଷଣୀୟ କରି ଗଢ଼ି ତୋଳିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପର ଗୁଣାତ୍ମକ ମାନକୁ ସୁନିଶ୍ଚିତ କରିବା ସହିତ ଆଗାମୀ ଡିସେମ୍ବର ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଶ୍ରୀ ତ୍ରିପାଠୀ ଗୁରୁତ୍ୱ ଦେଇଥିଲେ। ସେହିପରି ବଲାଙ୍ଗୀର ଜିଲ୍ଲା ଗସ୍ତ ପରିପ୍ରେକ୍ଷୀରେ ପାଟଣାଗଡ଼ ଜବାହରଲାଲ କଲେଜରେ ଏକ ଅଡିଟୋରିଅମ ନିର୍ମାଣ ପାଇଁ ୧ କୋଟି ଏବଂ ରାଜେନ୍ଦ୍ର କଲେଜସ୍ଥିତ ଗାନ୍ଧୀ ଷ୍ଟାଡିୟମରେ ଫ୍ଲଡ୍‌ଲାଇଟ ବ୍ୟବସ୍ଥା କରିବା ପାଇଁ ୩ କୋଟି ୩୦ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ପାଟଣାଗଡ଼ ବ୍ୟାଡମିଣ୍ଟନ ଇନ୍‌ଡୋର ଷ୍ଟାଡିୟମର ପାରିପାର୍ଶ୍ୱିକ ବିକାଶ ପାଇଁ ୧୫ ଲକ୍ଷ ଏବଂ ଜିଲ୍ଲା ମୁଖ୍ୟାଳୟରେ ଥିବା ପାଠାଗାରର ଉନ୍ନତୀକରଣ ପାଇଁ ୪ଟି ଶୀତାତପ ନିୟନ୍ତ୍ରଣ ଯନ୍ତ୍ର ଯୋଗାଇ ଦିଆଯିବାକୁ ଘୋଷଣା କରିଥିଲେ। ଜିଲ୍ଲାର ଦ୍ୱିତୀୟ ଦିନ ଗସ୍ତ କାର୍ଯ୍ୟକ୍ରମରେ ରାଜେନ୍ଦ୍ର ନାରାୟଣ ସିଂହଦେଓ କ୍ରୀଡ଼ା ପ୍ରାଙ୍ଗଣ ପରିଦର୍ଶନ କରି ଦୁଇଟି ଅଭିନବ କ୍ରୀଡ଼ା ବୋଲିଂ ଓ ଫେନସିଂକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଭୀମଭୋଇ ମେଡିକାଲ୍ କଲେଜ ଓ ଡାକ୍ତରଖାନା ପରିଦର୍ଶନ କରିବା ସହ ଡିସେମ୍ବର ସୁଦ୍ଧା ଏଠାରେ ଖେଳପଡ଼ିଆ ପ୍ରକଳ୍ପ କାମ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖେଳପଡ଼ିଆ ନିର୍ମାଣ ପାଇଁ ପରିଷଦ ପକ୍ଷରୁ ୨ କୋଟି ଟଙ୍କାର ଅନୁଦାନ ଦିଆଯାଇଥିଲା। ଏହାସହ ୫୦ ଶଯ୍ୟା ବିଶିଷ୍ଟ କର୍କଟ ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ଦ୍ୱରାନ୍ୱିତ ତତ୍ପରତାର ସହିତ ସାରିବା ପାଇଁ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ। ଜିଲ୍ଲାର ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ସମ୍ମିଳନୀ କକ୍ଷରେ ଆପିକଲ୍ ଦ୍ୱାରା ଆୟୋଜିତ ହୋଇଥିବା ସାକ୍ଷାତ କାର୍ଯ୍ୟକ୍ରମରେ ଜିଲ୍ଲାର ଉଦ୍ୟୋଗୀମାନଙ୍କୁ ଭେଟିବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସଫଳ ରୂପାୟନ ବିଷୟରେ ଅବଗତ ହୋଇଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନଂ ୧୭ରେ ଯୁବ ମହିଳା ଉଦ୍ୟୋଗୀ ମମତା ନାଏକଙ୍କୁ ଶ୍ରୀ ତ୍ରିପାଠୀ ସାକ୍ଷାତ କରିଥିଲେ। ବିକାଶ ପରିଷଦ ସହାୟତାରେ ନିର୍ମିତ ହେଉଥିବା ୧୦୦୦ ଆସନ ବିଶିଷ୍ଟ ନୂଆ ଅଡିଟୋରିୟମ ବୁଲି ଦେଖିଥିଲେ। ମହାଲକ୍ଷ୍ମୀନଗରରେ ପରିଷଦର ସହାୟତାରେ ନିର୍ମିତ କଲ୍ୟାଣ ମଣ୍ଡପ ପରିସରରେ ଡ୍ରେନ୍ ଓ ଫାଟକ ନିର୍ମାଣ କାର୍ଯ୍ୟକୁ ମଧ୍ୟ ଶ୍ରୀ ତ୍ରିପାଠୀ ତଦାରଖ କରିଥିଲେ। ପରିଦର୍ଶନ ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ ମିଶ୍ର, ତିନିଟି ଜିଲ୍ଲାର ଜିଲ୍ଲାପାଳ, ବରିଷ୍ଠ ଅଧିକାରୀ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୈଷୟିକ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ରାଜ୍ୟସ୍ତରୀୟ ଖୋଖୋ କ୍ରୀଡ଼ା

ପୁରୀ, ୨୧/୧୦ (ନି.ପ୍ର): ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡ ପରିସରରେ ରାଜ୍ୟ ସ୍ତରୀୟ ଖୋ ଖୋ କ୍ରୀଡା ଆଜି ଠାରୁ ଆରମ୍ଭ ହୋଇଛି । ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା କ୍ରୀଡା ସଂଘର ପୂର୍ବତନ ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର ଓ ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ଏହାର ପରିଚାଳନା କରୁଛନ୍ତି । ପ୍ରଥମ ଦିନର ପ୍ରଥମ ମ୍ୟାଚ ବାଲେଶ୍ୱର ଓ ଭୁବନେଶ୍ୱର ଜୁନିୟର ବାଳକ ବର୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ବିଜୟ ଲାଭ କରିଥିଲା । ଏହାପରେ ଭଦ୍ରକ ଏବଂ ଯାଜପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରେ ଯାଜପୁର ବିଜୟ ଲାଭ କରିଥିଲା । ଅନୁଗୁଳ ଏବଂ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରେ ବଲାଙ୍ଗୀର ବିଜୟ ଲାଭ କରିଥିଲା । ପୁରୀ ଏବଂ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରେ ପୁରୀ ଟିମ୍ ବାଜିମାତ କରିଥିଲା । ଢେଙ୍କାନାଳ, ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରେ ଢେଙ୍କାନାଳ ପୁରୀ କୁ ହରେଇ ଆଗରେ ରହିଛି । ସେହିପରି ସର୍ବକନିଷ୍ଠ ବାଳିକା ବିଭାଗରେ ପ୍ରଥମ ମ୍ୟାଚ୍ ଭୁବନେଶ୍ୱର ଏବଂ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ବିଜୟ ଲାଭ କରିଥିଲା। ଏହାପରେ ବଲାଙ୍ଗୀର ଏବଂ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରେ ବଲାଙ୍ଗୀର ବିଜୟୀ ହୋଇଥିଲା। ଏହାପରେ ଯାଜପୁର ଏବଂ ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ରେ ପୁରୀ ବିଜୟ ଲାଭ କରିଥିଲା ଏବଂ ସୁନ୍ଦରଗଡ଼ ସହ ମୟୂରଭଞ୍ଜ ମ୍ୟାଚ୍ ରେ ସୁନ୍ଦରଗଡ଼ ବିଜୟ ଲାଭ କରିଥିଲା। ସମସ୍ତ ଦଳର ଖେଳ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଆସନ୍ତା ଡିସେମ୍ବର ମାସରେ ଜାତୀୟ ସ୍ତରରେ କ୍ରୀଡା ଅନୁଷ୍ଠିତ ହେବାକୁ ଯାଉଛି, ତେଣୁ ଓଡ଼ିଶାର ସମସ୍ତ ଜିଲ୍ଲାରୁ ପ୍ରାୟ ୧୨୫୦ ଜଣ କ୍ରୀଡାବିତ୍ ପୁରୀରେ ପହଂଚି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି। ସେଥିରୁ ଯେଉଁମାନେ ଉନ୍ନତ କ୍ରୀଡା ପ୍ରଦର୍ଶନ କରିବେ ସେମାନେ ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହେବେ । ଏହି ରାଜ୍ୟ ସ୍ତରୀୟ ୧୬ ତମ ସବ ଜୁନିଅର ଓ ୧୨ ତମ ଜୁନିଅର କ୍ରୀଡା ପ୍ରତିଯୋଗିତା ୧୯ ତାରିଖରୁ ଆରମ୍ଭ ହୋଇଛି ଓ ୨୨ ତାରିଖରେ ସରିବ। ଏଥିରେ ୯୦ ଟି ମ୍ୟାଚ୍ ଖେଳାଯିବ । ୨୨ ତାରିଖ ଦିନ ଫାଇନାଲ ମ୍ୟାଚ୍ ଖେଳାଯାଇ ସେଥିରେ ଉନ୍ନତ କ୍ରୀଡା ପ୍ରଦର୍ଶନ କରିଥିବା କ୍ରୀଡାବିତ୍ ମାନଙ୍କୁ ଚୟନ କରାଯାଇ ଜାତୀୟ ସ୍ତରରେ ଖେଳିବା ନିମନ୍ତେ ପ୍ରେରଣ କରାଯିବ ବୋଲି ସୂଚନା ମିଳିଛି ।

# ନବରାତ୍ରୀର ଷଷ୍ଠ ଦୁର୍ଗା ସ୍ୱରୂପ ମା’ କାତ୍ୟାୟନୀ

ପୁରୀ, ୨୧/୧୦ (ନି.ପ୍ର): ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଶକ୍ତିପୀଠ ମାନଙ୍କରେ ମାଙ୍କ ନବରାତ୍ରି ପୂଜା ଅନୁଷ୍ଠିତ ହେଉଛି । ଆଜି ନବରାତ୍ରିର ଷଷ୍ଠ ଦିବସରେ ମାତା କାତ୍ୟାୟନୀଙ୍କୁ ଉପାସନା କରାଯାଏ । ମାତା ଦୁର୍ଗାଙ୍କର ଷଷ୍ଠ ସ୍ୱରୂପର ନାମ ହେଉଛି କାତ୍ୟାୟନୀ । ମାଆଙ୍କର ନାମ କାତ୍ୟାୟନୀ କାହିଁକି ହେଲା, ତାହାର ମଧ୍ୟ ଏକ କଥା ଅଛି । କତ ନାମକ ଏକ ପ୍ରସିଦ୍ଧ ମହର୍ଷି ଥିଲେ । ତାଙ୍କର ପୁତ୍ର ଋଷି କାତ୍ୟ ଥିଲେ । ସେହି କାତ୍ୟଙ୍କ ଗୋତ୍ରରେ ବିଶ୍ୱ ପ୍ରସିଦ୍ଧ ମହର୍ଷି କାତ୍ୟାୟନ ଥିଲେ । ସେ ଦେବୀ ଭଗବତୀ ପରାମ୍ବାଙ୍କ ଉପାସନା କରି କଠିନ ତପସ୍ୟା କରିଥିଲେ । ତାଙ୍କର ଇଚ୍ଛା ଥିଲା ମାତା ଭଗବତୀ ତାଙ୍କର ପୁତ୍ରୀ ହୋଇ ଜନ୍ମ ହୁଅନ୍ତୁ । ମା ଭଗବତୀ ତାଙ୍କର ମନବାଞ୍ଛା ପୂର୍ଣ୍ଣ କରିଥିଲେ । ଯେବେ ଦାନବ ମହିଷାସୁରର ଅତ୍ୟାଚାର ପୃଥିବୀରେ ବଢ଼ିଗଲା । ସେତେବେଳେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତିନି ଦେବତା ନିଜ ନିଜର ତେଜର ଅଂଶ ଦେଇ ମହିଷାସୁରର ବିନାଶ ପାଇଁ ଏକ ଦେବୀଙ୍କୁ ପ୍ରକଟ କଲେ, ସେତେବେଳେ ମହର୍ଷି କାତ୍ୟାୟନ ମାଆଙ୍କର ପୂଜା କରିଥିବାରୁ ମାତା ତାଙ୍କୁ ପିତା ସମ୍ବୋଧନ କରିଥିଲେ । ତେଣୁ ମାତାଙ୍କର ନାମ କାତ୍ୟାୟନୀ ରଖାଯାଇଥିଲା । ମାତା କାତ୍ୟାୟନୀଙ୍କର ସ୍ୱରୂପ ଅତ୍ୟନ୍ତ ଉଜ୍ଜ୍ୱଳ ଓ ପ୍ରଚଣ୍ଡ ଏବଂ ତାଙ୍କର ଚାରି ହାତ ।

# ସରକାରୀ ଅନୁଦାନ ପାଣ୍ଠିରେ ନିର୍ମିତ ଗୋଷ୍ଠି କେନ୍ଦ୍ର ପାଲଟିଛି ଅସାମାଜିକ ଗୋଷ୍ଠୀଙ୍କ ଆଡ୍ଡାସ୍ଥଳୀ

ସମ୍ବଲପୁର, ୨୧/୧୦ (ନି.ପ୍ର): ସରକାରୀ ଅନୁଦାନ ପାଣ୍ଠିରେ ନିର୍ମିତ ଗୋଷ୍ଠି କେନ୍ଦ୍ର ପାଲଟୁଛି ଅସାମାଜିକ ଗୋଷ୍ଠୀଙ୍କ ଆଡ୍ଡାସ୍ଥଳୀ, ଯାହାଫଳରେ ସ୍ଥାନୀୟ ଅଂଚଳରେ ତୀବ୍ର ଜନସନ୍ତୋଷ ପ୍ରକାଶ ପାଉଛି। ଦିନକୁ ଦିନ ବିଭିନ୍ନ ବସ୍ତି ଅଂଚଳରେ ଲୋକଙ୍କୁ ଖୁସି କରିବା ଉଦ୍ଦେଶ୍ୟରେ ତଥା ଦଳୀୟ ଠିକାଦାରଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ନିର୍ମାଣ ହେଉଛି ଗୋଷ୍ଠୀ ବିକାଶ କେନ୍ଦ୍ର। ସାଂସଦ ବା ବିଧାୟକଙ୍କ ଅନୁଦାନ ପାଣ୍ଠି ହେଉ ବା ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନ ପାଣ୍ଠି ହେଉ, ଯୁଆଡ଼େ ଚାହିଁବ ସିଆଡେ ନିର୍ମାଣ ହେଉଛି ମାଳ ମାଳ କମ୍ୟୁନିଟି କେନ୍ଦ୍ର। ଲୋକଙ୍କ ଆବଶ୍ୟକତା ଥାଉ ବା ନଥାଉ, ସେସବୁ ସଠିକ କାର୍ଯ୍ୟରେ ଆସୁ କି ନ ଆସୁ ପରବାୟ ନାହିଁ । ନେତା ଠୁ ମନ୍ତ୍ରୀ ନିଜର ଦାନବୀର ଗୁଣରେ ଖୁସ୍ ତ ବସ୍ତି ବାସିନ୍ଦା ମଧ୍ୟ ନିଜ ଅଂଚଳରେ ପାଉଛନ୍ତି ବୋଲି ଖୁସ । ହେଲେ ଏହାର ବ୍ୟବହାରକୁ ନେଇ ଏବେ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଏହିପରି ସମସ୍ୟା ଦେଖିବାକୁ ମିଳିଛି ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋବିନ୍ଦତୋଳା ଅଂଚଳରେ। ନବନିର୍ମିତ ଗୋବିନ୍ଦତୋଳା ପରିବା ବଜାର ପାର୍ଶ୍ୱରେ ବହୁତ ଦିନ ଧରି ବିଧାୟକ ଅନୁଦାନ ପାଣ୍ଠିରେ ଗୋଟିଏ ଗୋଷ୍ଠି କେନ୍ଦ୍ର ନିର୍ମିତ ହୋଇଛି, ଯାହାର ବ୍ୟବହାର ଦିଗକୁ ଅନୁଧାନ କଲେ କେବଳ ଅସାମାଜିକ ବ୍ୟକ୍ତିମାନଙ୍କର ଅଡ୍ଡାସ୍ଥଳୀରେ ପରିଣତ ହେଉଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ, ଏହି ଗୋଷ୍ଠି କେନ୍ଦ୍ର(ଗୃହ) ରେ ମାଦକ ଦ୍ରବ୍ୟ କାରବାର ହେଉଥିବା ମଧ୍ୟ ଜନସାଧାରଣରେ ଚର୍ଚ୍ଚା ହେଉଛି। ସଞ୍ଜ ନଇଁବା ପରଠୁଁ ବିଳମ୍ବିତ ରାତି ବା ରାତି ତମାମ୍ ଅନ୍ଧାର ଭିତରେ ଏଠାରେ ଚାଲିଥାଏ ନିଶାସକ୍ତ ଯୁବଗୋଷ୍ଠୀଙ୍କ ମୁଖ୍ୟ ଆତଯାତର କେନ୍ଦ୍ର। ଠିକ ସେହିପରି ଏହି ପରିବା ହାଟର ଆଗକୁ ହନୁମାନ ମନ୍ଦିର ପାଖରେ କିଛି ଦିନ ହେଲା ପଶ୍ଚିମ ଓଡିଶା ବିକାଶ ପରିଷଦର ଅନୁଦାନ ପାଣ୍ଠିରୁ ଜଣେ ଠିକାଦାରଙ୍କ ମାଧ୍ୟମରେ ମାନେଶ୍ୱର ପଂଚାୟତ ସମିତି ଦ୍ୱାରା ନିର୍ମିତ ହୋଇଛି ଏକ ଅସାମାଜିକ ଗୋଷ୍ଠୀ ବିକାଶ କେନ୍ଦ୍ର। ଯାହାର ବ୍ୟବହାର ପରଖିବା ବେଳକୁ ସିଏ ବି ଏବେ ପାଲଟି ବସିଲାଣି କିଛି ଯୁବ ଗୋଷ୍ଠୀଙ୍କର ପେଣ୍ଠସ୍ଥଳୀ । ସଂପୃକ୍ତ ଯୁବଗୋଷ୍ଠୀ ସକାଳୁ ଆରମ୍ଭ କରି ରାତିଅଧ ଯାଏ ଏହି ଗୋଷ୍ଠୀ ଗୃହରେ ତଥା ଆଖ ପାଖରେ ଚଳ ପ୍ରଚଳ କରୁଥିବାବେଳେ ଅନେକେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ମଧ୍ୟ ଅନେକ ଅଂଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି ଏହି ଅସାମାଜିକ ତତ୍ୱଙ୍କ କାର୍ଯ୍ୟକଳାପରେ ବାଧକ ସାଜୁଥିବା ଯୋଗୁଁ ଗୋଷ୍ଠୀ କେନ୍ଦ୍ରର କବାଟକୁ ମଧ୍ୟ ଭାଙ୍ଗି ଦେଇଥିବା ଦେଖାଯାଇଛି। କିଛି ଦିନ ପୂର୍ବରୁ ଏହି ଘଟଣା ସମ୍ପର୍କରେ ଧନୁପାଲି ଥାନାରେ କିଛି ସ୍ଥାନୀୟ ସଚେତନ ନାଗରିକମାନେ ଅଭିଯୋଗ କରିଥିଲେ। ମାତ୍ର ଏ ଦିଗରେ ପୋଲିସର ନୀରବଦ୍ରଷ୍ଟା ଯୋଗୁଁ ଏବେବି ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସରକାରୀ ନିର୍ମିତ ଗୋଷ୍ଠୀ କେନ୍ଦ୍ର ଗୁଡିକରେ ଅସାମାଜିକ ଓ ନିଶା କାରୋବାରୀ ଯୁବ ଗୋଷ୍ଠୀ ଙ୍କର ପ୍ରାଦୁର୍ଭାବ ବଢିବା ଯୋଗୁଁ ଆଗାମୀ ଦିନର ଅନ୍ୟ ଯୁବ ଗୋଷ୍ଠୀ ମାନେ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ଦୃଷ୍ଟିରୁ ଏହି ଗୋବିନ୍ଦତୋଳା ଅଂଚଳରେ ଆତଙ୍କର ବାତାବରଣ ସୃଷ୍ଟି ହେବାରେ ଲାଗିଲାଣି ବୋଲି ଜନସାଧାରଣ ରେ ଚର୍ଚ୍ଚା ହେଉଛି। ଏହିପରି ସମ୍ବେଦନଶୀଳ ସମସ୍ୟାକୁ ଜିଲ୍ଲା ପ୍ରଶାସନ ତଥା ପୋଲିସ ବିଭାଗ ଗୁରୁତର ସହ ସମାଧାନ ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# କେନ୍ଦ୍ରାପଡା କଲେଜରେ ୨ କଲେଜ ଅଧ୍ୟାପକଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ କରାଇବାକୁ ମସୁଧା

କେନ୍ଦ୍ରାପଡ଼ା, ୨୧/୧୦ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧୁନା ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟୀତ୍ୱରେ ଥିବା ଗୋପାଳ ଚନ୍ଦ୍ର ବେହେରା ଆସନ୍ତା ନଭେମ୍ବର ମାସ ୩୦ ତାରିଖରେ ଅବସର ଗ୍ରହଣ କରିବେ । ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ପରେ କେନ୍ଦ୍ରାପଡା ମହାବିଦ୍ୟାଳୟର ବରିଷ୍ଠତା ଭିତିରେ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସଞ୍ଜୀବ କୁମାର ମହାନ୍ତିଙ୍କ ନାମ ପ୍ରଥମରେ ଥିବା ବେଳେ ଦ୍ୱିତୀୟ ବରିଷ୍ଠ ଭାବେ ଗଣିତ ବିଭାଗର ଅଧ୍ୟାପକ ଅଶୋକ କୁମାର ମିଶ୍ର, ତୃତୀୟ ବରିଷ୍ଠ ଭାବେ ପରିସଂଖ୍ୟାନ ବିଭାଗର ଅଧ୍ୟାପିକା ମିନତୀ ପ୍ରଭା ଜେନା ଓ ଚତୁର୍ଥ ବରିଷ୍ଠ ଭାବେ ସେହି ପରିସଂଖ୍ୟାନ ବିଭାଗର ଅଧ୍ୟାପିକା ପୂର୍ଣ୍ଣମାସୀ ପଣ୍ଡାଙ୍କ ନାମ ରହିଛି । କିନ୍ତୁ, ବର୍ତମାନର ଅଧ୍ୟକ୍ଷ ଶ୍ରୀ ବେହେରା ନିକିରାଇ ବୀର ହନୁମାନଜୀଉ ୨ ମହାବିଦ୍ୟାଳୟରୁ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ବଦଳି ହୋଇ ଆସିଥିବା ଅର୍ଥଶାସ୍ତ୍ର ବିଭାଗର ଅଧ୍ୟାପକ ଜ୍ଞାନୀନ୍ଦ୍ର ଦାଶ ଏବଂ ଅଡଶପୁର ମହାବିଦ୍ୟାଳୟରୁ କେନ୍ଦ୍ରାପଡା କଲେଜକୁ ବଦଳି ହୋଇ ଆସିଥିବା ଇଂରାଜୀ ବିଭାଗ ଅଧ୍ୟାପକ ମନୋରଞ୍ଜନ ମହାନ୍ତିଙ୍କ ନାମ ବେଆଇନ ଭାବେ ଉଚ୍ଚଶିକ୍ଷା ବିଭାଗକୁ ସୁପାରିଶ କରିବାକୁ ମସୁଧା ଚଳାଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। ଉଭୟ ଅଧ୍ୟାପକ ଶ୍ରୀ ଦାଶ ଓ ଅଧ୍ୟାପକ ଶ୍ରୀ ମହାନ୍ତି ୨ କଲେଜରୁ ଚାକିରୀ ଆରମ୍ଭ କରି ପରେ କେନ୍ଦ୍ରାପଡା କଲେଜକୁ ଆସିଥିବା ବେଳେ ସେମାନେ ୨୩୩ବର୍ଗର ଅଧ୍ୟାପକ ଅଟନ୍ତି । ଏଠାରେ ସୂଚନା ଯୋଗ୍ୟଯେ ଅର୍ଥଶାସ୍ତ୍ର ବିଭାଗ ଅଧ୍ୟାପକ ଶ୍ରୀ ଦାଶ ନିକିରାଇସ୍ଥିତ ବୀର ହନୁମାନଜୀଉ ୨ କଲେଜରେ ଗତ ତା ୪.୦୭.୧୯୮୮ ମସିହାରେ ଯୋଗଦେଇଥିବା ବେଳେ ତାଙ୍କୁ ଗତ ତା ୦୧.୦୬.୧୯୮୮ ମସିହାରୁ (୧/୩) ସରକାରୀ ଅନୁଦାନରେ ଦରମା ମିଳିଥିବା ଉଚ୍ଚଶିକ୍ଷା ବିଭାଗର ଜି.ଓ. ନମ୍ବର ୨୮୩୮୦ ତା ୦୧.୦୫.୧୯୯୧ କହୁଛି । ଏତଦବ୍ୟତିତ ଓଡିଶା ଉଚ୍ଚ ନ୍ୟାୟାଳୟ ଏକ ମାମଲାରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିଥିବା ନିର୍ଦ୍ଦେଶର ବିଚାର କରି ଉଚ୍ଚଶିକ୍ଷା ବିଭାଗ ଗତ ତା ୪.୦୮.୨୦୨୩ରିଖରେ ନିର୍ଦ୍ଦେଶନାମା ନମ୍ବର - ୩୩୦୪୭/ଏଚଇ ରେ ଜୁନିଅର କଲେଜର ଅଧ୍ୟାପକ ୩ କଲେଜର ଅଧ୍ୟକ୍ଷ ହୋଇପାରିବେନି ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହାବ୍ୟତିତ ସରକାରଙ୍କ ନିୟମ ଅନୁଯାୟୀ ଜଣେ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଥିଲେ ସେଠାରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯିବା କଥା । କିନ୍ତୁ, ଅଧ୍ୟାପକ ଶ୍ରୀ ଦାଶ କେନ୍ଦ୍ରାପଡା କଲେଜରେ ଦୀର୍ଘ ୧୮ବର୍ଷରୁ ଉର୍ଦ୍ଧ୍ୱ ରହି ଆସିଥିବା ବେଳେ ତାଙ୍କୁ ଏଠାରୁ କାହିଁକି ବଦଳି କରାଯାଇନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ କିଛି ବର୍ଷ ଧରି ହୋଇଥିବା ଅର୍ଥ ତୋଷରପାତ, ମହାଦୁର୍ନୀତି ଓ ଘୋଟାଲା ଗୁଡିକୁ ଚପାଇଦେବାକୁ ବର୍ତମାନର କଲେଜ ଅଧ୍ୟକ୍ଷ ଏଭଳି ବେଆଇନ ଭାବେ ୨ କଲେଜର ୨ଜଣ ଅଧ୍ୟାପକଙ୍କ ନାମକୁ ଉଚ୍ଚଶିକ୍ଷା ବିଭାଗକୁ ସୁପାରିଶ କରିବାକୁ ମସୁଧା ଚଳାଇଥିବା ପୁରାତନ ଛାତ୍ର ପରମାନନ୍ଦ ମହାରଣା, ବାନାମ୍ବର ସାହୁ, ଦୈତାରୀ ସେଠୀ, ପ୍ରତାପ ମହାନ୍ତି ପ୍ରମୁଖ ଅଭିଯୋଗ କରିବା ସହିତ ଏନେଇ ବିଭାଗୀୟ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ସମଲେଇ ଅଗରବତୀ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର, ୨୧/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଆନନ୍ଦ ଏବଂ ଗର୍ବର ସହିତ ଆଜି ଜିଲ୍ଲା ସ୍ୱଧାର ଗୃହ ଠାରେ ସମ୍ମାନିତ ମୁଖ୍ୟ ଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଆଇଏଏସ୍ ଅସିତ ତ୍ରିପାଠୀଙ୍କ କରକମଳରେ ''ସମଲେଇ ଅଗରବତୀ ଉତ୍ପାଦନ କେନ୍ଦ୍ର''ର ଶୁଭ ଉଦଘାଟନ ହୋଇଯାଇଛି । ମିଶନ ଶକ୍ତି ଦ୍ୱାରା କ୍ଷମତାପନ୍ନ ଏହି ପଦକ୍ଷେପ, ଦୁର୍ଭାଗ୍ୟଜନକ ପରିସ୍ଥିତିର ଶିକାର ହୋଇଥିବା ତଥା ଜୀବନର ଅନ୍ଧକାର ପର୍ଯ୍ୟାୟରୁ ଆଗକୁ ବଢିବା ପାଇଁ ଅନୁଷ୍ଠାନିକ ସହାୟତା ଆବଶ୍ୟକ କରୁଥିବା ମହିଳାଙ୍କୁ ସଶକ୍ତ କରାଇ ମାନବିକତା ଉପରେ ସେମାନଙ୍କ ବିଶ୍ୱାସକୁ ଫେରାଇ ଆଣିବା ସହିତ ସେମାନଙ୍କୁ ଏକ ସମ୍ମାନଜନକ ଜୀବନଯାପନ କରିବାର ସୁଯୋଗ ଦେବା ପାଇଁ ପ୍ରତିଜ୍ଞାବଦ୍ଧ । ଏହା ସେମାନଙ୍କୁ ଖାଦ୍ୟ, ଆଶ୍ରୟ, ପୋଷାକ ଭଳି ମୌଳିକ ସୁବିଧା ଯୋଗାଇ ଦେବା ସହ ସେମାନଙ୍କୁ ଅର୍ଥନୈତିକ ଏବଂ ସାମାଜିକ ନିରାପତ୍ତାର ଏକ ଭାବନା ଯୋଗାଇବ । ମନ୍ଦିରରେ ଲାଗି ହୋଇଥିବା ବାସି ଫୁଲର ପ୍ରକ୍ରିୟାକରଣରୁ ଉତ୍ପାଦିତ ଏହି ''ସମଲେଇ ଅଗରବତୀ'' ବାସ୍ତବରେ ଅନନ୍ୟ । ଅନେକ କ୍ଷେତ୍ରରେ ବାସି ଫୁଲକୁ ବର୍ଜ୍ୟବସ୍ତୁ ଭାବେ ରାସ୍ତା କଡରେ ବା ଗଳି ମାନଙ୍କରେ ବଡ଼ ବଡ଼ ଗଦାରେ ଛାଡି ଦିଆଯାଇଥାଏ, ଯାହାକି ଅତିରିକ୍ତ ଅଙ୍ଗାରକାମ୍ଳ ନିର୍ଗମନ କରିବା ସହିତ ଅନ୍ୟାନ୍ୟ ପ୍ରକାରର ବାୟୁ ଏବଂ ମୃତିକା ପ୍ରଦୂଷଣ ଭଳି ସମସ୍ୟା ସୃଷ୍ଟି କରିଥାଏ । ଏହି ଅନନ୍ୟ ଉତ୍ପାଦନ ପ୍ରକ୍ରିୟାରେ ''ମା ସମଲେଶ୍ୱରୀ ମନ୍ଦିର''ରୁ ବାହାରୁଥିବା ବାସି ଫୁଲର ବ୍ୟବହାର କରି ଏହି ଉତ୍ପାଦକ ୟୁନିଟ୍ ସେହି ସମସ୍ୟାର ସମ୍ପୂର୍ଣ୍ଣ ରୂପେ ସମାଧାନ କରିବ । ଏହି ଅଗରବତୀ ଉତ୍ପାଦକ ୟୁନିଟ ଦୈନିକ ୩୦୦ କିଲୋଗ୍ରାମ ବର୍ଜ୍ୟ ପୁଷ୍ପର ପ୍ରକ୍ରିୟାକରଣ କରିବାରେ ସକ୍ଷମ । ୟୁନିଟରେ ପଲଭରାଇଜର, ମିଶ୍ରଣ, ଗ୍ରାଇଣ୍ଡିଂ, ଧୂପ ଏବଂ ଅଗରବତୀ ମେସିନ୍, ପ୍ୟାକେଜିଂ ଇତ୍ୟାଦି ପାଇଁ ବିଭିନ୍ନ ମେସିନ ଅଛି । ଏହି କେନ୍ଦ୍ରରେ କାର୍ଯ୍ୟରତ ମହିଳାମାନେ ସମସ୍ତ ଆବଶ୍ୟକୀୟ କ୍ଷେତ୍ରରେ ପ୍ରଶିକ୍ଷଣ ଗ୍ରହଣ କରିସାରିଛନ୍ତି, ଯାହାକି ସେମାନଙ୍କୁ କୌଶଳୀ କରିବା ସହ କୌଣସି ଅସୁବିଧାର ସାମ୍ନା ନ କରି ଜୀବିକା ନିର୍ବାହ ପାଇଁ ମଧ୍ୟ ଏକ ଉପଯୁକ୍ତ ସୁଯୋଗ ପ୍ରଦାନ କରିଛି। ଏହି ପଦକ୍ଷେପ ପାଇଁ ସମ୍ବଲପୁର ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଆର୍ଥିକ ଅନୁଦାନ ପ୍ରଦାନ କରିଛି ଏବଂ ସମ୍ବଲପୁର ମ୍ୟୁନିସିପାଲିଟି କର୍ପୋରେସନ୍ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରାଯାଇଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ -୨୦୨୩ ଅନୁଷ୍ଠିତ

ଗଞ୍ଜାମ, ୨୧/୧୦ (ନି.ପ୍ର): ଛତ୍ରପୁର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ ଲୀନା କୁମାରୀ ଖେସ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦଘାଟନ କରି ନିଜ ବକ୍ତବ୍ୟରେ ଶିଶୁମାନଙ୍କ ଭିତରେ ରହିଥିବା ପ୍ରତିଭାକୁ ବିକଶିତ କରିବା ଦିଗରେ ଶିଶୁ ମହୋତ୍ସବ ଏକ ସୁନ୍ଦର ପ୍ରୟାସ, ଶିଶୁଗଣ ପ୍ରତିଯୋଗିତା ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ ବେଳେ ଯଦି ପୁରସ୍କାର ପାଆନ୍ତି ନାହିଁ ତେବେ ନିରୁତ୍ସାହିତ ନ ହୋଇ ପରବର୍ତୀ ପର୍ଯ୍ୟାୟରେ କିଭଳି ପୁରସ୍କାର ପାଇବେ ସେଥି ସକାଶେ ପ୍ରୟାସ କରିବାକୁ ପ୍ରବର୍ତାଇଥିଲେ । ଅନ୍ୟତମ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ପ୍ରତ୍ୟକ ମଣିଷଙ୍କ ପାଖରେ କିଛି ନା କିଛି ପ୍ରତିଭା ଭରିଛି । ସେହି ପ୍ରତିଭା ଗୁଡିକ ପ୍ରଦର୍ଶନ ମାଧ୍ୟମରେ ବିକଶିତ ହୋଇପାରିବ । ଛୋଟବେଳୁ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭା ପ୍ରଦର୍ଶନ ହୋଇପାରିଲେ ସେହି ଗୁଣକୁ ନେଇ ସମାଜର ମଙ୍ଗଳ ଦିଗରେ ନିଜକୁ ବିନିଯୋଗ କରିପାରିବେ । ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ପ୍ରତ୍ୟକ ଶିଶୁଙ୍କର ଆବଶ୍ୟକତା ରହିଛି ବୋଲି ମତ ପୋଷଣ କରିଥିଲେ। ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ପ୍ରତିଭା ପ୍ରଦର୍ଶନ ଦ୍ୱାରା ପ୍ରତିଭା ବିକଶିତ ହେବ ବୋଲି ଜଣାଇଥିଲେ । ଶିଶୁମଙ୍ଗଳ କମିଟିର ସଭ୍ୟ ପ୍ରଣବ ପାଢୀ ଜୁଭିନାଲ ଜଷ୍ଟିସ ବୋର୍ଡର ସଭ୍ୟା ଡ଼ା. ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏଠାରେ ପ୍ରକାଶ ଥାଉକି, ଏହି ଶିଶୁ ମହୋତ୍ସବରେ ସଙ୍ଗୀତ, ବକୃତା, କୁଇଜ, ଦଳଗତ ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁଗଣ ରାଜ୍ୟ ସ୍ତରୀୟ ମହକ-୨୦୨୩ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଧରାକୋଟ ବାଲିକେଶ୍ୱର ଅନାଥ ଆଶ୍ରମ, ଗୋପାଳପୁର ସ୍ଥିତ ଶ୍ରଦ୍ଧା ସଂଜୀବନୀ ଶିଶୁ ସୁରକ୍ଷା ଅନୁଷ୍ଠାନ ଚିକିଟି ସ୍ଥିତ ଡିଭାଇନ ଲାଇଫ ସୋସାଇଟି ଏବଂ ବ୍ରହ୍ମପୁରସ୍ଥ ଉତ୍କଳ ବାଳାଶ୍ରମର ଛାତ୍ରଛାତ୍ରୀ ଗଣ ଏହି ଶିଶୁ ମହୋତ୍ସବରେ ଯୋଗଦାନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତା ଶେଷ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ମହାରଣା, ସୁଶାନ୍ତ କୁମାର ସାହୁ, ସୁଦାମ ପାଣିଗ୍ରାହୀ, ଶିବପ୍ରସାଦ ରଥ, ସୁଜିତ କୁମାର ସାହୁ, କାମେଶ୍ୱର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ଗୋବିନ୍ଦତୋଳାରେ ୫୫ ତମ ଶାରଦୀୟ ଦୁର୍ଗାପୂଜା : ବିଲ୍ୱବରଣ ପୂଜା ସହ କଳସାଧିବାସ

ସମ୍ବଲପୁର, ୨୧/୧୦ (ନି.ପ୍ର): ସମ୍ବଲପୁର ସହରର ଗୋବିନ୍ଦତୋଳା ଠାରେ ଆୟୋଜିତ ୫୫ ତମ ଶାରଦୀୟ ଦୁର୍ଗାପୂଜା ଅବସରରେ ଆଜି ବିଲ୍ୱବରଣ ପୂଜା ବିଧି ଓ କଳସାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ନିଷ୍ଠାର ସହ ପୂଜାବିଧି ପଣ୍ଡିତ ଜଗଦିଶ ଦାଶ ଓ ସହଯୋଗୀ ସୁଶ୍ରିତ ଷଡ଼ଙ୍ଗୀ, ଶଶାଙ୍କ ବେହେରା ପ୍ରମୁଖଙ୍କ ପୌରାହିତ୍ୟରେ, ଚଳିତ ବର୍ଷର ପୂଜା କର୍ତ୍ତା ଦମ୍ପତ୍ତି ଦାଶରଥି ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ନିକିତା ପଣ୍ଡାଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା । ଗୋବିନ୍ଦତୋଳା ବସ୍ତିରେ ବିଲ୍ୱ ବରଣ ପୂଜାବିଧି କରିବା ପରେ ମହାନଦୀ ଓ ହରଡ଼ ଜୋର ସଙ୍ଗମ ସ୍ଥାନରେ ପୂଜାବିଧି କ୍ରମେ କଳସ ବୁଡ଼ା ତଥା ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି କ୍ରମରେ ଗୋବିନ୍ଦତୋଳା ସ୍ଥିତ ଶିବ ମନ୍ଦିରରେ ଓ ରାଧାକୃଷ୍ଣ ମନ୍ଦିରରେ ପୂଜା ଅର୍ଚ୍ଚନା ପୂର୍ବକ ଶାରଦୀୟ ପୂଜା ନିମନ୍ତ୍ରଣ କରାଯାଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୯ ଜଣ ଶ୍ରୋତୀୟ ବ୍ରାହ୍ମଣ ଦୀପକ ପଣ୍ଡା, ଜଗନ୍ନାଥ ପଣ୍ଡା, ରଂଜିତ ରଥ, ପ୍ରକାଶ ପଣ୍ଡା, ସ୍ୱରୂପ ପୁରୋହିତ, ଅନିଲ ନାୟକ, ପ୍ରତୀକ ପଣ୍ଡା, ନିମାଇଁ ଚରଣ ପଣ୍ଡା ଓ ନିପଙ୍କର ସେନ୍ ପ୍ରମୁଖଙ୍କ ସମେତ ଅନେକ ମହିଳା ସଂକଳ୍ପ ରଖି କଳସ ବୁଡାଇଥିଲେ । ଏହି କଳସ ଯାତ୍ରା ଓ ବିଲ୍ୱ ବରଣ ପୂଜାବିଧି ଗୌରୀଦାଶ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ବସନ୍ତ ଦାଶ, ଜୟନାରାୟଣ ଶତପଥି, ପ୍ରଦୀପ ମିଶ୍ରଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିଲା । ଚଳିତ ବର୍ଷର ଆଜିର ଶାରଦୀୟ ଦୁର୍ଗାପୂଜାର ପ୍ରାରମ୍ଭିକ ପୂଜାବିଧି କାର୍ଯ୍ୟକ୍ରମରେ କମିଟିର ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଶୁଭମ ମହାପାତ୍ର, କୋଷାଧକ୍ଷ ବାଙ୍କବିହାରୀ ପଣ୍ଡା, ଲଟେରୀ କମିଟି ଅଧ୍ୟକ୍ଷ ଅଜୟ ସାହୁ, ଶ୍ରୀକାନ୍ତ ପଣ୍ଡା,କରୁଣାକର ଶତପଥି, ହିମାଂଶୁ ଶେଖର ପ୍ରଧାନ, ଦିଲୀପ ଠାକୁର, ବାବୁଲୁ ପଣ୍ଡା ଙ୍କ ସହ ଶତାଧିକ ମହିଳା, ପୁରୁଷ ତଥା ଯୁବକ ମାନେ ସାମିଲ ହୋଇଥିଲେ । ଆଜିର ଏହି ବିଶେଷ କାର୍ଯ୍ୟକ୍ରମରେ ହୂଳହୁଳି, ଘଂଟ, ଶଙ୍ଖ ଓ ବାଦ୍ୟକୁ ସାମିଲ କରାଯାଇଥିଲା । ରାସ୍ତାର ବିଭିନ୍ନ ସ୍ଥାନ ସମେତ ପ୍ରତ୍ୟେକଙ୍କ ଘର ସମ୍ମୁଖରେ ରଙ୍ଗୋଲି, ଚିତାଲାଗି ଦୀପ ଓ କଳସୀ ଲଗାଇ ମାଁ ଭୁବନେଶ୍ୱରୀଙ୍କ କଳସ ଯାତ୍ରାକୁ ସ୍ୱାଗତ ସମ୍ମାନ ଜଣାଇଥିବା ଦେଖିବାକୁ ମିଳିଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ଅକ୍ଟୋବର ୨୦୨୩
email : rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ.ଭାଗବତ ବେହେରା



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

### ଭାଗ-୨୩

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କୁଆଡ଼େ ଗଲେ ତାଙ୍କର ଅତି ଆପଣାର ଦେବୀ ତପସ୍ୱିନୀ ? ସେ ପ୍ରତ୍ୟହ ସନ୍ଧ୍ୟା ସମୟରେ ଏହି ସ୍ଥାନକୁ ଆସି ତାଙ୍କ ଜୀବନର ଦୁଃଖଦ କାହାଣୀକୁ ବଖାଣି ବସନ୍ତି । ହେଲେ ଆଜି ସେ ନାହାନ୍ତି । ତାଙ୍କ ବିହୁନେ ଆଶ୍ରମର ବଉଳବେଦୀ ଖାଁ ଖାଁ ଲାଗୁଛି । ଘଟଣା କ'ଣ ଘଟିଛି ଜାଣିବା ପାଇଁ ସୁଧାମୟୀ ପ୍ରୀତିଦାକୁ ପଚାରିଥିଲା ସଖୀ ପ୍ରୀତିଦା ! ତୁମେ ଦେବୀ ତପସ୍ୱିନୀଙ୍କୁ ଦେଖିଛ ?

ସୁଧାମୟୀ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପ୍ରୀତିଦା କହିଥିଲା, ସଖୀ ସୁଧାମୟୀ ! ତାଙ୍କ ଦେହ ଭଲ ନାହିଁ ବୋଲି ମା' ଅନୁକମ୍ପା କହୁଥିଲେ । ଆଜି ସେ ସନ୍ଧ୍ୟା ସମୟରେ ତମସାକୁ ସ୍ନାନ ପାଇଁ ମଧ ଯାଇନାହାନ୍ତି । ଆଶ୍ରମରେ ଆଜି କାମର ଭିଡ଼ ହେତୁ ମୁଁ ମଧ ତାଙ୍କୁ ଭେଟିବାକୁ ଯାଇପାରି ନାହିଁ । ତୁମେ ଏହିଠାରେ ଅପେକ୍ଷା କରି ଥାଅ ସୁଧାମୟୀ । ମୁଁ ଯାଇ ତାଙ୍କୁ କୁଡ଼ିଆରୁ ଡାକି ଆଣୁଛି । ପ୍ରୀତିଦା କଥାରେ ପ୍ରତିବନ୍ଧକ ସୃଷ୍ଟିକରି ଐଶ୍ୱର୍ଯ୍ୟା କହିଥିଲା, ପ୍ରୀତିଦା ମା' ଅନୁକମ୍ପା କହୁଥିଲେ ସେ ଆଜି ଅତ୍ୟନ୍ତ ମନ ଦୁଃଖରେ ଅଛନ୍ତି । ବୋଧହୁଏ ଏ ସ୍ଥାନକୁ ଆସିପାରିବେ ନାହିଁ । ଚାଲ ଆମେ ସମସ୍ତେ ଯାଇ ତାଙ୍କୁ ଭେଟିଆସିବା ।

ଐଶ୍ୱର୍ଯ୍ୟା କଥାରେ ସହମତି ପ୍ରଦାନ କରି ମୁନିକନ୍ୟାମାନେ ଦେବୀ ସୀତାଙ୍କ କୁଡ଼ିଆ ଅଭିମୁଖେ ପାଦ ଚାଳି ଦେଇଥିଲେ । କୁଟୀର ଦ୍ୱାରଦେଶରେ ପହଞ୍ଚି ସେମାନେ ଦେଖିଲେ ଦେବୀ କୁଟୀର ଦ୍ୱାରକୁ ବନ୍ଦକରି ଦେଇ ଏକାକୀ ଭିତରେ ଅଛନ୍ତି । ଦେବୀ କ'ଣ କରୁଛନ୍ତି ଜାଣିବାପାଇଁ ଧୀରେ ଦ୍ୱାରକୁ ଖୋଲିଦେଇ ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଗୃହ ଭିତରେ ନିରବତା ବିରାଜମାନ କରୁଛି । ଦୀପଟିଏ ମିଞ୍ଜିମିଞ୍ଜି ହୋଇ ଗୋଟାଏ କୋଣରେ ଜଳୁଛି । ସେହି ଦୀପ ଶିଖାରେ ସେମାନେ ଦେଖିବାକୁ ପାଇଲେ ଘରର ଚଟାଣରେ କଜଳରେ ଅଙ୍କାଯାଇଛି ଏକ ଧନୁର୍ଦ୍ଧର ରାମ ମୂର୍ତ୍ତି । ଫୁଲରେ ଫୁଲରେ ସେହି ମୂର୍ତ୍ତିକୁ ସଜାଇ ଦିଆଯାଇଛି । ସେହି ମୂର୍ତ୍ତିର ପାଦତଳେ ମୁଣ୍ଡ ରଖି ଶୋଇ ରହିଛନ୍ତି ସୀତାଦେବୀ । ତାଙ୍କ ଚକ୍ଷୁରୁ ଅଶ୍ରୁ ଝରି ଘର ଚଟାଣକୁ ଭିଜାଇ ଦେଲାଣି । ଏ ଦୃଶ୍ୟ ଦେଖି ଚକିତ ହୋଇ ଯାଇଥିଲେ ମୁନିକୁମାରୀମାନେ । କଣ ହୋଇଛି ଆଜି ଦେବୀଙ୍କର ? କାଲି ସେ ବେଶ୍ ଖୁସିରେ ଥିଲେ । ଦିନଯାକ ଆଶ୍ରମ କନ୍ୟାଙ୍କ ସହିତ ମିଶି ନାନା କାର୍ଯ୍ୟ କରୁଥିଲେ । ଆଜି ହଠାତ୍ ଏମିତି ? କ'ଣ ହୋଇଛି ତାଙ୍କର । ଏପରି ଅବସ୍ଥାରେ ତାଙ୍କୁ ଡାକିବେକି ନାହିଁ ଏହିକଥା ଭାବୁଭାବୁ ପ୍ରୀତିଦା ଯାଇ ତାଙ୍କ ପାଖରେ ବସିପଡ଼ି ଧୀର କଣ୍ଠରେ କହିଥିଲା, "ଦେବୀ ! କ'ଣ ହୋଇଛି ଆଜି ଆପଣଙ୍କର ? ଆଜି କ'ଣ ବଉଳବେଦୀ ମୂଳକୁ ବିଜେ କରିବେ ନାହିଁ ? ଆଶ୍ରମବାସିନୀ କନ୍ୟାମାନେ ଆପଣଙ୍କୁ ସେଠାରେ ପ୍ରତୀକ୍ଷା କରି ରହିଛନ୍ତି । ଆପଣଙ୍କ ପ୍ରିୟ ହରିଣଶାବକ, ବାଛୁରୀମାନେ ସେଠାରେ ଆପଣଙ୍କୁ ଖୋଜୁଛନ୍ତି।" ପ୍ରୀତିଦା କଥାର କୌଣସି ଉତ୍ତର ଦେବୀ ସୀତା ନଦେବାରୁ ସୁଧାମୟୀ ତାଙ୍କ ନିକଟରେ ବସିପଡ଼ି ପଚାରିଥିଲେ, କ'ଣ ହୋଇଛି ଆଜି ଆପଣଙ୍କର ? ଦିନଯାକ ନଖାଇ ନପିଇ ଏମିତି ଅବସ୍ଥାରେ

ପ୍ରୀତିଦା, ସୁଧାମୟୀଙ୍କ କଥା ଶୁଣି ଭୋ ଭୋ ହୋଇ କାନ୍ଦି ଉଠି ବସିଥିଲେ ଦେବୀ ତପସ୍ୱିନୀ । ସୁଧାମୟୀଙ୍କୁ କୁଣ୍ଢାଇ ପକାଇ କହିଥିଲେ, ମୁଁ ଆଉ ପାରୁନାହିଁ ସୁଧାମୟୀ । ପ୍ରଭୁଙ୍କ ସ୍ମୃତି ମୋ ଅନ୍ତରରେ ସୃଷ୍ଟିକରୁଛି ଦାବାନଳ । ସେହି ଅନଳରେ ମୁଁ ପୋଡ଼ି ହୋଇ ମରୁଛି ।

ଆପଣଙ୍କ ଦୁଃଖ ଆମେ ଜାଣୁଛୁ ଦେବୀ । ହେଲେ ଆମେ ସବୁ ନାଚାର । ଆପଣ ମଧ ନାଚାର । ପ୍ରଭୁଙ୍କ ସ୍ମୃତିକୁ ପାଥେୟ କରି ଆପଣ ଜୀବନ ବିତାଇବେ ବୋଲି ଶପଥ ନେଇଛନ୍ତି ।

ମୁନିକନ୍ୟାଙ୍କ କଥାଶୁଣି ସୀତାଦେବୀଙ୍କ ଅନ୍ତରର କୋହ ଦ୍ୱିଗୁଣିତ ହୋଇ ଯାଇଥିଲା । ଅତି ବିକଳ ହୋଇ କାନ୍ଦିକାନ୍ଦି ସେ କହିଥିଲେ, କ'ଣ କରିବି କୁହ ସଖୀ । ପ୍ରଭୁଙ୍କ ସ୍ମୃତି ମୋତେ ଅଥୟ କରି ପକାଉଛି । ତାଙ୍କ ସ୍ନେହ, ପ୍ରେମ, ଭଲପାଇବା, ତାଙ୍କ ମଧୁର ବଚନ, ତାଙ୍କ ଅଧରର ସ୍ମିତହାସ ମୋତେ ପ୍ରତ୍ୟେକ ମୁହୂର୍ତ୍ତରେ ଅସ୍ଥିର କରିପକାଉଛି । ଭୁଲିବାକୁ ଚାହିଁ ମଧ ମୁଁ ଭୁଲିପାରୁନାହିଁ । କାଲି ପ୍ରଭାତରେ ମୁଁ ତାଙ୍କୁ ସ୍ୱପ୍ନ ଦେଖିଛି । ମୋ ହାତଧରି ସେ କହୁଛନ୍ତି, ତୁମର କଣ ମନେନାହିଁ ସୀତା । ଆସନ୍ତାକାଲି ଆମ ମଧୁମିଳନର ଦିନ । ଏହି ଦିନକୁ ତୁମେ ବନବାସରେ ଥାଇ ପାଳନ କରୁଥିଲ । ଏବେବି ତୁମେ ସେମିତି ଆରଣ୍ୟକ ଜୀବନ ବିତାଉଛ । ସତରେ କ'ଣ ତୁମେ ମୋତେ ଭୁଲିଗଲ ବୈଦେହୀ ? ତୁମ ମାନସପଟରେ ମୁଁ କ'ଣ ଉଙ୍କି ମାରୁନାହିଁ ?" ପ୍ରଭୁଙ୍କ କୋମଳ ବଚନ ତାଙ୍କ ମୃଦୁହସ୍ତ ସ୍ପର୍ଶରେ ସ୍ୱପ୍ନ ମୋର ତୁଟିଗଲା । ଶଯ୍ୟାତେଜି ଦେଖେ ତ ପ୍ରଭୁ ମୋ ପାଖରେ ନାହାନ୍ତି । ରାତିଯାକ ଲୁହ ଝରାଇ ଶଯ୍ୟାକୁ ଭିଜାଇ ଦେଇଛି । ରାତି ପାହିବା ମାତ୍ରେ ଏଇ ଦେଖ ମୋ ପ୍ରଭୁଙ୍କ ଚିତ୍ରଟିଏ ଆଙ୍କିଦେଇ, ନାନା ଜାତିର ଫୁଲରେ ମାଳଟିଏ ଗୁନ୍ଥିଦେଇ ମୁଁ ତାଙ୍କ ଗଳାରେ ଲମ୍ବାଇ ଦେଇଛି । ତୁମେ ଜାଣିଛ ପ୍ରୀତିଦା, ପ୍ରତ୍ୟେକଦିନ ରାତି ପାହିବା ମାତ୍ରେ ପ୍ରଭୁ ମୋର ବଣ ଭିତରୁ ନାନା ଜାତିର ଫୁଲ ତୋଳି ଆଣୁଥିଲେ । ମୁଁ ସ୍ନାନ ସାରି ଫେରିଲେ ସେ ଫୁଲକୁ ମୋ ଗଭାରେ ଖୋସି ଦେଉଥିଲେ। ଆଉ ମୁଁ କ'ଣ କରେ ଜାଣ ସଖୀ ! ଫୁଲରେ ସୁନ୍ଦର ହାରଟିଏ ଗୁନ୍ଥି ଲମ୍ବାଇ ଦିଏ ପ୍ରଭୁଙ୍କ ଗଳାରେ । ଆନନ୍ଦରେ ଅଧୀର ହୋଇ ପ୍ରଭୁ ମୋର ମୋତେ କୋଳକରି ନେଇ କୁହନ୍ତି, "ବୈଦେହୀ ମୋ ସପ୍ତଜନ୍ମର ତପସ୍ୟାର ଫଳ ମୁଁ ପାଇଛି ତୁମକୁ ପତ୍ନୀ ରୂପରେ ପାଇ । ଏ ଅଭାଗା ରାମର ହୃଦୟ ଥାଳରେ ତୁମେ ଏତେ ସ୍ନେହ, ପ୍ରେମ, ଶ୍ରଦ୍ଧା, ଭାବ, ଭକ୍ତି ଭରି ଦେଇଛ ଯେ - ଜାଣେନା ବିହି ଆମର ସୁଖକୁ ସହ୍ୟ କରିବ କି ନାହିଁ ।" ପ୍ରଭୁଙ୍କ ସେହି ଅମୃତ ବୋଳା ବଚନ ମୋ ପାଇଁ ଜନ୍ମ ଜନ୍ମକୁ ଅମୃତ ହୋଇ ରହିବ । କାଲି ପ୍ରଭାତରେ ପ୍ରଭୁଙ୍କୁ ସ୍ୱପ୍ନରେ ଦେଖି....

ଆମେ ଆପଣଙ୍କ ଦୁଃଖ ବୁଝୁଛୁ ଦେବୀ । ହେଲେ କ'ଣ ଆଉ କରାଯାଇ ପାରିବ । ପ୍ରଭୁଙ୍କ ସ୍ମୃତି ଆପଣଙ୍କ ଗର୍ଭରେ ବଢୁଥିବାବେଳେ ସେହି କଥାକୁ ଭାବି ଦୁଃଖକୁ ସୁଖ ମଣି ଏ ଆଶ୍ରମ ଜୀବନ ଆପଣଙ୍କୁ ବିତାଇବାକୁ ପଡ଼ିବ ।

ତୁମକଥା ମୁଁ ସ୍ୱୀକାର କରୁଛି ସୁଧାମୟୀ। ହେଲେ ପ୍ରଭୁଙ୍କର ଗୋଟାଏ ସ୍ମୃତି ମୋ ଅନ୍ତରକୁ ମନ୍ଥି ପକାଉଛି । ସେ ସ୍ମୃତି କ'ଣ ଜାଣ ସଖୀ ?

ସୀତାଦେବୀଙ୍କ କଥା ଶୁଣି ସୁଧାମୟୀ କିଛି କହିବାକୁ ଯାଉଥିବାବେଳେ, ସେ ପୁଣି ପ୍ରଶ୍ନ କରିଥିଲେ, ଏ କେଉଁମାସ ସୁଧାମୟୀ

ସୁଧାମୟୀ ଉତ୍ତର ଦେଇଥିଲେ ମାର୍ଗଶୀର ମାସ ଆଉ ତିଥି ଶୁକ୍ଳ ପକ୍ଷ ଅଷ୍ଟମୀ ।

ଆଜି ଦିନରେ ମୋର ସ୍ୱାମୀଙ୍କ ସହିତ ପ୍ରଥମ ମିଳନ ହୋଇଥିଲା ସଖୀ । ମୋର ବିବାହ ହୋଇଥିଲା ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ। ବିବାହ ପରେ ମୋ ପିତା ଅନେକ ଜାନିଯୌତୁକ ସହ ମୋତେ ଅଯୋଧ୍ୟା ପ୍ରେରଣ କରିଥିଲେ । ବିବାହର ତୃତୀୟ ଦିନରେ ସ୍ୱାମୀଙ୍କ ସହ ଆସି ମୁଁ ପାଦ ଦେଇଥିଲି ଅଯୋଧ୍ୟା ନଗରୀରେ ।

ଅଯୋଧ୍ୟା । ରାଜ୍ୟ ମଧ୍ୟରେ ଶ୍ରେଷ୍ଠ । ଅଯୋଧ୍ୟା ନଗରୀର ଯଶ କୀର୍ତ୍ତି ସାରା ଭାରତରେ ଖ୍ୟାତ । ରଘୁବଂଶ ପାଇଁ ଖ୍ୟାତ ଅଯୋଧ୍ୟାର ରାଜା । ମୋ ଶଶୁର ଦଶରଥଙ୍କ ଯଶ ଖ୍ୟାତିକୁ ଦେବତାମାନେ ମଧ ସମ୍ମାନ କରୁଥିଲେ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

## ସାମ୍ପ୍ରତିକୀ...

# ଲଣ୍ଡା ରାଜନେତା

## ସୁବ୍ରତ ପଟ୍ଟନାୟକ



ଲୋକମାନଙ୍କୁ ବେଳେବେଳେ ଲଣ୍ଡା ହେବାର ଆମେ ଦେଖୁ। ବ୍ରତଘର ସମୟରେ ବ୍ରତଚାରୀ, ଦଶାହ କ୍ରିୟାରେ ପରିବାର ବର୍ଗଙ୍କୁ କରାଯାଏ ଲଣ୍ଡା । ବୌଦ୍ଧ ମୁନି, ଇସ୍କନ୍ ଭକ୍ତ, ବୈଷ୍ଣବ ଭକ୍ତଗଣ ପ୍ରାୟତଃ ଲଣ୍ଡିତ ମସ୍ତିଷ୍କ । ମାନସିକ ପୂରଣ ଦିଗରେ କେତେକ ଲୋକେ ଲଣ୍ଡା ହେବାର ଆମେ ଦେଖିଚୁ । ମାତ୍ର ରାଜନେତାଙ୍କୁ ବେଳେବେଳେ କରାଯାଏ ଲଣ୍ଡା । କିଏ କରାନ୍ତି ? କେମିତି କରାନ୍ତି ? ଲଣ୍ଡା ହୋଇ ରାଜନେତା ଖୁସି ହୁଅନ୍ତି ନା ଲୁହ ଗଡ଼ାନ୍ତି ? ଏଭଳି ଅନେକ ପ୍ରଶ୍ନ ଆମଭଳି ଅପାଠୁଆ ନିର୍ବୋଧଙ୍କୁ ଘାରେ। ଉତ୍ତର ପାଇବାକୁ ଆମେ ହେଉ ବାର ଦୁଆର ।

ଏବେ ବିଷୟବସ୍ତୁକୁ ଯିବା । ଦୁଇଜଣ ବିଜେଡ଼ି ବିଧାୟକଙ୍କୁ ଏବେ କରାଯାଇଛି ଲଣ୍ଡା । ପ୍ରଥମ ଜଣକ- ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ । ଦ୍ୱିତୀୟ ଜଣକ- ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା । ୨୦୨୩ ସେପ୍ଟେମ୍ବର ୨୧ ତାରିଖରେ ଦୁହିଁଙ୍କୁ ଦଳରୁ କରାଯାଇଛି ବହିଷ୍କାର । ପୂର୍ବରୁ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଓ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ କରାଯାଇଛି ଲଣ୍ଡା । ପ୍ରଶାନ୍ତ, ପ୍ରଦୀପ, ସୁଧାଂଶୁ ଓ ସୌମ୍ୟରଞ୍ଜନ ୨୦୧୯ ବିଧାନସଭା ନିର୍ବାଚନରେ ନିଜ ଆସନରୁ ଜିତିଥିଲେ । ଏହି ସମସ୍ତ ପୋଖତ ନେତାଙ୍କ ଥିଲା ବେଶ୍ ପତିଆରା । ସେମାନଙ୍କ ମୁଣ୍ଡରେ ଅଜଡ଼ା ଯାଇଥିଲା ଦଳୀୟ ପଦ ପଦବୀ । ଗୋପାଳପୁର ବିଧାୟକ ପ୍ରଦୀପଙ୍କୁ ୨୦୨୦ ନଭେମ୍ବର ୨୦ ତାରିଖରେ ଓ ଚିଲିକା ବିଧାୟକ ପ୍ରଶାନ୍ତଙ୍କୁ ୨୦୨୧ ସେପ୍ଟେମ୍ବର ୮ ତାରିଖରେ ତଡ଼ା ଯାଇଥିଲା ଦଳରୁ । ୨୦୨୩ ସେପ୍ଟେମ୍ବର ୨୧ ତାରିଖରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ଓ ରେମୁଣା ବିଧାୟକ ସୁଧାଂଶୁଙ୍କୁ ଭୋଗିବାକୁ ପଡ଼ିଲା ସମାନ ଦଶା ।

ସମସ୍ତଙ୍କ କଥା ଗୋଟି ଗୋଟି ବଖାଣିଲେ ପୁରାଣ ହେବ । ଲେଖିବାକୁ ଆମକୁ ମିଳୁଛି ଚଉଠେ ଅଧେ ସ୍ଥାନ । ଅଳ୍ପରେ ଯେତିକି ସମ୍ଭବ ସେତିକି ଲେଖୁଚୁ । ପାଠକେ ଆମ 'ଅସହାୟତା'କୁ ନିଜ ଗୁଣରେ କ୍ଷମା କରିବେ । ଯେଉଁମାନଙ୍କୁ ଦଳରୁ ତଡ଼ା ଯାଇଛି, ସମସ୍ତେ ଏକଦା ଥିଲେ ଦଳର ଗେହ୍ଲାପୁଅ । ଦଳ ଭିତରେ ଥିଲା ସେମାନଙ୍କର ଯଥେଷ୍ଟ ଦବ୍‌ଦବା । ସେମାନଙ୍କୁ ହଠାତ୍ ଲଣ୍ଡା କରାଯିବାର କାରଣ କଣ ? ତଡ଼ା ଖାଇଥିବା ନେତା ଡେଙ୍ଗୁରା ପିଟୁଛନ୍ତି- ଆମେ ଦଳର ସବୁଠୁ ଶୃଙ୍ଖଳିତ କର୍ମୀ । ଅକ୍ଷରେ ଅକ୍ଷରେ ପାଳିଚୁ ହାଇକମାଣ୍ଡଙ୍କ ନିର୍ଦ୍ଦେଶ । ଆମକୁ 'ଦଳ ବିରୋଧୀ' ଭାବେ ବନା ଯାଇଛି 'ମୋହରା' । ଅପର ପକ୍ଷେ ଦଳୀୟ ମୁଖପାତ୍ର ସଫେଇ ଦେଉଛନ୍ତି- 'ଜନ ଅହିତକର କାର୍ଯ୍ୟ' ଯୋଗୁଁ ସେମାନଙ୍କୁ ତଡ଼ା ଯାଇଛି ଦଳରୁ । ଇଂରାଜୀରେ ଯାହାକୁ କୁହାଯାଏ- 'ଆଣ୍ଟି ପିପୁଲ ଆକ୍ଟିଭିଟିଭଜ୍' । ଦଳର ସୁପ୍ରିମୋ 'ଜିରୋ ଟଲରାନ୍ସ'ରେ ବିଶ୍ୱାସ କରନ୍ତି । ଅବୋଲକରାଙ୍କୁ କରନ୍ତି ନାହିଁ ବରଦାସ୍ତ ।

ସ୍ଥାନ ଅଭାବ ଦୃଷ୍ଟିରୁ ଆମେ କେବଳ ଜଣେ ବିଧାୟକଙ୍କ ବାବଦରେ ଲେଖୁଛୁ । ନବୀନ ଓ ସୌମ୍ୟରଞ୍ଜନ ଦୁହେଁ ବିଜେଡିର ବିଧାନସଭା ସଦସ୍ୟ। ଜଣେ ମୁଖ୍ୟମନ୍ତ୍ରୀ, ଆଉ ଜଣକ ବିଧାୟକ । ନବୀନ-ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପୁଅ ସୌମ୍ୟରଞ୍ଜନ-ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜ୍ୱାଇଁ । ଅତୀତରେ ଦୁହେଁ ଥିଲେ ସାଂସଦ । ଏବେ ବିଧାନସଭା ସଦସ୍ୟ । ନବୀନ ଲେଖକରୁ ରାଜନେତା। ସୌମ୍ୟରଞ୍ଜନ ସମ୍ପାଦକ ବା ସାମ୍ବାଦିକତାରୁ ରାଜନେତା । ଆମ ଆଗରେ ଦୁହେଁ ଦୁହିଁଙ୍କୁ କରୁଛନ୍ତି ଟେକାଟେକି । ଭିତରେ ଗୋଛି କଟାକଟି । ସୌମ୍ୟରଞ୍ଜନ କହୁଛନ୍ତି- ନବୀନ ପଟ୍ଟନାୟକ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ । ତାଙ୍କର ବିକଳ୍ପ କେହି ନାହିଁ । ନବୀନ କହୁଛନ୍ତି- 'ରକ୍ତଦାନ ମହତଦାନ' କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ଓଡ଼ିଶାରେ ଏକନମ୍ବର । ତାଙ୍କ ବ୍ୟକ୍ତିତ୍ୱ ବିରଳ । ଏପରି ସ୍ଥଳେ ପୁଣି କାହିଁକି ସେମାନଙ୍କ 'ଅହି-ନକୁଳ' ସମ୍ପର୍କ ? ଭିତିରି ରହସ୍ୟ ଆମକୁ ପୁରା ଅଜଣା । ଆମେ ଥରୁଟିଏ ବି ନବୀନଙ୍କ 'ନବୀନ ନିବାସ' କିମ୍ବା ସୌମ୍ୟରଞ୍ଜନଙ୍କ 'ସୁଧର୍ମା ଉଆସ'ର ଗେଟ୍ ଡେଇଁନୁ । ପୁଣି କଥାଟା କଣ, ଆମେ ଫିଟାଇ ପାରୁନୁ । ତେବେ, ତଥ୍ୟ ସଂଗ୍ରହରୁ ଜାଣିବାକୁ ପାଇଚୁ, ଆହୁରି ଅନେକ ନେତାଙ୍କୁ କରାଯାଇଛି ଲଣ୍ଡା । ଏହି ତାଲିକାରେ ଅଛନ୍ତି- ବିଜୟ ମହାପାତ୍ର, ଦିଲ୍ଲୀପ ରାୟ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପ୍ୟାରୀମୋହନ ମହାପାତ୍ର, ବୈଜୟନ୍ତ ପଣ୍ଡା, ଦାମୋଦର ରାଉତ ଏମିତି କେତେଜଣ । ସମସ୍ତଙ୍କୁ 'ଲଣ୍ଡା' କରାଯିବା ପଛରେ କିଛି ନା କିଛି 'କାରଣ ରହିଛି । ଆମେ କେବଳ ଜଣଙ୍କର 'ଉଦାହରଣ ଦେଉଚେ । ନବୀନ ପଟ୍ଟନାୟକଙ୍କ ରାଜନୈତିକ କ୍ୟାରିଅର୍ ଆରମ୍ଭ ହୋଇଥିଲା କେନ୍ଦ୍ର ମନ୍ତ୍ରୀରୁ । ୨୦୦୦ ମସିହାରେ ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଏଯାବତ୍ ତାହା ନିରବଚ୍ଛିନ୍ନ । ସୌମ୍ୟରଞ୍ଜନଙ୍କ ଭାଗ୍ୟରେ ଯୁଟିନାହିଁ ମନ୍ତ୍ରୀ ପଦ । ନବୀନ ଚାହିଁଥିଲେ ସୌମ୍ୟରଞ୍ଜନଙ୍କୁ ମିନିଟିକରେ 'ମନ୍ତ୍ରୀ ଲଡୁ' ଖୁଆଇ ପାରିଥାନ୍ତେ । କୌଣସି କାରଣରୁ ନବୀନ ତାହା କରି ନାହାନ୍ତି । ଲଡୁ ନ ଦେଇ ଦଳରୁ ତଡ଼ିଦେଲେ ।

ସୌମ୍ୟରଞ୍ଜନ ମନକୁ ବୁଝାଉଛନ୍ତି- ଆମର 'ଲଡୁ' ଲୋଡ଼ାନାହିଁ । ଆମର 'ଶାଗ ପଖାଳ' ଭଲ । ମତଟି ଆଦୌ ମନ୍ଦ ନୁହେଁ । ପାଠକେ ବିଚାର କରିବେ, କାହା କଥା ଠିକ୍ ।

ନେତାମାନଙ୍କୁ କେମିତି 'ଲଣ୍ଡା' କରାଯାଏ, ସେହି କଥାଟି ଲେଖି ସ୍ତମ୍ଭଟିକୁ ଶେଷ କରିବା । ଲଣ୍ଡା କରିବା ପାଇଁ 'କ୍ଷୁର' ସେଲୁନ୍‌କୁ ଯିବାକୁ ପଡ଼େନାହିଁ । ନେତାଙ୍କୁ ନିମନ୍ତ୍ରଣ କରି 'ନିବାସ'କୁ ଡକାଯାଏ । ଆଦରକରି ଗଦିରେ ବସାଯାଏ। କଫି, ସୁପ୍ ପରଶାଯାଏ । ପଚରାଯାଏ- ଆପଣମାନେ ଖୁସି ତ ? ମୁଁ ବି ବହୁତ ଖୁସି । ନେତାଏ ଖୁସିରେ ତଳକୁ ମୁଣ୍ଡ ନୁଆଁଇ ଦିଅନ୍ତି। ହାଇକମାଣ୍ଡ ନିଜର ବାମ ହାତଟିକୁ ନେତାଙ୍କ ମୁଣ୍ଡରେ ସାଉଁଳାଇ 'ଥ୍ୟାଙ୍କ୍ ୟୁ' କହନ୍ତି । ମୁଣ୍ଡ ପୁରା ଚିକ୍କଣ । ଗୋଛା ଗୋଛା ଲୋମ ଥିବା 'ମେଣ୍ଢା' ମୁଣ୍ଡଟି ପାଲଟିଯାଏ 'ଗଣ୍ଡା' ମୁଣ୍ଡ । ଏକଥା ଶୁଣି ଆମେ ହସିବୁ ନା କାନ୍ଦିବୁ ?


ଏସବୁ ଶୁଣିବା କଥା ଆଜି ଏତିକି, ବାକି କଥା ପଛକୁ । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର

## କବିତା...

### ॥ ଅବଧୂତିର ସ୍ୱପ୍ନ ॥

ଦୁର୍ଗାଚରଣ ଷଡ଼ଙ୍ଗୀ



ଆଉ ଯିବିନି ବୋଲି
ଯେତେ ରାଣ ଖାଇଲେ ବି
ସେଇ ଗାଧୁଆ ତୁଠକୁ ବାରମ୍ବାର ଯାଏ
କେଳି କରେ ପାଦଧୁଏ କାହିଁକି ମୁଁ ନିତି
ସେଇ ନଈ ଧାରରେ !

ଏବେ ଆଉ ସେ ଡାକେନା ମତେ
ପବନ ଫାଙ୍କରେ
ନିଦ ବି ଭାଙ୍ଗେନା ପାହାନ୍ତି ସ୍ୱପ୍ନ ଦେଖି
ତା ଆଲିଙ୍ଗନରେ
ଦେହସାରା ଚରିଯାଇଥିବା ଶୃଙ୍ଗାରରେ
ସବୁତକ ମହୁ
ବୋଳି ବୋଳି ମୁଁ ତ ଗାଧୋଇ ସାରିଛି
କେଉଁ ଯୁଗରୁ
ଅସଂଖ୍ୟ ମୁହୂର୍ତ୍ତ
ମୋ ରକ୍ତରେ ଚରିଯାଇଛି ମଧୁମନ୍ଦ ସ୍ୱେଦ

ଇସିକାରର ନବଜ, ଏକାକାର ହୋଇଛି
ମନମୁନ ଚୈତନ୍ୟ
ଯେବେ ବି ଲୋଡ଼ିଛି ପାଇଛି ଅବଲୀଳାରେ।
ଡାକିଛି ସେ' ବି ଆସ ଆସ
ଅଥୟ ହୋଇଛି ଥରକୁ ଥର
କାଳିଶି ପରି ଧାଇଁଛି ତା' ଡାକରେ
କାଳେ ବାସି ହୋଇଯିବ ପରା
ତା ଫୁଲ ଶେଯ !

କେତେ ରାଣ ନିୟମ ଖାଇଛି
ସାକ୍ଷୀ ରଖିଛି ଦଇବକୁ
ଯାହା ବା ହେବାର ଥିଲା ହେଲା
ଅଥଚ ଏବେ ଆଉ ଯିବିନି ସେ ନଈ ତୁଠକୁ।

ସେ ନଈ ଗୋଟେ ପାତାଳ ଫୁଟା ଝର
ଯାହାର କୂଳ ନାହିଁକି, ନାହିଁ ଅବଶେଷ
ଅଭିଳାଷ ନାହିଁ କି ପ୍ରପଞ୍ଚନା ବି ନାହିଁ
ଖୁସି ଖୁସିରେ ସମୁଦ୍ରରେ ଲମ୍ଫ ଦେଉଥିବା
ଗୋଟେ ଅନନ୍ତ ଅଧିର ସ୍ରୋତ ସେ
ଯାହା ମତେ ଆର୍ଦ୍ର କରି ଚାଲିଛି
ଅଧିର କରିଛି ମୋ ତମାମ ଜୀବନ।

ଅବଧୂତର ମଶାଲ ଏବେ ଜଳୁଛି
ଦିକ ଦିକ ହୋଇ
ଫିଟି ଯାଉଛି ପାହାନ୍ତି ପ୍ରହର
ସକାଳ ହେବା ଆଗରୁ ଯାଏଁ
ସଜାଡ଼ି ଦିଏ ମୋ ତୁଳି ତଳ୍ପ
ମାଗିନେବି କି ତା ଠୁଁ ଆଉ ଯାହା ବାକିଅଛି
ଅପ୍ରାପ୍ତିର ଅଭିଳାଷ
ଦୀର୍ଘତମ ଚୁମାଟିଏ- ଦେ' ଦେ'ରେ
ଦିନ ସରିଯାଉ।

♥ ଭୁବନେଶ୍ୱର
(ମୋ)୯୪୩୮୫୩୫୫୭୭

### ॥ ଶରତ ॥

ଧନଞ୍ଜୟ ସ୍ୱାଇଁ





ନିର୍ମେଘ ଏ ଆକାଶରେ ଭିଣାତୁଳା ମେଘଙ୍କର ମୌନ ପଟୁଆର
ଏ ବେଳରେ ମୋ ଭିତରେ ଶରତ ସଜାଡ଼ିଦିଏ ଏ ଖୁସିପଣ ଆଲୁଅର ଯେତେ ଅଭିସାର
ଶରତ ଅଜାଡ଼ିଦିଏ ଫୁଲଡାଲା ବାସିବାକୁ ମହମହ ମହାର୍ଘ ପାର୍ବଣ
ଶରତର ମୃଦୁ ମୁରୁକି ହସାରେ ପୁଲକିତ ଦେହ, ମନ, ପ୍ରାଣ ।

ପାରବଣ ଲାଗି ଏବେ ନଈଦାଢ଼େ କୁଆଁରୀ କାଶତଣ୍ଡୀର ଚାମର ଚହଟ
ବିନ୍ଦୁ ବିନ୍ଦୁ ରୋଶଣି ଛିଟିକା ଜାଳି ଆକାଶରେ ତାରାଫୁଲ ଫୁଟେ
ଶରତ ଆସିଲେ କିଏ ରଖିଦିଏ ବନ୍ଦାଣ ଥାଳିରେ କେତେ ହସକୁରୀ କଇଁ
ଶରତରେ ଇଚ୍ଛାହୁଏ ଦେଖିବାକୁ ତୁମ ମୁହଁ ମୁଗ୍ଧ ଶତଦଳ ଅବା, ବସି ଟିକେ
ପାଖପାଖି ହୋଇ।


ଶରତ ସଂଖୋଳିବାକୁ ପାଦତଳ ଘାସ ଏବେ ଶିତୁଆ କାକର ସଂଚି ଗଢ଼ିଲାଣି ମୋତି
ଶରତ ସଂଖୋଳିବାକୁ ପକ୍ଷୀକୁଳ ସଂଚିଲେଣି ଉଷ୍ମୁମ ଉନ୍ମାଦତକ ଗାଇବାକୁ ସକାଳର ଗୀତି
ଶ୍ରାବଣ ଶେଷ ବନ୍ୟାରେ ମେଘର ସେ ମଧୁମତୀ ଧରା ସୁଶୀତଳ
ପ୍ରୀତିପୂର୍ଣ୍ଣ ପ୍ରତୀକ୍ଷାରେ ପଦୁଅଁ ଫିଟାଇ ଆଖି ଚାହିଁଲାଣି ବୁଝିବାକୁ ଏବେ ମା'
ତୁମ ଆଖିଠାର।

ଶରତ ଆସିଲେ ଭାରି ଭଲଲାଗେ ମାଟି ଆଉ ଆକାଶର ନିରୋଳା ସମ୍ବନ୍ଧ
ଯେଉଁ ସମ୍ବନ୍ଧରେ ଜହ୍ନ ତାରା ସାଥେ ଆକାଶରେ କରେ ଖେଳକୁଦ।

♥ ଭୁବନେଶ୍ୱର
ମୋ: ୯୪୩୭୦୦୦୬୩୬

### ॥ ଦେବୀ ! ! ତୁ ନିଜେ ନିଜର ସୁରକ୍ଷା କର ॥

ଜିନାତମାମ୍ ଦର୍ଜୀ



ହେ ଆଦ୍ୟା ! !
ହେ ଦେବୀ ! !
ତୁ ଏବେ ନିଜେ ନିଜକୁ ସୁରକ୍ଷା ଦେ,
ତୁ ଆସିବୁ ବୋଲି ଅସୁରମାନେ
ଏବେ ବୁଲିଲେଣି
ଶିଳ୍ପୀ ଓ ପୂଜାରୀର ମୁଖା ପିନ୍ଧି ।

ହେ ମାହେଶ୍ୱରୀ ! !
ଛଦ୍ମବେଶୀ ମହିଷାସୁରକୁ ମାରିବା କ'ଣ
ଏତେ ସହଜ !
ମନେପଡୁଛି ତ ରାବଣର ଚାଲାକି ?
ନହେଲେ,
ତୁ କେଉଁ ନିଜେ ନିଜର ସୁରକ୍ଷା କରି ପାରି
ନଥାନ୍ତୁ ଯେ ?
ସର୍ବ ଅସ୍ତ୍ର ଚାଳନରେ ପ୍ରବୀଣା ! !

ହେ ଘୋରଘଣ୍ଟା ! !
ହେ ମହାବଳା ! !
ଏବେ ତୁ ସତର୍କ ହ !
ସଜେଇ ରଖ ତୋର ଅସ୍ତ୍ର,
ନହେଲେ,

ତୋ ଜଡ଼ ମୂର୍ତ୍ତି ଦେହରେ କେହି ପାଟ ଢାଙ୍କି,
ଓହ୍ଲେଇ ଦେଇ ପାରେ ତୋ
ସଜୀବ ଦେହର ଅନ୍ତର୍ବସ୍ତ୍ର

ଶେଫାଳି ଗଛ ତଳେ ଲୁଚିଛି ବିଷାକ୍ତ ସାପ,
ଭଷା ବାଦଲର ଫାଙ୍କେ ଫାଙ୍କେ
ଶିକାରୀ ଛଞ୍ଚାଣ,
ଶୂନଶାନ୍ ନଦୀ ପଠାର କାଶତଣ୍ଡି ଉହାଡ଼ରେ
ଏସିଡ୍ ଧରି ବିକଟାଳ ରାକ୍ଷସଗଣ

ତୋ ମେଢ଼ର ଚିକ୍ ମିକ୍ ଆଲୁଅ ପଛପଟେ
କିଟି କିଟି ଅନ୍ଧାର

ସେଇଠି ବୁଲୁଛନ୍ତି ଦଳେ ମହିଷୀ,
ତୋ ଝୁଣାର ସୁଗନ୍ଧ ଯେଉଁଠି ଶେଷ ହୁଏ
ସେଇଠି ଜମି ଆସୁଛି ମଦର ଗନ୍ଧ,
ତୋ ଦେହରୁ ମନ୍ଦାର ଝରିଲା ପରି
ଝରି ଯାଇପାରେ ଟୋପା ଟୋପା ରକ୍ତ
ଖୁବ୍ ଚାଲାକିରେ ସେମାନେ ରଚୁଛନ୍ତି
ସତର୍କ ପ୍ରବନ୍ଧ

ହେ କ୍ରୁରା !
ମହାସଂହାରିଣୀ ! !
ଆରମ୍ଭ କର ତୋ ସଂହାର ପର୍ବ
ନହେଲେ,

ଭସାଣି ଆଗରୁ ଭାସିପାରେ
ନଦୀରେ..ନାଳରେ..
ତୋର ଅନେକ ପୀଡିତ ପାର୍ଥିବ ଶବ ! !

ହେ ଉଗ୍ରା ! !
ମହାବୀରା ! !
ଆରମ୍ଭ କର ତୋ ଦଣ୍ଡ...
ପଦ୍ମରୁ ପାଖୁଡା ଖସିବା ଆଗରୁ
ଖସେଇ ଦେ ଅସୁର ଗଣ୍ଡିରୁ ମୁଣ୍ଡ
ମୁଖା ତଳ ମୁହଁକୁ ଚିହ୍ନି,
ଅସ୍ତ୍ରକୁ ତୋର ସଜାଡି ଧର
ଦେବୀ ! !
ତୁ ଏବେ ନିଜେ ନିଜର ସୁରକ୍ଷା କର ।

♥ ମୋ -୮୦୧୮୮୦୭୧୫୩



# ମହାଶକ୍ତି ଓ ନବଦୁର୍ଗା

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି । ଦେବୀଙ୍କ ଭେଦ ହେଉଛି ସବୁ ବିଦ୍ୟା । ସଂସାରରେ ଯେତିକି ନାରୀ ଅଛନ୍ତି ସେମାନେ ଦେବୀଙ୍କ ରୂପ । ସମସ୍ତ ସଂସାରରେ ବ୍ୟାପ୍ତ ହେଉଛି ଗୋଟିଏ ତତ୍ତ୍ୱ, ସେହି ତତ୍ତ୍ୱ ହେଉଛି ଦେବୀ ତତ୍ତ୍ୱ ବା ଶକ୍ତି ତତ୍ତ୍ୱ । ନବରାତ୍ରିରେ ତିଥି ଅନୁସାରେ ମା ଦୁର୍ଗାଙ୍କ ନବ ରୂପର ପୂଜା ଅର୍ଚ୍ଚନା କରାଯାଏ । ଏହି ନବ ରୂପ ହେଉଛି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, ସ୍କନ୍ଧମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କ କଥା ବର୍ଣ୍ଣିତ । ସେମାନେ ସମସ୍ତେ ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ଶୈଳପୁତ୍ରୀ । 'ଶୈଳ' ଅର୍ଥ ପାହାଡ଼ ଏବଂ 'ପୁତ୍ରୀ' ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା' ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା - ଉମା, ଅର୍ପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନିଧ ପାଇବା ଲାଗି ଯିଏ ସଦା ତପସ୍ୟାରତ । ତୃତୀୟ ଦିବସରେ ଆରାଧନା କରାଯାଏ ମା' ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରୁଥିବା ହେତୁ ସେ ହେଲେ ଚନ୍ଦ୍ରଘଣ୍ଟା । ଚତୁର୍ଥ ଦିବସରେ ଆବାହନ କରାଯାଏ ମା' କୁଷ୍ମାଣ୍ଡାଙ୍କୁ । ସେ ଅଷ୍ଟଭୂଜା; ପୁଣି ସୃଷ୍ଟିକର୍ତ୍ତ୍ରୀ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡର । ପଞ୍ଚମ ଦିବସରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସୁବ୍ରମଣ୍ୟ ବା ସ୍କନ୍ଦଙ୍କ ମାତା । ତାଙ୍କୁ ପଦ୍ମାସନା ମଧ୍ୟ କୁହାଯାଏ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମାତା କାତ୍ୟାୟନୀ । କାତ୍ୟମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସପ୍ତମ ଦିନରେ ଆସନ୍ତି ମା' କାଳରାତ୍ରି । ତାଙ୍କୁ ମଧ୍ୟ କୁହାଯାଏ ଶୁଭଙ୍କରୀ । ସେ ଯାବତୀୟ ଅଜ୍ଞାନତା ଏବଂ ଅନ୍ଧକାରର ଧ୍ୱଂସକର୍ତ୍ତ୍ରୀ । ଅଷ୍ଟମ ଦିବସରେ ଆରାଧନା କରାଯାଏ ମା' ମହାଗୌରୀଙ୍କୁ । ମହାଗୌରୀ ଅର୍ଥ ଯେ ବିଜୁଳି ପରି ଉଜ୍ଜ୍ୱଳ । ନବମ ଦିବସରେ ପୂଜା ପାଆନ୍ତି ମା' ସିଦ୍ଧିଦାୟିନୀ । ସେ ଜ୍ଞାନଦାତ୍ରୀ । ବ୍ରହ୍ମଙ୍କୁ ଅନୁଭବ କରିବା ନିମନ୍ତେ ସେ ଦିବ୍ୟଜ୍ଞାନ ପ୍ରଦାନ କରିଥାନ୍ତି ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମା'ଦୁର୍ଗାଙ୍କୁ କେବେହେଲେ ମାଟିର ପ୍ରତିମା ହିସାବରେ ଦେଖୁନାହାଁନ୍ତି । ପ୍ରତିମାରେ ଯାହାଙ୍କୁ ପୂଜା ହେଉଛି ସେ ହେଉଛନ୍ତି ପ୍ରତି ଘରେ ଘରେ ଦେହଧାରୀ ମା' । ନିଜ ମା'ଙ୍କ ଉପରେ ଭକ୍ତି ଓ ଭଲ ପାଇବା ଯେତେ ଜୀବନ୍ତ, ଦୁର୍ଗାପୂଜାର ସାର୍ଥକତା ତାଙ୍କ ପାଖରେ ସେତେ ବେଶୀ । ତାଙ୍କ ଅର୍ଥରେ ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା । ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ । ଘରର ମା' ଓ ଜଗତର ମା'ଙ୍କର ଏକ ରୂପ । ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି । ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି । ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ । ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ । ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା । ଠାକୁର ଅନୁକୂଳଚନ୍ଦ୍ର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା । ମା'ସିଂହବାହିନୀ । ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା । ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା । ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ । ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି । ସମସ୍ତଙ୍କୁ କୋଳରେ ଧରନ୍ତି । ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ । ଦୁନିଆର ସବୁକିଛି ଓ ସମସ୍ତଙ୍କୁ ନେଇ ମା'ହେଉଛନ୍ତି ମହାମାୟା, ବିଶ୍ୱପ୍ରସବିନୀ ଓ ବିଶ୍ୱ ପରିବ୍ୟାପ୍ତା । ତାଙ୍କର ସ୍ତୁତିରେ ତାଙ୍କୁ କ୍ଷମାରୂପେ, ନିଦ୍ରା ରୂପେ, କ୍ଷୁଧାରୂପେ, ତୃଷ୍ଣାରୂପେ, ଶକ୍ତିରୂପେ, ଲଜ୍ଜାରୂପେ, ଶାନ୍ତିରୂପେ ଓ ଶ୍ରଦ୍ଧାରୂପେ ପୂଜା କରାଯାଏ । ପରମା ପ୍ରକୃତି ସେ । ପ୍ରକୃଷ୍ଟ ଭାବେ ଯାହା କରା ହୋଇଅଛି ତାହା ହିଁ ପ୍ରକୃତି । ମା'ଦୁର୍ଗା ଅନେକ ନାମରେ ପରିଚିତା । ତାଙ୍କର ପ୍ରତି ଗୁଣ ଓ ବୈଶିଷ୍ଟ୍ୟର ଏକ ଏକ ନାମ ହୋଇଛି । ଯଥା ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଈଶ୍ୱରୀ, ବୈଷ୍ଣବୀ ଓ ମାହେଶ୍ୱରୀ ପ୍ରଭୃତି । ପୁରୁଷୋତ୍ତମ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଉଲ୍ଲେଖ କଲେ - ଏହି ଯେଉଁ ମାୟା ଦେଖୁଛ, ମାୟାର ଯେଉଁ ଖେଳା ଦେଖୁଛ, ଏହି ମାୟାର ଅଧୀଶ କିନ୍ତୁ ମୁଁ । କୃଷ୍ଣ (ଈଶ୍ୱର) ସ୍ୱୀୟ ମାୟା ଶକ୍ତି ଦ୍ୱାରା ଜଗତ ପରିମାପିତ କରନ୍ତି । ମାୟା ମଧ୍ୟ ପ୍ରକୃତି । ଏହି ପ୍ରକୃତି ହେଉଛନ୍ତି ମା'ଦୁର୍ଗା । ଅନେକ ସ୍ଥାନରେ ଦୁର୍ଗାପୂଜାରେ ବଳିଦାନ କରାହୁଏ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ବିସର୍ଜନ ଶବ୍ଦଟି ବି ଓ ସୃଜ୍ ଧାତୁରୁ ଉତ୍ପନ୍ନ, ଅର୍ଥ ବିଶେଷ ପ୍ରକାରେ ସୃଷ୍ଟି କରିବା । ଯେଉଁ ମାତୃପୂଜା ଆମ୍ଭେମାନେ କଲୁ, ସେହି ମା'ଙ୍କର ସର୍ବମଙ୍ଗଳ କାରିଣୀ ସ୍ନେହ ସୁନ୍ଦର ଭାବ ଓ ଚରିତ୍ରକୁ ନିଜ ଅନ୍ତରରେ ବିଶେଷ ଭାବରେ ସୃଷ୍ଟି ଅର୍ଥାତ୍ ଦୃଢ଼ ନିବନ୍ଧ କରି ଉଠାଇବା ହିଁ ପ୍ରକୃତ ବିସର୍ଜନ । ଆମ୍ଭେମାନେ ଯେଉଁ ଦିବ୍ୟ ଭାବରେ ଭାବିତ ହୋଇଉଠି ଓ ମା'ଙ୍କର ସେବାରେ ଆମ୍ଭମାନଙ୍କର ବୃତ୍ତିଗୁଡ଼ିକୁ ନିୟୋଜିତ କରୁ - ସେତେବେଳେ ହୁଏ ବିସର୍ଜନର ସାର୍ଥକତା । ପ୍ରତିମାକୁ ଆଉ ବେଶୀ ଦିନ ରଖିହୁଏ ନାହିଁ । ତେଣୁ ନଦୀରେ ନିରଞ୍ଜନ ହେବାର ବ୍ୟବସ୍ଥା କରାଯାଏ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉତ୍ସୃଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି । ବିଜୟା ମା'ଙ୍କର ବିଳୟ ନୁହେଁ, ବିସର୍ଜନମାନେ ହେଉଛି ବିଶେଷ ବିସୃଷ୍ଟି ।

♥ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ଗୋଟେ ଅନୁଭବୀ ଗପ

# ଅସ୍ତରାଗର ସବୁଜିମା







## ପ୍ରଫୁଲ୍ଲ ବାରିକ

ରବିବାର ଥାଏ । ଛୁଟିଦିନ ହେତୁ ପୁଅର ଅଫିସ ବନ୍ଦ । ଯାଇଛି ବଜାର, ରବିବାରୀୟ ଯୋଗାଡ଼ରେ । ନାତି ନାତୁଣୀ ଦୁହେଁ ଆଜାଦ ଆଜି ପାଠରୁ । ସମୟ ଏଗାରଟା ହେବ । ବାରଣ୍ଡାରେ ଚେୟାରରେ ବସି ପେପର ଦେଖୁଥାଏ । ନାତୁଣୀ ସୀମା ପହଂଚିଲା । ସିଧା ତାର ଆକ୍ରମଣ - ଜେଜେ, ତମ ଚୁଟିସବୁ ଝୋଟ ହେଇ କଦର୍ଯ୍ୟ ଦିଶିଲାଣି । ଡାଇ କରୁନା ?

ସୀମା ଏବର୍ଷ କଲେଜ ଯାଇଛି । ନୂଆ ଡେଣାରେ ନୂଆ ଉଡାଣ । ପୃଥିବୀର ଶାଗୁଆ ଶୋଭା ସଦା ତା ଆଖିରେ । ନିଶ୍ଚିତ ମନ ଚାହୁଁନଥିବ ଗଛରେ ପାଚିଲା ପତ୍ରଟିଏ ଦେଖିବାକୁ । ଦେଖିଲେବି ଧ୍ୟାନ ଦଉନଥିବ । ଅବା ଫେରେଇ ନେଉଥିବ ଦୃଷ୍ଟି ।

କହିଲି, ମାଆ ସୀମା, ରଙ୍ଗ କଲେ ସିନା ଚୁଟି କଳାହେବ, ଶରୀର ମନରୁ କଣ ବାର୍ଦ୍ଧକ୍ୟ ଦୁରେଇ ଯିବ ?

- ତମେ କୁହ ଜେଜେ, ତମ ବୟସର କିଏ ଇମିତି ? ସମସ୍ତେ ଚକ୍‌ଚକ୍, ସବୁଜ । ଖାଲି ଏକଲା ତମକୁ ଛାଡି । ତମେ ବସ, ମୁଁ ନିଜେ ଏବେ ଡାଇ କରୁଛି । ତମ ଦ୍ୱାରା ହେବନି । ଭାରି ଅଳସୁଆ ତମେ ।

ସାଙ୍ଗେ ସାଙ୍ଗେ ଯାଇ ଆଣି ଆସିଲା ଡାଇ ସରଞ୍ଜାମ । ସେଲୁନ ଭଳି ବସିଥାଏ ମୁଁ ଚେୟାରରେ । କପଡା ଖଣ୍ଡିଏ ପକେଇ ମୋ ଦେହରେ ଆରମ୍ଭ କଲା ଡାଇକର୍ମ । ମନାକଲେ ମାନିବକି ? ବସିଥାଏ ଚୁପ ଚାପ ବାଧ୍ୟ ଶିଶୁଟି ପରି ।

- ଗୋଟେ କଥା ପଚାରିବି ଜେଜେ । କେବେଠୁ ଭାବିଛି ପଚାରିବାକୁ । ପଚାରିନି ।

ଡାଇ କ.ରିବା ଭିତରେ ପଚାରିଲା ସୀମା ।

- ପଚାରେ କଣ ପଚାରିବୁ ?

- ଜେଜେ, ଆମ ଜେଜୀଙ୍କର କଣ ନାଁ ନାହିଁ 'ଏଇ ଶୁଣୁଚ..' 'ଶୁଭୁଚି..' ବୋଲି ସବୁବେଳେ ଡାକ ଜେଜୀଙ୍କୁ ? ସିଏ କଣ କାଲୁଣି, ନା ଦ୍ରବ୍ୟଟିଏ ?

କି ଉତ୍ତର ଦେବି ମୁଁ ସୀମା ପ୍ରଶ୍ନର ? ଟୋକୀଟା ସବୁକୁ ଲକ୍ଷ୍ୟ କରିଛି ।

କହିଲି, ଦେଖେ ସୀମା, ନାଁ ଧରି ଡାକିବାର ଗୋଟେ ବୟସ ଥାଏ । ଗଡ଼ିଗଲେ ଆଉ ଭଲ ଲାଗେନା । ତା ସ୍ଥାନ ନିଏ ଯାହା ଡାକୁଚି ମୁଁ ଏବେ ।

- ଜେଜୀ ତ ଲାଗନ୍ତିନି ବୟସ୍କା ? ତାଙ୍କ ବୟସର କିଏ ଅଛି ତାଙ୍କ ପରି ସୁନ୍ଦରୀ, ସ୍ୱାସ୍ଥବତୀ କହିଲ ? ତମେଇ ତାଙ୍କୁ ବୁଢ଼ୀ କରି ଦେଉଛ । ବୟସ୍କ ହେବାର ଭାବନା ଅଧିକ ତମ ମନରେ, ଯେତିକି ନୁହେଁ ଶରୀରରେ । ଏସବୁ ଠିକ ନୁହେଁ । ତମେ କ'ଣ ଆଗରୁ, ମାନେ ଆରମ୍ଭରୁ ଡାକ ଏହିପରି ? ନାଁ ଧରି ଡାକିନା ଜେଜୀଙ୍କୁ ?

ସୀମା ପଚାରିଲା ଜିଜ୍ଞାସୁ ହେଇ ।

- କାହିଁ ଆଣୁଛୁ ଅତୀତକୁ ମାଆ ? ସେ ଦୃଶ୍ୟ ଓ ଭାବନାରେ ଖାଲି ଦୁଃଖ । ଜାଣିବାକୁ ଚାହୁଁଚୁ ଯଦି ଶୁଣୁ...

ଯେବେ ତୋ ଜେଜୀ ଆସିଥାଏ ନୂଆ ହେଇ, ଆଜି ପରି ପୃଥଳି ନଥାଏ । ତମ୍ବାପାତ ପରି ପତଳା ଶରୀର ତାର ଝଲୁଥାଏ ଟହଟହ । ଛିଟଶାଢ଼ୀ ପିନ୍ଧି ଏଘରୁ ସେଘର ହଉଥିବା ବେଳେ ଦିଶୁଥିବ ପ୍ରଜାପତିଟିଏ ଉଡୁଥିବାର । ପାଦପାଉଞ୍ଜିର ରୁଣୁ ଝୁଣୁ ଶବ୍ଦରେ ପୂରି ଉଠୁଥିବ ପୁର ଆମର । ଦିନେ ଏକାନ୍ତରେ କହିଲି, ତମ ନାଁ ଅଳକାନନ୍ଦା । କଣ ଡାକିବି ତମକୁ ? ଏଡ଼େ ବଡ଼ ନାଁରେ ଡାକିବା କଷ୍ଟ । ହସିଦେଇ କହିଲା, କଷ୍ଟ ହଉଚିତ ଭାଙ୍ଗି ଦେଇ ଗୋଟିଏ ଅଂଶକୁ ଧରି ଡାକ ।

- ତା ମାନେ ଅଳକା, ନାଇଁତ ନନ୍ଦା ? ଅଳକାରେ ତିନି ଅକ୍ଷର । ନନ୍ଦାରେ ଦୁଇ । ଏଣିକି ନନ୍ଦା ନାଁରେ ଡାକିବି ତମକୁ । ଚଳିବ.. ?

ଜେଜୀର ଖୁସି କହିଲେ ନସରେ । ସିଏ ବୋଧେ ଚାହୁଁ ଥିଲା ଏଇ ନାଁରେ ମୁଁ ଡାକେ ତାକୁ । ସେବେଠୁ ମୋ ମୁହଁରେ ସେ ନନ୍ଦା ।

କହୁଥିବା ବେଳେ ଜେଜେଙ୍କ ମନର ଅବସ୍ଥାକୁ ବୁଝୁଥାଏ ସୀମା । ଏବେବି ଭିତର ରୋମାନ୍ସ ଭରା । ବାର୍ଦ୍ଧକ୍ୟ ସ୍ପର୍ଶ କରିନି । ସୀମା ହସୁଥାଏ ଓଠ ଚିପି ଜେଜେଙ୍କ ଅଲକ୍ଷ୍ୟରେ ।

- ସୁନ୍ଦର ନାଁ । ଯିମିତି ମଧୁର ସିମିତି ରୋମାଣ୍ଟିକ । କେବେଠୁ ଏଡ଼େ ସୁନ୍ଦର ନାଁକୁ ବିଦାୟ ଦେଇ ଏବେ ଏ'ଇ.. ଏ'ଇ.. ହଉଛ ? ଶୁଣ, ଏଣିକି ନନ୍ଦା ବୋଲି ଡାକିବ । ନନ୍ଦା ଡାକ ଏବେବି ଜେଜୀଙ୍କ ପାଇଁ ଶତପ୍ରତିଶତ ଫିଟ । ଆଉ ସେ ପୁରୁଣା ଶବ୍ଦ ନଶୁଣେ ଯିମିତି ।

ପାଗିଳୀଟା ଗପି ଚାଲିଛି ଯାହା ତା ମନକୁ ଆସୁଛି । କହିଲାଣି ଏଣିକି ତା ଜେଜୀଙ୍କୁ ନନ୍ଦା ଡାକିବାକୁ । ଏ ବୟସରେ ଏପରି ଡାକ ? ପୁଅ ବୋହୂ ଶୁଣିଲେ ଭାବିବେ କଣ ? ମଣିଷ ମହରଗରୁ ଯାଇ ପଡିବ କାନ୍ତାରରେ । ଡାକିଲେ ଯୋଉ ଅବସ୍ଥା, ନଡାକିଲେ ଅବସ୍ଥା ଆହୁରି ଜଟିଳ । ସୀମା ଛାଡିବନି । ଖୋଲା ଖୋଲି ଅପମାନିତ କରିବ ସମସ୍ତଙ୍କ ସାମ୍ନାରେ ।

ଡାଇ ସାରି ଯିବାବେଳେ ସୀମା କହିଲା, ଜେଜୀଙ୍କରବି କାନମୂଳରେ କିଛି ସଫେଦ ପଡି ଆସୁଛି । ଯାଉଛି ତାଙ୍କୁବି ସାରିଦେଇ ଯିବି ।

ଦ୍ୱିପହରେ ସାମ୍ପୋ ଦେଇ ମୁଁ ଗାଧେଇଲି ଭଲକି । ପୋଛାପୋଛି ହେଇ ପାନିଆଁ ଧରି ଦର୍ପଣକୁ ଚାହେଁତ ମୁହଁ ଝାଉଁଳି ପଡିଲା ସରମରେ । ରୀତିମତ ବାଇଶି ବର୍ଷର ଟୋକାଟାଏ । ସବୁଜିମା ଖୁନ୍ଦି ହେଇଚି ଶରୀରରେ । ବାରବାର ଦେଖୁଥାଏ ଆଇନାକୁ । ଭାରି ଭଲ ଦିଶୁଥାଏ । ସେଦିନ କାହାରି ମୁହଁକୁ ଅନେଇନି । ତଳକୁ ମୁହଁ ପୋତି ଯାହା କରିବାର କରିଛି କର୍ମ ।

ସନ୍ଧ୍ୟାରେ ଟେବୁଲରେ ବସି କିଛି ଲେଖୁଥାଏ । ଚା 'ପିଇବାର ସମୟ ଗଡିଯିବା ଜାଣି ଡାକିବା ଆବଶ୍ୟକ ପଡିଲା । କଣ କହି ଡାକିବି ? ଏ'ଇ.. ଶୁଣୁଚ,ବୋଲି ଡାକିଲେ ସୀମା ଆଗ ଶୁଣିବ ଜେଜୀ ଶୁଣିବା ଆଗରୁ । ସିଧା ଫାୟାର ହେବ ଆସି । ତାକୁ ସାମ୍ନା କରିବା ସହଜ ନୁହେଁ । ବାଧ୍ୟ ହେଇ ଡାକିଲି, ନନ୍ଦା, ଚା' ଫା' ଆଜି ମିଳିବ ନା ନାଇଁ ? ନାଁଟା ଆସ୍ତେ କରି କହିଥିଲେବି ଲାଗିଲା ପ୍ରତିଧ୍ୱନିତ ହେବାର ନିରବତା ଭିତରେ । କିଛି ସମୟ ଅନ୍ତେ ଚା କପ ଥୋଇ ସିଏ ପଚାରିଲେ , କାହାକୁ ଡାକିଲ ? ଆଉଥରେ ଡାକତ ?

- ଶୁଣିଲତ, ଆଉଥରେ ପୁଣି କାହିଁକି ?

- ଡାକନା, ଭଲ ଲାଗୁଚି ଶୁଣିବାକୁ । ଡାକ...

- ଦେଖ, ଏ ନାଁରେ ଡାକିବାକୁ ସୀମାର ତାଗିଦ । ନାଇଁତ ମୁଁ କାହିଁ ଡାକି ଥାଆନ୍ତିଯେ ? ପୁଅ ବୋହୂ ଶୁଣିଲେ କଣ ଭାବିବେ ? ଶୁଣିଲେକି ବୋହୂ ?

- ବୟସ ସହ କ'ଣ ହଜିଯାଏ ମଣିଷର ନାଁ ? ଇମିତି କାହିଁକି ଭାବୁଛ ତମେ ?

ଲୁହ ଢଳଢଳ ଆଖିରେ ନନ୍ଦାର ମଧୁର ଅଭିଯୋଗ ।

ବୋହୂ ବୋଧେ ଶୁଣୁଥାଆନ୍ତି । ତତ୍‌କ୍ଷଣାତ ପ୍ରବେଶ କରି କହିଲେ, ସତକଥା ବାପା । କେଇଦିନକୁ ଏ ଜୀବନ ? ଯେତେଦିନକୁ ବଞ୍ଚିବା, ଭଲ କରି ବଞ୍ଚିବା । ଏତେ ସଂକୋଚ କାହିଁକି ? କାହିଁକି ଏତେ କାର୍ପଣ୍ୟ ? ବୋଉ କଣ ବୁଢ଼ୀ, ନା ଅସୁନ୍ଦରୀ ? ନନ୍ଦା, ପୁଣି ଆପଣଙ୍କ ମୁହଁରୁ, ଭାରି ଭଲସାଜେ ତାଙ୍କୁ । ଆପଣଙ୍କର କଣ ଇଚ୍ଛା ହୁଏନି ଆପଣାର ଲୋକକୁ ନାଁ ଧରି ଶ୍ରଦ୍ଧାରେ ଡାକିବାକୁ ?

- ଆଉ ସେ ମାୟାକୁ ଟାଣନି ବୋହୂ । ମୋହଠୁ ଦୁରେଇ ଆମେ ଏବେ ନିଷ୍କାମ ଭାବ ଦୁନିଆଁରେ । ଆଉ କେଇ ଦିନକୁ ଏ ଶରୀର ମନ ?

ଶଶୁରଙ୍କ ମୁହଁରୁ ଛଡେଇ ବୋହୁ କହିଲେ, ନିଷ୍କାମ ଅର୍ଥ କେବେ ମୋହମୁକ୍ତ, ମାୟାମୁକ୍ତ ନୁହେଁ ବାପା । ମୋହରୁ ମାୟା । ମାୟାରେ ଜୀବନ । ମାୟା ନାଇଁତ ଜୀବନ ନାଇଁ । ଏହାହିଁ ପ୍ରକୃତି । ଏଥିରେ ପରିବର୍ତ୍ତନ ନା ଆପଣ କରିପାରିବେ, ନା ଆଉ କେହି ? ଆପଣ କ'ଣ ପ୍ରକୃତିକୁ ଆଗ୍ରହ୍ୟ କରିବେ ? ଆପଣ କହିପାରିବେ ବାପା, ନାଁ ଉଚ୍ଚାରଣ ନକରି ଆପଣ ମୁକ୍ତବୋଲି ମାଆଙ୍କ ମୋହରୁ ? କେବେ ନୁହେଁ । ଚାହିଁଲେବି ପାରିବେନି । ସମୟ ଛାଁ'କୁ କରିବ ମୋହରୁ ମୁକ୍ତି । କରିବ ମାୟାମୁକ୍ତ । ସେଥିପାଇଁ ଅଛି ସମୟ । ଆମ କଥା ଚିନ୍ତା କରନ୍ତୁନି । ଆମେ ଅଧିକ ଖୁସିହେବୁ ଯଦି ଅବେଳରେ ବାର୍ଦ୍ଧକ୍ୟକୁ ଆଲିଙ୍ଗନ ନକରି ଜୀବନକୁ ଶେଷଯାକେ ଅନୁଭବ କରନ୍ତି । ସେଥିରେ ବରଂ ଉତ୍ସାହିତ ହେବୁ ଆମେ । ମଜବୁତ ହେବ ବିଶ୍ୱାସର ଡୋରି ଜୀବନ ପ୍ରତି ।

ମୁଁ ଶୁଣୁଥାଏ ବୋହୂଙ୍କ ମୁହଁର କଥାକୁ । ଆଶ୍ଚର୍ଯ୍ୟ ଲାଗୁଥାଏ ଏତେଟିକେ ମଥାରେ ଏତେ ଭାବନା, ନଗ୍ନ ସତ୍ୟତାର ଖୋଲା ଖୋଲି ପରିପ୍ରକାଶ ବିନା ଦ୍ୱିଧା, ବିନା ସଂକୋଚରେ ! ଅଥଚ, ସବୁ ଜାଣି ବୁଝିବି ସଂକୋଚର ପରଦା ତଳେ କେତେ ସଂକୁଚିତ ଆମେ ।

- ହଉ ମା ', ଏଣିକି ତମ ଶାଶୁଙ୍କୁ ନାଁ ଧରି ଡାକିବି ମୁଁ ।

ସ୍ତ୍ରୀ'ଙ୍କ ଉଦ୍ଦେଶ୍ୟରେ କଥା ମୋର, ଏବେ ଖୁସିତ... ? ?

- ମୁଁ କୋଉ ଦୁଃଖରେ ଥିଲିକି ? ତମେତ ଜାଣିଜାଣି ନିଜକୁ ବୁଢ଼ା କରିବା ସହ ବୁଢ଼ୀ କରି ଦଉଥିଲ ମୋତେ ।

- ତମେ କଣ ଭାବୁଛ ନିଜକୁ ଯୁବତୀ ?

କଥା ଆଗକୁ ବଢୁଥିବା ଦେଖି ବୋହୂ ମୁହଁରେ ଲୁଗା ଚାପି ନିର୍ଗତ ହେଇଗଲେ ସେଠୁ ।

ତତ୍‌ପଶ୍ଚାତ ସ୍ତ୍ରୀ'ଚାଲି ଯାଉଥିବାର ଦେଖି ମୁଁ ଟାଣିଧରି ତାଙ୍କ ଲୁଗାକାନିକୁ କହିଲି ଟିକେ ବସନା, ଭାରି ଭଲ ଦିଶୁଛ ।

- ଛାଡ଼, ରଖ ତମ ସୁହାଗ । ବୋହୂ ଦେଖୁଥିବ ।

ହାତରୁ ଲୁଗା ଝିଙ୍କିନେଇ ଯାଉଥିବା ବେଳେ ପଛକୁ ଅନେଇ କହିଲେ, ତମେ କୋଉ କମ ଦିଶୁଛକି ?

ରୋଷେଇଘରୁ ଶବ୍ଦହେଲା କିଛି ପଡିବାର । ଅନ୍ୟମନସ୍କତାରୁ ହେଇଥିବ...ବୋଲି ମୁଁ ଭାବିଲି ।

♥ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
(ମୋ) ୯୨୩୮୯୨୦୪୦୫

# ଯା' ଦେବୀ ସର୍ବଭୂତେଷୁ...

## ନଗେନ୍ଦ୍ର ନାଥ ପଟ୍ଟନାୟକ



'ଯା ଦେବୀ ସର୍ବଭୂତେଷୁ ଶକ୍ତି-ରୂପେଣ ସଂସ୍ଥିତା
ନମସ୍ତେସୈ ନମସ୍ତେସୈ
ନମସ୍ତେସୈ ନମୋ ନମଃ ।'

ଏମିତି ମନ୍ତ୍ର ପାଠ ଉଚ୍ଚାରଣ କଲେ ବ୍ରାହ୍ମଣ କେଶବ ଦାସ । ପୂଜାର୍ଚ୍ଚନା ସମାପନାନ୍ତେ ଜୟ ଜୟକାର, ମାତାରାଣୀଙ୍କ ଜୟ ବୋଲି ଉଚ୍ଚକିତ ସ୍ୱରରେ କହିଚାଲିଲେ ।

-ଜୟ ... । ସମବେତ ଭକ୍ତଜନଙ୍କ ସ୍ୱରରେ ମନ୍ଦିର ଗୁଂଜରିତ ହୋଇଉଠିଲା । ପ୍ରସାଦ ଗ୍ରହଣକରିବା ପାଇଁ ସବୁ ଭକ୍ତ ଶ୍ରଦ୍ଧାଳୁ ଧାଡି ବାନ୍ଧି ଛିଡା ହୋଇଥିଲେ ସତୃଷ୍ଣ ନୟନରେ । ପବିତ୍ର ନବରାତ୍ର ଦିନ ମନ୍ଦିରର ଆକର୍ଷଣୀୟ ଶୋଭାରାଜି ଓ ଆଖି ଝଲସା ସାଜସଜ୍ଜା ଅନ୍ୟ ଦିନଗୁଡିକ ଅପେକ୍ଷା ଢେର ବଢିଯାଏ । ବ୍ରାହ୍ମଣ କେଶବ ଦାସ ମା ଦେବୀଙ୍କ ଅଗାଧ ଭକ୍ତିସାଗରରେ ବୁଡିଯାଆନ୍ତି ଯେମିତି । ସେ ଖୁବ୍ ଶ୍ରଦ୍ଧାରେ, ପ୍ରୋମାପ୍ଲୁତ ହେଇ ସମସ୍ତ ଭକ୍ତ ଶ୍ରଦ୍ଧାଳୁଙ୍କ ପ୍ରସାରିତ ହସ୍ତରେ ପ୍ରସାଦ ବଢାଇ ଦିଅନ୍ତି । ଜୟ ମାତାଜୀ ଜୟ ବୋଲି ଉଦ୍‌ଘୋଷିତ କରିଚାଲନ୍ତି ।

-ସର୍ବ ଭୂତେଷୁ . .. . ଶକ୍ତି-ରୂପେଣର କି ଅର୍ଥ ପଣ୍ଡିତ୍‌ଜୀ । ତାଙ୍କ ପାଖକୁ ଆସି କୁନି ମିକି ଖୁବ୍ ଉତ୍ସାହିତରେ ସହ ପ୍ରଶ୍ନ କଲା ।

- ସବୁପ୍ରାଣୀମାନେ ତୁମ ଭିତରେ,ମାଙ୍କ ଅନ୍ତରରେ ଏମିତିକି ମୋ ଭିତରେ ବିମାତା ରାଣୀଙ୍କ ଶକ୍ତି ଅଛି । କୁନି ମିକି ବିସ୍ମୟଭରା ଆଖି ଯୋଡିକ ଡବଡବ କରି କହିଲା ।

-ହଁ, କେବଳ ମୋ ଆଉ ତୁମ ଅନ୍ତରରେ ନୁହେଁ, ବରଂ ଗଛଲତା ଏପରିକି ଚାରା ଭିତରେ ମଧ୍ୟ ମା ଭଗବତୀଙ୍କ ଅମୀତ ଶକ୍ତି ଠୁଳିଭୂତ ହୋଇଛି । ଆମେମାନେ ବଂଚି ରହିଚୁ ଖାସ୍ ସେଇଥି ପାଇଁ –ବ୍ରାହ୍ମଣ କେଶବ ଦାସ ବୁଝାଇ ଦେଲେ ।

-ଆଚ୍ଛା, ତାହେଲେ ମୋ ମା'ଙ୍କ ଭିତରେ ମଧ୍ୟ ମାତାରାଣୀଙ୍କ ଅପରିସୀମ ଶକ୍ତି ଅଛି। ମିକିରେ ବିସ୍ମିତ ଭରା ସ୍ୱରରେ କହିଲା ।

- ଆରେ ଝିଅ ମିକି, ତୁ କେତେ ପ୍ରଶ୍ନ ପଚାରୁଚୁ । ବ୍ରାହ୍ମଣଙ୍କୁ ହଇରାଣ ହରକତ କରିବା ବନ୍ଦକର । ସରଳା ଦେବୀ ଗେହ୍ଲି ଝିଅକୁ ରୋକିଦେଇ କହିଲେ ।

- ଆରେ ନାଇଁ ଭଉଣୀ, ମତେ ସେ ହସ୍ତସନ୍ତ କରୁନାହିଁ । ବରଂ ଏମିତି ଲାଗୁଚି ଯେମିତି ସାକ୍ଷାତ ମା' ଭବାନୀ ମୋ ଭିତରେ ପ୍ରଶ୍ନର ଉତ୍ତର କହି ଦେଉଛନ୍ତି । ପଣ୍ଡିତ କେଶବ ଦାସ ସରଳା ଦେବୀଙ୍କୁ ଉଦ୍ଦେଶ୍ୟ କରି କହିଲେ । ପୁଣି କୁନି ମିକି ଆଡେ ମୁହଁ ଫେରାଇ ନେଇ କହିଲେ – ତୁମ ମା' ଖୁବ୍ ଶକ୍ତିଶାଳୀ କାରଣ ସେ ଏକ ଦେବୀଙ୍କ ମାତା ।

- ଦେବୀ । କିନ୍ତୁ ମା' ତ ମୋର ମାଆ, ଦେବୀଙ୍କର ତ ନୁହେଁ । ଦରୋଟି ସ୍ୱରରେ ଏତକ କହିସାରି କୁନି ମିକି ସରଳା ଦେବୀଙ୍କୁ ଜାବୋଡି ଧରିଲା ।

-ହା –ହା-ହା , ମା' ତୁମର ଏ କି ଆତ୍ମୀୟତା, ଆପଣା ପଣ । ମିକି ତୁମର ହିଁ ଦେବୀ । ସୁଜିତ୍ ଭାଇ, ତୁମର ଝିଅର ବୁଦ୍ଧିକୁ ମାନିବାକୁ ହେବ,କି କୁଶାଗ୍ର ବୁଦ୍ଧି –କେଶବ ଦାସ ତୁଣ୍ଡରେ ହସ ଉଛୁଳାଇ କହିଲେ ।

- ଏ ଗେହ୍ଲୀ ଝିଅ ମୋର ରତ୍ନଟିଏ । ଗର୍ବରେ ଛାତି ଫୁଲାଇ କହିଲେ । ନିଜ କନ୍ୟାରତ୍ନଟିର ପ୍ରଖର ବୁଦ୍ଧି ଓ ଜିଜ୍ଞାସା ଓ କୌତୂହଳକୁ ପ୍ରତ୍ୟକ୍ଷ କରି ସୁଜିତ୍ ବାବୁଙ୍କ ମନ ଖୁସିରେ ଉଛୁଳି ପଡୁଥିଲା ।

-ଆଚ୍ଛା, ମୋ ଜେଜେ ମାମାଙ୍କୁ ଗାଳି ଗୁଲଜ କରନ୍ତି କାହିଁକି. . ..ବରାବର ରୋକି ଦିଅନ୍ତି କାହିଁକି . . . ମତେ ମଧ୍ୟ ଗାଳି ଆକଟ କରନ୍ତି କାହିଁକି - ମିକି ଉଦାସ ମୁହଁରେ କହିଲା ।

କୁନିଝିଅ ମିକିର ତୁଣ୍ଡରୁ କଥା ପଦକ ଶୁଣି ସରଳା ଦେବୀ ଘାବୁରେଇ ଗଲେ । ଝିଅର ମା' ହୋଇ ସରଳା ଦେବୀ ଗାଳି ଦେବାର ଅଧିକାରୀ ହୋଇଥିଲେ । ସୁଜିତ୍‌ବାବୁଙ୍କ ଚେହେରାରେ ରଙ୍ଗ ଉଡି ଯାଇଥିଲା । ତାଙ୍କ ମୁଖମଣ୍ଡଳ ପାଣ୍ଡୁର ରୂପ ଧାରଣ କରିଥିଲା ।

ସରଳା ଦେବୀ ବକେଟେ ଛୁଆ ମିକିର କଅଁଳ ହାତଟିକୁ ଟାଣି ଆଣି କହିଲେ –ଚାଲ୍, ଘରକୁ ଚାଲ । ବହୁତ ଉଚ୍ଛୁର ହୋଇ ଗଲାଣି ।

-ନାଇଁ ମାଆ , ତୁମ ଆଗ କୁହ ଗଲା କାଲି ବାପା ମଧ୍ୟ ତମ ଗାଲରେ ଶକ୍ତ ଚଟକଣି କଷି ଦେଇଥିଲେ । ମୁଁ ନିଜ ଆଖିରେ ଦେଖିଥିଲେ- ରାଗିଯାଇ ମିକି କହିଲା ।

କୁନି ଝିଅଟିର ଦରୋଟି କଥା ପଦକ ଶୁଣି ସମସ୍ତେ ନିର୍ବାକ, ନିରୁତର । କାହା ତୁଣ୍ଡରୁ ପଦେଅଧେ କଥା ବିସ୍ଫୁରିଲା ନାହିଁ । ସୁଜିତ ବାବୁଙ୍କ ଆଖି ହଲକ ଆର୍ଦ୍ର ହୋଇଗଲା ।

ଦେବୀ ମାତା, ତୁମେ ମନ୍ଦିର ଭିତରେ ଯାଇ ମାତାରାଣୀଙ୍କ ପାଖରେ ଥୁଆ ହୋଇଥିବା ମିଷ୍ଟାନ୍ନ ନେଇଯିବ –କେଶବ ଦାସ ବିନା ଦ୍ୱିଧାରେ କହିଲେ ।

-ଏଇଲେ ଆଣୁଚି ବୋଲି କହି ମିକି ଝପଟି ଗଲା ।

- ସୁଜିତ ଭାଇ, ତୁମକୁ କଣ ଜଣାନାହିଁ ତୁମ ଘରେ କଣ ସମସ୍ୟା ଅଛି ? କିନ୍ତୁ ଏତିକି ଅବଶ୍ୟ କହିବ ଯେ 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା ।' ତୁମ ଘରେ ତ ସ୍ୱୟଂ ଦେବୀ ଜନ୍ମ ନେଇଛନ୍ତି । ଅଥଚ ତମେ ସହଧର୍ମିଣୀଙ୍କ ସହିତ . .. . . . ପବିତ୍ର ନବରାତ୍ରଅର୍ଥ କଣ ବୁଝି ମାତାଙ୍କ ଉପାସନା କର । ମାତା ଭଗବତୀ ଏମିତି ବ୍ୟକ୍ତି ଉପରେ କୃପା ବୃଷ୍ଟି କରନ୍ତି ନାହିଁ ଯିଏ ଧର୍ମପତ୍ନୀଙ୍କୁ ସମ୍ମାନ ଆଦର କରନ୍ତି ନାହିଁ । ଏତକ କହିସାରି କେଶବ ଦାସ ସେଠୁ ଝଟ୍ କିନା ନିଷ୍କ୍ରାନ୍ତ ହୋଇଗଲେ ।

ଏ ଭିତରେ ମିକିତା ଦୁଇ କଅଁଳ ହାତରେ ଲଡୁ ଓଠେଇ ପହଁଚିଗଲା ସେଠି । ମାଆ ବାପା ଦୁହିଁଙ୍କୁ ଏକଦମ୍ ତୁନି ପଡିବା ଦେଖି ଟିକେ ଶଙ୍କିଗଲା ସୋମାର କପୋଳରେ ବାପାଙ୍କ ଚାପୁଡାର ଚିହ୍ନ ଜଳଜଳ ହୋଇ ଭାସି ଉଠୁଥିଲା ତା ଆଖି ଆଗରେ । ହଡବଡେଇ ଯାଇ ସେ ମା'ସରଳା ଦେବୀଙ୍କ ପଛରେ ଲୁଚିଗଲା । ଥଙ୍ଗଥଙ୍ଗ ହେଇ କହିଲା – ସରି ବାପା, ଭୁଲ ହୋଇଗଲା . . . . ତମେ ଆଉ ମାମାଙ୍କ ଉପରେ ରାଗରୁଷା, ଅଭିମାନ କରିବ ନାଇଁ । ନିଷ୍ପାପ କୁନି ମିକିର ତୁଣ୍ଡ କଥା ପଦକ ଶୁଣି ସୁଜିତ ବାବୁ ଯେମିତି ନିଦରୁ ଉଠିପଡିଲେ । ତାଙ୍କ ଆଖିରୁ ଲୁହ ଠପ୍‌ଠପ୍ କରି ଖସିପଡିଲା । ଏ ଲୁହ ପଶ୍ଚାତାପର କି ଲଜ୍ଜା ସଂକୋଚର, କହିବା ବଡମୁସ୍କିଲ ।


ପିଲାଲୋକ, କାହା ସାମନାରେ କଣ କହିବାକୁ ହୁଏ ତାକୁ ଜଣାନଥାଏ । ତୁମେ ଆଉ ଦହଗଂଜ ହୁଅ ନାହିଁ, ମୁଁ ବ୍ୟବସ୍ଥିତ କରିଦେବି ସବୁକିଛି – ବିଚଳିତ ସୁଜିତ ବାବୁଙ୍କୁ ବୁଝାଇଲେ ସରଳା ଦେବୀ । ମତେ ମାଫ୍ କରିଦିଅ ସରଳା, ମୁଁ ନିଜକୁ ଲଜ୍ଜିତବୋଧ କରୁଛି । ଅସଲରେ ମାତାଙ୍କ ଦରବାରରେ ଆସିବାକୁ କୌଣସି ଅଧିକାର ନାହିଁ ମୋର । ମତେ କ୍ଷମା କରିଦିଅ । ଏଣିକି କେହି ବି ତମ ପ୍ରତି ଦୁର୍ବ୍ୟବହାର କରିବେ ନାହିଁ –ଏ ପ୍ରତିଶ୍ରୁତି ଦେଉଛି ମୁଁ । ଏୟା କହି ସୁଜିତ ଦୁଇ ହାତଯୋଡି ଦେଲା ।

ସରଳା ଦେବୀଙ୍କ ଆଖିରୁ ଶ୍ରାବଣର ଧାରା ପରି ଅଶ୍ରୁ ଝରଝର ହୋଇ ନିଗଡି ପଡିଲା ତାଙ୍କ କପୋଳ ଦେଇ । ମା' ଭଗବତୀଙ୍କ ଅପାର କୃପା ବିଲୋକନ କରି ଭାବ ବିହ୍ୱଳ ହୋଇ ଉଠିଲେ ସରଳା ଦେବୀ । କୁନିଝିଅ ମିକିକୁ ସ୍ନେହ ବୋଳା ବାହୁରେ ଜଡେଇ ଦେଇ କଇଁକଇଁ ହେଇ କାନ୍ଦିବାକୁ ଲାଗିଲେ । ଦେବାଳୟରେ ଚନ୍ଦର ଅଗୁର ଓ ସୁରଭିତ ପୁଷ୍ପର ମହକ ଚହଟି ଯାଉଥିଲା । ଲାଗୁଥିଲା କେହିଜଣେ ସୁରଭି ସିଂଚି ଦେଇ ଚାଲିଛି ଯେମିତି ।

♥ ଓସ୍କାରସିଟି, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

ପଢ଼ିବା ପରେ

# ଭାବନା ରାଜ୍ୟର ଦୁର୍ଲ୍ଲଭ ଅଭିସାର 'ସ୍ୱପ୍ନ କିଛି ବାକିଥାଉ'



'ରାତି ପଛେ ପାହି ଯାଉ/ କିଛି ସ୍ୱପ୍ନ ବାକି ଥାଉ/ ଝର୍କା ସେପାଖ ଉଦାସୀ ଜହ୍ନକୁ /ଆସିବାକୁ ଦିଅ ନିବୁଜ କଠୋରୀକୁ/ ଦିଗ୍‌ବଳୟର ଭସା ବାଦଲକୁ ବିଭୋର ହେବାକୁ ଦିଅ, ମଜ୍ଜିବାକୁ ଦିଅ ରାତିସାରା...'

କବିଟିଏ ଚିରକାଳ ବିଭୋର ହୁଏ ସ୍ୱପ୍ନରେ ଆଉ ସେଇ ବିଭୋରପଣ ତାକୁ ଦିଏ ଗୋଟେ ନୂଆ ପରିଚୟ । ତାର ଆବେଗ, ଅନୁରାଗ, ଆଶା, ଅନ୍ୱେଷା ସବୁ ଅନୁଭବର କଷଟି ପଥରରେ ଘଷିମାଜି ହୋଇ ଦିଶେ ସୁନାଠୁ ଉଜ୍ଜ୍ୱଳ । ରାତିର ଘନ ଅନ୍ଧାର ଭିତରେ ତାକୁ କବଳିତ କରେ ନାହିଁ କିଛି ଭୟ ବରଂ ସେଇ ଅନ୍ଧାର ଭିତରେ ଆଖିବୁଜି ସିଏ ପ୍ରାର୍ଥନା କରେ ରାତି ପଛେ ପାହିଯାଉ, କିନ୍ତୁ କିଛି ସ୍ୱପ୍ନ ବାକିଥାଉ । ହଁ ବାକି ଥାଉ । ସୁଖ, ଦୁଃଖ, ଭ୍ରମ, ବିରହ, ଯନ୍ତ୍ରଣା, ଅବସୋସ, ସ୍ୱପ୍ନ ସ୍ୱପ୍ନଭଂଗ ଆଦି ଭାବନାର ବିଷୟକୁ ସେ ଜୀବନ୍ୟାସ ଦେଇଥାଏ ନିଜ କବିତାରେ । କବିପଣରେ ବଂଧିରଖେ କବିତାର ଧାଡ଼ିରେ ସେ ଚିତ୍ରସବୁକୁ ।

'ସ୍ୱପ୍ନ କିଛି ବାକିଥାଉ' କବି ଡ. ଶ୍ରୀଧର ସାମଲଙ୍କ ଦ୍ୱିତୀୟ କବିତା ସଂକଳନ ହେଲେ ମଧ୍ୟ ଏଥିରେ ସ୍ଥାନିତ କବିତା ଗୁଡ଼ିକ ଯେ ପରିପକ୍ୱ ଏଥିରେ ଦ୍ୱିମତ ନାହିଁ । 'ସ୍ୱପ୍ନ କିଛି ବାକିଥାଉ' କବିତାରୁ ଆରମ୍ଭ ହୋଇ 'ଅତଡ଼ା ଖାଉଥିବା ସମ୍ପର୍କ' ଯାଏ ଏ କବିତା ପୁସ୍ତକର ଯାତ୍ରା । ଅନିଶ୍ଚିତ ମୌସୁମୀରେ ଋତୁମାନେ ଯେମିତି ବଦଳାନ୍ତି ତାଙ୍କ ମନ, ଠିକ୍ ସେମିତି ଇଚ୍ଛାମାନେ ବି ଦିଗହରା ପଥିକ ପଣରେ ବାଟ ହୁଡ଼ନ୍ତି ବାରମ୍ବାର । ଧୋକାଖାଇ ପ୍ରତିଥର ମୋହଗ୍ରସ୍ତ ଚାତକ ପରି ହଜୁଥାନ୍ତି, ହଜଉଥାନ୍ତି ତାଙ୍କ ଅତୀତ । ଆଶା ବିଶ୍ୱାସର ସୌଧ ଦୋହଲିଯାଇ ସ୍ୱପ୍ନ ଧୂଳିସାତ୍ ହେଲାବେଳେ ବି କବି ପ୍ରାର୍ଥନା କରନ୍ତି ରାତି ପଥେ ପାହିଯାଉ କିନ୍ତୁ କିଛି ସ୍ୱପ୍ନ ବାକିଥାଉ । କୋଳାହଳ ଭିତରେ ଶୂନ୍ୟତା ଏବଂ ଅହେତୁକ ଆଶଙ୍କାରେ ଜଡ଼ସଡ଼ କବି ଲେଖନ୍ତି 'ବୟସ୍କା ରାତିର ଶୋଷ' ଭଳି କବିତା ।

ଅଳିଆଗଦା ଭିତରୁ ସାଉଁଟିବାକୁ ହୁଏ  
ଟୁକୁଡ଼ା ଟୁକୁଡ଼ା ସାନ୍ତ୍ୱନା  
ଅପ୍ରାପ୍ତିରୁ ପ୍ରାପ୍ତିର ବାସନା  
ମୃଦୁ ମୃଦୁ ଶିହରଣ ହୋଇ  
ନିନାଦିତ କରୁଥାଏ ସାରାରାତି  
ଭାରି ଭଲଲାଗେ  
ଭୋଗିବାକୁ ସ୍ମୃତିର ଯାତନା ।  
(ବୟସ୍କା ରାତିର ଶୋଷ)

କବିଙ୍କ କବିତାରେ ସ୍ମୃତି ଗୋଟେ ବାରବୁଲା ଯାଯାବର ତ କେତେବେଳେ ଅସମୟେ ବଜ୍ରପାତ ଅବା ଆକାଶରେ ମେଘର ମଲ୍ଲାର । କେତେବେଳେ ନିଆଁ ହୋଇ କୁହୁଳୁଥାଏ ତ କେତେବେଳେ ଗୁମୁରୁଥାଏ ମଧୁର ମୂର୍ଚ୍ଛନା ହୋଇ ନିଶବ୍ଦ ପ୍ରହରରେ । ଡ. ସାମଲଙ୍କ କବିତାରେ ଚିରନ୍ତନ ପ୍ରକୃତି ପ୍ରାଣତାର ସୁଲଭ ଅଭିବ୍ୟକ୍ତି ଦୃଶ୍ୟମାନ ହୁଏ । ପୁରୁଣା ଦିନର ପୃଷ୍ଠାକୁ ଆହୁତି ଦେଲାବେଳେ ଆଖିକୋଣରେ ଜମାଟ ବାନ୍ଧେ ଟୋପାଟୋପା ଲୁହ, ବିଦାୟ ବେଳାରେ ସ୍ମୃତି ଫୁଲ ହୋଇଯାଏ । ଇଚ୍ଛାମାନେ ଉଠାଣି ଗଡ଼ାଣିରେ ଗଡ଼ିଲା ବେଳେ ଅକୁହା କାହାଣୀ ସବୁ ଜୀବନ୍ୟାସ ପାଇ ଠିଆ ହୋଇଯାନ୍ତି ସାମ୍ନାରେ ।

ବିଦାୟ ମୁହୂର୍ତ୍ତ ସବୁ ଏମିତି କୁହୁଳୁଥାନ୍ତି  
ଅଦୃଶ୍ୟ କାହାଣୀ ରୂପରେ  
ହୁତୁହୁତୁ ହୋଇ ଜଳୁଥାଏ  
ଏକେଲା ପଣ ଘାରୁଥାଏ  
ନିଛାଟିଆ ଖରାବେଳ ।  
(ନିର୍ଜନ କୋଳାହଳ)

କବିଙ୍କ ଅନେକ କବିତାରେ 'ତୁମେ' ଗୋଟେ ମଧୁର ଉଚ୍ଚାରଣ, ଯୋଉ 'ତୁମେ' ପାଖରେ କବି ଖୋଲି ଦେଇଛନ୍ତି ହୃଦୟର ଝର୍କା । ତାଙ୍କ ଉଚ୍ଚାରଣରେ ନାହିଁ ଆଟୋପ, ନାହିଁ ଛଳନା ।

କବିତା ହେଉଛି କଳ୍ପନାର କଲରୋଳ । ତାରି ଭିତରେ କଳ୍ପନାର ବାଲିଘର ଗଢ଼ି ଭାବନା ରାଜ୍ୟରେ ଦୁର୍ଲଭ ଅଭିସାର ରଚିବାକୁ ଦ୍ୱିଧା କରି ନାହାନ୍ତି କବି କୋଉଠି ବି ।

ତୁମେ ଦୂର ଚାନ୍ଦ ଜୋଛନା ରାତିରେ  
ଭାବୁକ ମନର ଶୋଷ  
ଚପଳା ତଟିନୀ ପ୍ରୀତି ମନ୍ଦାକିନୀ  
ସୀମାହୀନ ଅବସୋସ ।  
(ହାତପାହାନ୍ତାରେ ଜହ୍ନ)

\+ + +

ସମୟକୁ ଧୋକାଦେଇ  
ବଦଳିଯାନ୍ତା ପ୍ରେମର ସଂଜ୍ଞା  
ଋତୁମାନେ ସଂପର୍କର  
ସ୍ୱଳ୍ପ ଆୟୁଷ ହୋଇ  
ପ୍ରଜାପତି ରୂପରେ ଉଡ଼ିଯାନ୍ତେ ଅନ୍ୟତ୍ର...  
(ଅଧାଲେଖା ଦସ୍ତାବିଜ)

\+ + +

ସୃଷ୍ଟିର ଆରମ୍ଭରୁ ରହିଛି ପ୍ରେମ ଆଉ ବିରହ । ପ୍ରେମ ବିରହରେ ଜର୍ଜରିତ ହେବାର ସ୍ମୃତି ହିଁ କବି ପାଇଁ ଅମୂଲ୍ୟ ଉପାଦାନ । ଯୋଉଠି ସ୍ମୃତି ଯେତେ ମଧୁମୟ, ସେଇଠି କବି ଉନ୍ମନା । ଯୋଉଠି ଯେତିକି ଯାତନାର ମୁଗ୍ଧ ଅନୁଭବ, ସେଇଠି କବି ସେତିକି ମାତ୍ରାରେ ସଫଳ । ତଥାପି ବି ଗୋଟେ ଅଦେଖା ମୋହରେ ଆକର୍ଷିତ ହୋଇ ବାଟ ଚାଲୁଥାଏ କବି । କିନ୍ତୁ ଚାଲୁଚାଲୁ ସେଇ ମୋହ ଭାଂଗେ । କବି ଝୁଣ୍ଟେ । ଅଣ୍ଟା ସଳଖେ, ଚାଲିବାକୁ ପଡିବ ବୋଲି ସମୟକୁ ପିଠି କରି ନିର୍ଜନ ରାସ୍ତାରେ ଚାଲୁ ଚାଲୁ ଅସୁମାରୀ ସନ୍ତୁଳିତ ଅଭିବ୍ୟକ୍ତିତକ କବିତାର ଧାଡ଼ି ହୋଇଯାଏ ।

ଲୁହରୁ ଟୋପାଏ ମାଗିଥିଲି ବୋଲି  
ହସିବାର ନିଛକ ଅଭିନୟ କରି  
ଆଖି ଫେରେଇ ନେଲ  
ଦୂର ଦିଗନ୍ତକୁ  
ଚିହ୍ନା ଅଚିହ୍ନାର ଅବତାରଣା କରି  
କାଳେ ସ୍ୱପ୍ନରୁ  
ଚେନାଏ ମାଗିନେବି ବୋଲି  
ରାତିକୁ ଲୁଚେଇ ରଖିଲ  
ପଣତ କାନିରେ ସାତଗଣ୍ଠି ପକେଇ...  
(ଉପେକ୍ଷିତ ଅପରାହ୍ନ)

କବିତାରେ ପ୍ରେମ ଗୋଟେ ଅମାନିଆ ନଈ । କେତେବେଳେ କଳକଳ ଛଳଛଳ ଗୀତ ଗାଏ ତ କେତେବେଳେ ହଜେଇ ଦିଏ ମନକୁ; ପୁଣି କେତେବେଳେ ଭିଜେଇ ଦିଏ ହୃଦୟକୁ । କେତେବେଳେ ଫୁଲର ଫଗୁଣ ତ କେତେବେଳେ ଲୁହର ଶ୍ରାବଣ । କେତେବେଳେ କବିର ମନ ଆକାଶରେ ଗୁଡି ହୋଇ ଉଡୁଥାଏ ତ କେତେବେଳେ ବୁଡୁଥାଏ କବି ମନର ଅତଳ ସମୁଦ୍ରରେ ।


ତୁମେ ସୁନୀଳ ଆକାଶେ  
ଭସା କୃଷ୍ଣ ମେଘ  
ଆଶାତୀତ ଅଭିମାନ  
କେବେ ହାତ ପାହାନ୍ତାରେ  
କେବେ ଝର୍କା ଉହାଡରେ  
କାର୍ତ୍ତିକ ପୁନେଇଁ ଜହ୍ନ ।  
(ନିଷିଦ୍ଧ ଅଭିସାର)

ମଣିଷର ଦେହ ଅଛି, ଦହନ ଅଛି, ଜୀବନ ଅଛି, ଅଛି ବି ଜୀଜୀବିଷା । ଆଲୁଅ ଅଛି ଅନ୍ଧାର ଅଛି, ଅଛି ବି ସମ୍ପର୍କକୁ ଛାତିରେ ଜାକି ବାଟ ଚାଲିବାର ଗୋଟେ ଅବ୍ୟକ୍ତ ସମ୍ମୋହନ । ଶୂନ୍ୟତା ଭିତରେ ପୂର୍ଣ୍ଣତା ଏବଂ ଅପ୍ରାପ୍ତ ଭିତରେ ପ୍ରାପ୍ତିର ମନ୍ତ୍ର ପରି ମନେହୁଏ କବିଙ୍କ କବିତାର ଧାଡ଼ି । କବି ଡ. ସାମଲ କେତେବେଳେ ସମ୍ପର୍କର ସରହଦ ଭିତରେ ଦେଖୁଥାନ୍ତି ଅଦୃଶ୍ୟ ଆକାଶର ଛାଇ ତ କେତେବେଳେ କୌଣସି ଅପରିଚିତାକୁ ଦେଖି ଲେଖୁଥାନ୍ତି 'କିଛି କିଛି ମନେପଡ଼େ' ପରି ଶୀର୍ଷକର କବିତା ।

ସମୟର ପ୍ରଖର ସ୍ରୋତରେ  
ଏମିତି ପହଁରିବାକୁ ହୁଏ  
ଆଶା ନିରାଶାର ନଈରେ/  
ଜହ୍ନ ରାଇଜରେ/ ରାତିର ଜ୍ୟୋସ୍ନାରେ  
ସ୍ମୃତିର ଇଲାକାକୁ... (ଅପରିଚିତା)

\+++++

ତୁମ ଅନୁରାଗରେ ଭିଜିଯାଏ ମୁଁ  
ଢ଼େଉ ବେଳାଭୂମି ସାରା  
ତୁମ ବିରାଗ ମୁଦ୍ରାରେ ଭରିଯାଏ ମୁଁ  
ଅନୁତାପ ଅଶ୍ରୁ ଭରା । (ଅନାମିକା)



ଓଡ଼ିଆ କବିତାର ସୁଦୀର୍ଘ ପରମ୍ପରାରେ ଅନୁଭବର ପ୍ରାଚୁର୍ଯ୍ୟକୁ ଆଧାର କରି ଅନ୍ୱେଷଣର କଳା କାରିଗରୀ କବିତାର ନାନ୍ଦନିକତା ଓ କାବ୍ୟରସ ଚେତନାକୁ ପ୍ରୟୋଗାତ୍ମକ ଅନୁଶୀଳନ କରି କବିତାରେ ସେଇ ପାରିବାପଣକୁ ଦର୍ଶାଇ ପାରିବା ହିଁ ବାସ୍ତବ କବିସତ୍ତା । 'ସ୍ୱପ୍ନ କିଛି ବାକିଥାଉ' ପରି ଚମତ୍କାର ଶୀର୍ଷକର ପୁସ୍ତକଟିକୁ ପ୍ରକୃତ ନିରୁତା ପ୍ରେମର ବାର୍ତ୍ତାବହ ଭାବେ ଗ୍ରହଣ କରାଯାଇ ପାରିବ । କବିତାଗୁଡିକରେ ଛଳନା ନାହିଁ, ଅତ୍ମଗର୍ବ ନାହିଁ, ପାଣ୍ଡିତ୍ୟ ପ୍ରଦର୍ଶନର ଆଗ୍ରହ ବି ନାହିଁ । ଯାହା ଭାବିଛନ୍ତି କବି, ତାହା ବେଶ୍ ସରଳ, ତରଳ ଓ ସାବଲୀଳ ଢଙ୍ଗରେ କରିଛନ୍ତି ଉଚ୍ଚାରଣ । ଏହା କବିଙ୍କର ଦ୍ୱିତୀୟ ସଂକଳନ ସତ୍ତ୍ୱେ ଏଥିରେ ଥିବା ଗୀତିମୟତା କବିଙ୍କୁ ଜଣେ କବିପ୍ରାଣ କବି ଭାବରେ ଚିହ୍ନିତ କରିବାକୁ ଯଥେଷ୍ଟ ବୋଲି କୁହାଯାଇ ପାରେ । ଏଥିରେ ଥିବା ଫଟାକାନ୍ଥ, ନିଷିଦ୍ଧ ଅଭିସାର, ନିର୍ଜନତାର ଶୋଷ, ଅନାହୁତ ଜହ୍ନରାତି, ଭିନ୍ନ ପୃଥ୍ୱୀ, ଅମଡ଼ା ବାଟ, କଳ୍ପନାର ବାଲିଘର, ସପ୍ତମ ଋତୁ, ଫେରିବାର ବେଳ ଆଦି କବିତାମାନଙ୍କରେ ପ୍ରେମର ଅନନ୍ୟ ଉଚ୍ଚାରଣ କବିଙ୍କୁ ନିଶ୍ଚିତ ଭାବରେ ଜଣେ ପ୍ରେମପ୍ରାଣ ମଣିଷ ଭାବରେ ପରିଚୟ ସୃଷ୍ଟି କରିବ । ତାଙ୍କର ଏହି କାବ୍ୟ କୋଣାର୍କ ତାଙ୍କ ଆଗାମୀ କବି ଜୀବନକୁ ଅଧିକ ପ୍ରାଣବନ୍ତ କରିବାର ଏକ ସୁଯୋଗ ତିଆରିର ମହାର୍ଘ ଓ ନିରୁତା ମନ୍ତ୍ରପାଠ ସାବ୍ୟସ୍ତ ହେଉ, ତତ୍‌ସହିତ ପୁସ୍ତକଟି ବିପୁଳ ପାଠକୀୟତା ହାସଲ କରୁ, ଏହାହିଁ କାମନା ।



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ  
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧  
(ମୋ) ୯୩୩୭୭୩୭୦୫୩

୧ ସୃଜନ ଆଳାପ....

# ଆମ ମାତୃଭାଷାର ଭବିଷ୍ୟତ ଉଜ୍ଜ୍ୱଳ : ସୁଷମା ପରିଜା



**ସୁଷମା ପରିଜା ଓଡଆ ସାହିତ୍ୟ କ୍ଷେତ୍ରରେ ଗୋଟେ ସମ୍ଭାବନା ଭରା ନାଁ । ତାଙ୍କ ଗଳ୍ପ, କବିତା, ପ୍ରବନ୍ଧ ଭ୍ରମଣକାହାଣୀ ମାନଙ୍କରେ ଅଛି ଯେଉଁ ଛଳଛଳ ଭାବ, ଯାଦୁକାରୀ ଶବ୍ଦ ଏବଂ ଉପସ୍ଥାପନାର ନଆରା ପଣ ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଦେଖାଏ । ତାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

ଶ୍ରୀମତୀ ସୁଷମା ପରିଜାଙ୍କର ଜନ୍ମ- ୧୯୫୭ ମସିହା ଡିସେମ୍ବର ମାସରେ। ପିତା ଶ୍ରୀ କୁମର ପରିଜା ଏବଂ ମାତା ଶ୍ରୀମତୀ ସୁରେଖା ପରିଜା ଙ୍କର ପାଞ୍ଚ ସନ୍ତାନଙ୍କ ମଧ୍ୟରୁ ଜ୍ୟେଷ୍ଠ ସନ୍ତାନ ସେ। । ପୈତୃକ ବାସସ୍ଥାନ ଅବିଭକ୍ତ କଟକ ଜିଲ୍ଲାର ବାଙ୍କୀ ଡମପଡାରେ ହୋଇଥିଲେ ମଧ୍ୟ ତାଙ୍କର ବାଲ୍ୟ, ଶୈଶବ ରୁ ବୈବାହିକ ଜୀବନ ବିତିଛି କଟକ ସହରରେ । ୩୭ବର୍ଷର ବ୍ୟାଙ୍କ୍ ଚାକିରୀ ପରେ ୨୦୧୭ରୁ ଅବସରପ୍ରାପ୍ତ ହୋଇ ଅଧୁନା ସେ ଓଡିଆ ସାହିତ୍ୟରେ ସର୍ଜନ ମନସ୍କ । ତାଙ୍କର ଏଯାବତ୍ ପ୍ରକାଶିତ ପୁସ୍ତକ-' ପ୍ରତିବନ୍ଧ', 'ପରିପୂର୍ଣ୍ଣା', କ୍ଳାନ୍ତ ଅପରାହ୍ନ', 'ଗୋଟିଏ ଶୀତରାତି ର ସ୍କେଚ୍', 'ଅଭିସାରିକା ଓ ଅନ୍ୟାନ୍ୟ ଗଳ୍ପ', "ଧର୍ମ ଖୁଣ୍ଟ" ନାମରେ ପାଞ୍ଚଟି ଗଳ୍ପ ସଙ୍କଳନ ଖୁବ ପାଠକୀୟ ଆଦୃତି ଲାଭ କରିଛି । ତାଙ୍କର ଅନ୍ୟ ସୃଷ୍ଟି ଭ୍ରମଣକାହାଣୀ 'ମୋ କାନାଡା ଡାଏରୀ' କବିତା ସଙ୍କଳନ 'ବର୍ଣ୍ଣାଳୀ' ଏବଂ 'ଯା ଦେବୀ ସର୍ବଭୂତେଷୁ ....ଓଡ଼ିଶାର ଶକ୍ତି ପୀଠ' ପ୍ରବନ୍ଧ ତାଙ୍କ ସୃଜନର ଅନ୍ୟ ଦିଗକୁ ଉନ୍ମୋଚିତ କରିଛି।

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସାହିତ୍ୟ ଓ ସଙ୍ଗୀତ ପ୍ରତି ଆଗ୍ରହ ଥିଲା ପିଲାଦିନରୁ । ସେ ସମୟରେ ବେଶି ଭୋଗିଥିବା ସହରର ଜୀବନ ଆଉ ସମୟେ ସମୟେ ଭୋଗିଥିବା ଗାଆଁର ଜୀବନ ବେଶ୍ ପ୍ରଭାବିତ କରୁଥିଲା ମୋତେ। ଶାନ୍ତ ସରଳ ମୋ' ଗାଆଁ ମଣିଷଙ୍କର ସୁଖ ଦୁଃଖ ଯେତିକି ଛଟପଟ କରୁଥିଲା ସହରରେ ଦେଖୁଥିବା ଏକ ଭିନ୍ନ ଜୀବନଶୈଳୀ ସେତିକି ଆଲୋଡିତ କରୁଥିଲା। ଟିକିଏ ହେତୁ ହେଲା ବେଳକୁ ମୋ' ଭିତରର ସେଇ ଆଲୋଡନ ସବୁ ଶବ୍ଦ ହୋଇ ଝରି ପଡିଲେ କାଗଜ ଉପରେ। ପ୍ରଥମେ ତ ଲୁଚି ଲୁଚି ରଫ୍‌ଖାତାରେ ରହୁଥିଲେ ସେମାନେ, ହେଲେ ଷଷ୍ଠ ଶ୍ରେଣୀରେ ପଢିବା ବେଳକୁ ସ୍କୁଲ୍ ମାଗାଜିନ୍‌ରେ ମୋ'ର କବିତାଟିଏ ପ୍ରକାଶିତ ହେଲାରୁ ସେଥିପାଇଁ ସବୁ ଗୁରୁମା'ମାନଙ୍କ ଆଖିରେ ଯେଉଁ ପ୍ରଶଂସା ଦେଖିଲି ତାହା ମୋତେ ଆହୁରି ଆହୁରି ଲେଖିବାକୁ ପ୍ରୋତ୍ସାହିତ କଲା। ଥରେ ମୋ'ର ଶ୍ରେଣୀ ଶିକ୍ଷୟତ୍ରୀ ଶ୍ରୀମତୀ କଳ୍ପନା ବିଶ୍ୱାସ ମୋ'ର କବିତାଟିଏ ପଠାଇ ଦେଲେ ପ୍ରଜାତନ୍ତ୍ର କୁ। ପ୍ରଥମ କରି ମୋ'ର "ବୋଉ" କବିତା ପ୍ରଜାତନ୍ତ୍ରର ମୀନାବଜାର ପୃଷ୍ଠାରେ ପ୍ରକାଶିତ ହେଲା ଉଣେଇଶହ ଅଡଷଠି ମସିହାରେ। ଘରେ ସମସ୍ତେ ଖୁସି ହେଲେ। ସେଇଠୁ ଲେଖାଲେଖି ପାଇଁ ଆଗ୍ରହ ବଢ଼ି ଚାଲିଲା।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୁଁ ପଢୁଥିବା କଟକ ମୁନିସପାଲ୍ ଗାର୍ଲସ୍ ହାଇସ୍କୁଲର ଇଂରାଜୀ ଶିକ୍ଷୟତ୍ରୀ ଶ୍ରୀମତୀ କଳ୍ପନା ବିଶ୍ୱାସ ହିଁ ମୋ'ର ଆଦ୍ୟ ଗୁରୁ ଏବଂ ପ୍ରେରଣାଦାତ୍ରୀ। ଶ୍ରେଣୀରେ ପାଠ ପଢ଼ାଇବା ସମୟରେ ସେ ସବୁବେଳେ ଆମକୁ ବିଭିନ୍ନ ପ୍ରସିଦ୍ଧ ଇଂରାଜୀ ଲେଖକମାନଙ୍କ ଗଳ୍ପ ଶୁଣାନ୍ତି। ତାଙ୍କର କହିବାର ଶୈଳୀ ଏତେ ସୁନ୍ଦର ଯେ ଥରେ ଶୁଣିଲେ ବାରମ୍ବାର ଶୁଣିବାକୁ ଇଚ୍ଛା ହୁଏ। ସେ କୁହନ୍ତି ତୁମେମାନେ ମଧ୍ୟ ଚାହିଁଲେ ସେମାନଙ୍କ ଭଳି ଗଳ୍ପ ଲେଖି ପାରିବ। ତାଙ୍କରି ପ୍ରେରଣାରେ ଆରମ୍ଭ ହୋଇଥିଲା ଆମ ଶ୍ରେଣୀର ହାତଲେଖା ମାଗାଜିନ୍ "ଅଳକା" । ଆମ ଶ୍ରେଣୀର ଅନେକ ପିଲା ନିଜ ଲେଖା ଗଳ୍ପ କବିତା ତାଙ୍କୁ ଦେଉଥିଲୁ। ସେଥିରୁ ସେ ବଛାବଛି କରି କେତୋଟି ଲେଖାକୁ ଏକାଠି କରି ଆମ ଶ୍ରେଣୀର ସୁନ୍ଦର ହସ୍ତାକ୍ଷର ଥିବା ପିଲାମାନଙ୍କୁ ଦେଉଥିଲେ ଗୋଟିଏ ବାଇଣ୍ଡିଙ୍ଗ୍ ଖାତାରେ ଉତାରି ଦେବା ପାଇଁ। ସେଇ ଖାତା ଲେଖିବାର ସୌଭାଗ୍ୟ ଅନେକ ବାର ହେଉଥିଲା ମୋ'ର। ବଡଗୁରୁମାଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ହେଉଥିବା ଲେଖା ପାଇଁ ସୁନ୍ଦର କଲମଟିଏ ଉପହାର ମିଳୁଥିଲା। ସେହିପରି ସୁନ୍ଦର କଲମ ବହୁବାର ମିଳିଥିଲା ମୋତେ । ବୋଧହୁଏ ସେହି କଲମର ଆକର୍ଷଣ ହିଁ ମୋତେ ଉତ୍ସାହିତ କରିଥିଲା ଆହୁରି ଭଲ ଲେଖିବା ପାଇଁ।

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇପାରେନା । ଆପଣ ଏ ସମ୍ପର୍କରେ କଣ ମତ ରଖିବେ ?

■■ ଏହା ଏକ ଧ୍ରୁବ ଅଧାରିତ ସତ୍ୟ ଯେ ଈଶ୍ୱରଙ୍କ କରୁଣା ନଥିଲେ କଲମ ହଲେନାହିଁ। ମହାକବି କାଳିଦାସ, ଶୂଦ୍ର ମୁନି ଶାରଳା ଦାସ ମଧ୍ୟ ଏହା ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। କିନ୍ତୁ ସେହି ଈଶ୍ୱରଦତ୍ତ ପ୍ରତିଭାକୁ ଘସିମାଜି ଚିକ୍କଣ କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ଆମର । ନିଜସ୍ୱ ପରିଶ୍ରମରେ ନିଜର ଲେଖାକୁ ପରିମାର୍ଜିତ କରି ନପାରିଲେ ତାହା ଶିଉଳି ଲଗା ପଥର ଭଳି ଜ୍ୟୋତିହୀନ ହେବା ନିଶ୍ଚିତ।

■ ଆଜି ଲେଖକଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବହୁ ଅଧିକ ହୋଇଥିବା ବେଳେ କାଳଜୟୀ ଲେଖାଟିଏ ଆଖିରେ ପଡୁନାହିଁ । ଏମିତି କହିଁକି ?

■■ ସତ କଥାଟିଏ କହିଛନ୍ତି। ଆଜିର ପିଢ଼ି ଅଳ୍ପ ପରିଶ୍ରମରେ ବହୁତ ପ୍ରସିଦ୍ଧି ପାଇବା ପାଇଁ ଇଚ୍ଛୁକ । ସେମାନେ ଲେଖାର ମାନ ଅପେକ୍ଷା ଲେଖାର ସଂଖ୍ୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ଅଧିକ ଲେଖା ପ୍ରକାଶିତ ହେଲେ ଅଧିକ ପ୍ରସିଦ୍ଧି ମିଳିବ ସେଥିପାଇଁ ତା' ଉପରେ ବିଶେଷ ଧ୍ୟାନ ଦେଉଛନ୍ତି, ବୋଧହୁଏ ସେଇଥିପାଇଁ। ପ୍ରଚଳିତ କାଳଖଣ୍ଡରେ ଘଟୁଥିବା ବିଭିନ୍ନ ଘଟଣାବଳୀର ଦୁଃଖ ସୁଖ ବ୍ୟଥା ବେଦନାକୁ ନିଜ ହୃଦୟ ମଧ୍ୟରେ ଅନୁଭବ କରି ନିଜକୁ ସେଥିରେ ହଜାଇ ଦେଲେ ହିଁ କାଳଜୟୀ ଲେଖାଟିଏ ଜନ୍ମ ନେଇଥାଏ। ସେଥିପାଇଁ ଉତ୍ତମ ଲେଖକ ନିଜ ଲେଖାକୁ ନିଜେ ବାରମ୍ବାର ପଢି ବାରମ୍ବାର ସଂଶୋଧନ କରୁଥାଏ, ମନକୁ ପାଇବା ଭଳି ଭଲ ଲେଖାଟିଏ ଲେଖିବା ଯାଏଁ ତା'କୁ ଦୀର୍ଘ ଦିନ ଲାଗିଯାଏ। ଆଜିର ପିଢ଼ି ପାଖରେ ଏତେ ସମୟ କାହିଁ ? ସମୟ ସହିତ ତାଳ ଦେଇ ଦୌଡ଼ିବାକୁ ସେମାନଙ୍କ ଅଧିକ ଆଗ୍ରହ ।

■ ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ଗଳ୍ପ/କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ନିଶ୍ଚିତ ଭାବରେ। ଥରେ ଆମମାନଙ୍କ ସମୟ କଥା ଭାବି ଦେଖନ୍ତୁ ନା ! ମା, ଜେଜେମା, ଆଈମାନଙ୍କ ପାଖରୁ ଗପ ଶୁଣୁଶୁଣୁ ଶୋଇ ପଡୁଥିଲୁ ଆମେ। ସେମାନଙ୍କ କହିବା ଗପ, ଢଗଢମାଳି ଶିଖି ଶିଖି ସେଇ ଗପ ସ୍କୁଲ୍‌ରେ ଆମ ସାଙ୍ଗସାଥୀ ମାନଙ୍କୁ କହୁଥିଲୁ। ମାତୃଭାଷାର ଜ୍ଞାନ ବଢୁଥିଲା କି ନାହିଁ ? ହେଲେ ଆଜି ଆମେ ସକାଳେ ଉଠିଲାପରେ ଆଗ ଗୁଡ୍ ମର୍ଣ୍ଣିଙ୍ଗ୍ କହୁଛୁ ଆମ ନାତିନାତୁଣୀଙ୍କୁ। ଯୋଉଠି ଆମର ଉଚ୍ଚ ଶିକ୍ଷିତ ବାପାମାଆମାନେ ଘରେ ମଧ୍ୟ ନିଜ ନିଜ ଭିତରେ ଇଂରାଜୀ ରେ କଥା ହେଉଛନ୍ତି, ସେଠାରେ ପିଲାଟି ମାତୃଭାଷା ଶିଖିବ ବା କେମିତି ? ଯଦି ଆମେ ନିଜେ ଆମ ମାତୃଭାଷାରେ ତାଙ୍କୁ ପ୍ରତିଦିନ ଗୀତଟିଏ କିମ୍ବା ଗପଟିଏ କହିବା ତେବେ ନିଶ୍ଚୟ ତା'ର ଆଗ୍ରହ ବଢ଼ିବ ସେଇ ଭାଷା ପ୍ରତି । ସେ ଧୀରେ ଧୀରେ ମାତୃଭାଷାରେ କଥା କହିବ, ପଢ଼ିବ, ବଡ ହେଲେ ଚିଠିଟିଏ ଲେଖିବ ଇଂରାଜୀ ପଢ଼ି ଜାଣିନଥିବା ଆଈ କି ଜେଜେମା ପାଖକୁ।

■ ଲେଖକଟିଏ ଚାହିଁଲେ ତା' ଲେଖାରେ କାହାର ମାନସିକତା ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ? ଗଳ୍ପ ପାଇଁ କାହାଣୀ, ଉପସ୍ଥାପନା ନା କଳ୍ପନା କିଏ ବେଶୀ ଗୁରୁତ୍ୱପୂର୍ଣ୍ଣ ?

■■ ଲେଖକଟିଏ ନିଜ ଲେଖାରେ ନିଶ୍ଚିତ ଭାବରେ ବଦଳେଇ ଦେଇ ପାରିବ ଅନ୍ୟର ମାନସିକତା। ଏହା ଅନେକବାର ପ୍ରମାଣିତ ହୋଇ ସାରିଛି ମଧ୍ୟ। ସେ ମାଓବାଦୀ ମାନଙ୍କ ଆତ୍ମ ସମର୍ପଣ ହେଉ ଅଥବା ଦେହଜୀବୀ ମାନଙ୍କ ପେଶା ତ୍ୟାଗ କରି ସାଧାରଣ ଜୀବନ ସ୍ରୋତରେ ସାମିଲ୍ ହେବା ହେଉ ଅଥବା ନିକଟ ଅତୀତରେ ତୃତୀୟ ଲିଙ୍ଗୀମାନଙ୍କୁ ସମାଜରେ ଗ୍ରହଣୀୟତା ହେଉ, ସେସବୁ ସମ୍ଭବ ହୋଇପାରିଛି କେବଳ ଲେଖକମାନଙ୍କ ଲେଖା ମାଧ୍ୟମରେ। ଆଉ ଗଳ୍ପ ପାଇଁ ସବୁ ଠାରୁ ଗୁରତ୍ୱପୂର୍ଣ୍ଣ ହେଉଛି ଏହାର ଉପସ୍ଥାପନା। କାରଣ ସାଧାରଣ କଥାଟିଏକୁ ମଧ୍ୟ କବି କିମ୍ବା ଲେଖକ ତା'ର ଉପସ୍ଥାପନା ଶୈଳୀରେ ଅସାଧାରଣ କରି ଦେଖାଇ ଦେଇ ପାରେ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ମୁଁ ଅତ୍ୟନ୍ତ ଆଶାବାଦୀ କାରଣ ଆଜିକାଲି ଓଡିଆ ସାହିତ୍ୟ କେହି ପଢୁ ନାହାନ୍ତି, ଓଡ଼ିଆ ବହି ବିକ୍ରୀ ହେଉନି ବୋଲି ଯେତେ ଡିଣ୍ଡିମ ପିଟା ହେଉଥିଲେ ସୁଦ୍ଧା ଓଡ଼ିଆ ସାହିତ୍ୟ ତିଷ୍ଠି ରହିଛି ଆଉ ରହିବ ମଧ୍ୟ। କାରଣ ଆଜିର ଉଚ୍ଚ ଶିକ୍ଷିତ ପିଢ଼ି ଏହାର ଦାୟିତ୍ୱ ନିଜର କାନ୍ଧ ଉପରେ ନେଉଛନ୍ତି। ମୋ' ଦେଖିବାରେ ଆଜିର ସମୟରେ ଆମର ନୂତନ ପିଢ଼ିର ସ୍ରଷ୍ଟା ମାନଙ୍କ ମଧ୍ୟରେ ସାଧାରଣ ମଣିଷମାନଙ୍କ ଅପେକ୍ଷା ଅଧିକ ଡାକ୍ତର ଇଞ୍ଜିନିୟର ବୈଜ୍ଞାନିକମାନେ ରହିଛନ୍ତି। ପୂର୍ବାପେକ୍ଷା ଅଧିକ ସାହିତ୍ୟ ସଭା, ଅଧିକ ସାହିତ୍ୟ ଆଲୋଚନା, ଅଧିକ ପୁସ୍ତକ ମେଳା ହେଉଛି। ନୂତନ ପିଢ଼ିର ଲେଖକମାନଙ୍କ ସୁନ୍ଦର, ରୁଚିଶୀଳ ଲେଖାରେ ସମୃଦ୍ଧ ହେଉଛି ଆମର ଭାଷା ସାହିତ୍ୟ। ତେଣୁ ଆମ ମାତୃଭାଷାର ଭବିଷ୍ୟତ ଯେ ଉଜ୍ଜ୍ୱଳ ଏଥିରେ ସନ୍ଦେହ ନାହିଁ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ ମୋ' ପାଇଁ ଲେଖକ ଜୀବନରେ ପୁରସ୍କାର ପିଲାବେଳେ ପାଠ ପଢ଼ିବା ସମୟରେ ସଠିକ ଭାବରେ ଅଙ୍କଟିଏ କରି ଗୁରୁଙ୍କ ପାଖରୁ ସ୍ନେହର ପିଠି ଥାପୁଡା ପାଇବା ସଦୃଶ। ଏହା ଲେଖକର ଲେଖା ପାଇଁ ତ୍ୱରକର କାମ କରେ, ତା'କୁ ଆହୁରି ଭଲ ଲେଖିବା ପାଇଁ ଉସକାଏ । କିନ୍ତୁ ଲେଖକଟିଏ ପୁରସ୍କାର ପଛରେ ଗୋଡ଼େଇବା ଆଦୌ ଉଚିତ୍ ନୁହେଁ। ଆଜିର ସମୟରେ କିଛି କିଛି ବହୁତ ବଡ ବଡ଼ ପୁରସ୍କାର ପଛରେ ଥିବା କେଳେଙ୍କାରୀ ସମ୍ବାଦପତ୍ରରେ ପଢ଼ିଲେ ନିଜକୁ ଲେଖକ ଭାବରେ ଭାବିବାକୁ ଲାଜ ଲାଗେ। ଅବଶ୍ୟ ସବୁ କ୍ଷେତ୍ରରେ ତାହା ହୁଏନାହିଁ, ଆମ ସମୟରେ ଅନେକ ଉଚ୍ଚକୋଟୀର ଲେଖା ଓ ଲେଖକ ରହିଛନ୍ତି ଯେଉଁମାନେ ସମ୍ମାନ ଏବଂ ପୁରସ୍କାରର ହକ୍‌ଦାର ଅଟନ୍ତି। କୋଟି ପ୍ରଣାମ ସେମାନଙ୍କ କଲମକୁ।



ନିଜ ପରିବାର ସହ ଶ୍ରୀମତୀ ସୁଷମା ପରିଜା...

♥ ଶାରଳା ଭବନ,  
ପୋତାପୋଖରୀ, ନୂଆବଜାର  
କଟକ-୭୫୩୦୦୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୨ ଅକ୍ଟୋବର ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଚେତନାର ଦର୍ପଣ -୩

# ॥ ମୃତ୍ୟୁ ॥


♥ ଲଳିତ ମୋହନ ମିଶ୍ର




ପ୍ରକୃତିର ନିୟମ ଜନ୍ମ ମାତ୍ରକେ ମୃତ୍ୟୁ ସୁନିଶ୍ଚିତ । ଜଣେ ବ୍ୟକ୍ତି ଜୀବନସାରା ନିଜର ଭଲ ଖରାପ କାର୍ଯ୍ୟର ପରିଣାମ ଅନୁଭବ କରେ। ସେଥିପାଇଁ ଶାସ୍ତ୍ରରେ ମୃତ୍ୟୁକୁ ଏକ ପରିବର୍ତ୍ତନଶୀଳ ସତ୍ୟ କୁହାଯାଏ । ଜଣେ ବ୍ୟକ୍ତିର ମୃତ୍ୟୁ ପାଖେଇ ଆସିଲେ, ସେ ନିଜର ଖରାପ ଆଚରଣ ପାଇଁ କ୍ଷମା ମାଗେ । ଭଲ ମନ୍ଦର ବିଚାରାନୁଯାୟୀ ମୃତ୍ୟୁ ପରେ ବ୍ୟକ୍ତିକୁ ମୋକ୍ଷ ମିଳେ । ଜୀବନରେ ଅନେକ ବନ୍ଧୁ ଭେଟ ହୁଅନ୍ତି, କିନ୍ତୁ ଯେଉଁମାନେ ମୃତ୍ୟୁ ପର୍ଯ୍ୟନ୍ତ ସାଥି ଛାଡନ୍ତି ନାହିଁ ସେମାନେ ପ୍ରକୃତ ବନ୍ଧୁ । ଯାହାର ଜ୍ଞାନ ଅଛି ସେ ଯେ କୌଣସି ପରିସ୍ଥିତିରେ ମଧ ନିଜକୁ ଏକୁଟିଆ ଅନୁଭବ କରିବ ନାହିଁ । ତେଣୁ ବିଦ୍ୟା ସବୁଠାରୁ ବଡ ବନ୍ଧୁ । ବ୍ୟକ୍ତି ନିଜର ବୁଦ୍ଧି ଓ ଶକ୍ତି ବଳରେ ପ୍ରତିକୂଳ ପରିସ୍ଥିତିରେ ମଧ ନିଜକୁ ସୁରକ୍ଷିତ ରଖେ । ସଫଳତା କେବଳ ଶିକ୍ଷା ମାଧ୍ୟମରେ ହାସଲ ହୁଏ। ତେଣୁ ସବୁ ପରିସ୍ଥିତିରେ ଜ୍ଞାନ ଆହରଣ କରିବା ଉଚିତ୍। ଧର୍ମ ହେଉଛି ମନୁଷ୍ୟର ପ୍ରକୃତ ସାଥୀ । ଧର୍ମକୁ ଧନଠାରୁ ଉଚ୍ଚରେ ରଖିବା ଉଚିତ୍। ଧର୍ମ ଜଣେ ବ୍ୟକ୍ତିର ଜୀବିତ ମୃତ୍ୟୁରେ ସାଥି ଦେଇଥାଏ। ଧର୍ମ ସର୍ବଦା ମଣିଷକୁ ସଠିକ୍ ମାର୍ଗରେ ଚାଲିବାକୁ ପ୍ରେରଣା ଦିଏ । ଧର୍ମ-କର୍ମ ହେତୁ ମନୁଷ୍ୟ ମୃତ୍ୟୁ ପରେ ସ୍ମରଣୀୟ ହୋଇଯାଏ । ଯେଉଁମାନେ ଭଲ କାର୍ଯ୍ୟ କରନ୍ତି ସେମାନେ ମୃତ୍ୟୁ ପରେ ମଧ ଲୋକଙ୍କ ହୃଦୟରେ ଅମର ହୋଇଯାଆନ୍ତି। ଜଣେ ବ୍ୟକ୍ତିଙ୍କର ତିନି ଜଣ ଘନିଷ୍ଠ ବନ୍ଧୁ ଥିଲେ। ସେ ତାଙ୍କୁ ଜୀବନସାରା ସମର୍ଥନ କରୁଥିଲେ। ଯେତେବେଳେ ତାଙ୍କର ମୃତ୍ୟୁ ସନ୍ନିକଟ ହେଲା, ସେ ବନ୍ଧୁମାନଙ୍କୁ ଡାକି କହିଲେ - ବର୍ତ୍ତମାନ ମୋର ଶେଷ ସମୟ । ଆପଣମାନେ ମୋତେ ସାରା ଜୀବନ ସାଥି ଦେଇଛନ୍ତି। ମୃତ୍ୟୁ ପରେ ବି ସାଥି ଦେବେ ବୋଲି ଆଶା । ପ୍ରଥମ ବନ୍ଧୁ କହିଲେ - ମୁଁ ସାରା ଜୀବନ ତୁମ ସାଥିରେ ଅଛି । ଏବେ ମୁଁ ଅସହାୟ । ତୁମକୁ ଆଉ ସାଥି ଦେଇପାରିବି ନାହିଁ । ଅନ୍ୟ ଜଣେ କହିଲେ, ମୁଁ ତ ମୃତ୍ୟୁକୁ ରୋକି ପାରିବି ନାହିଁ। ପ୍ରତ୍ୟେକ ପରିସ୍ଥିତିରେ ମୁଁ ସାରା ଜୀବନ ସାଥିରେ ଅଛି । ତୁମେ ଯିବା ପରେ, ମୁଁ ନିଶ୍ଚିତ ତୁମର ଅନ୍ତିମ ସଂସ୍କାର ପ୍ରକ୍ରିୟା ପୂର୍ବପରି କରିବି । ତୃତୀୟ ବନ୍ଧୁ କହିଲେ - ବନ୍ଧୁ ! ଚିନ୍ତା କର ନାହିଁ, ମୃତ୍ୟୁ ପରେ ମଧ ମୁଁ ତୁମ ସହିତ ରହିବି । ତୁମେ ଯେଉଁଠିକି ଯିବ, ମୁଁ ତୁମ ସହିତ ରହିବି । ମଣିଷର ଏହି ତିନି ଘନିଷ୍ଠ ବନ୍ଧୁ ହେଲେ - ଅର୍ଥ, ପରିବାର ଓ କର୍ମ। ଏହି ତିନୋଟି ମନୁଷ୍ୟର କାର୍ଯ୍ୟ । ମୃତ୍ୟୁ ପରେ ମଧ ସାଥି ଦେଇଥାଏ । ସମୟ କ୍ରମେ ଅର୍ଥ ରହେନାହିଁ । ପରିବାରର ଏଭଳି ଏକ ଅବସ୍ଥା । ମୃତ୍ୟୁ ପରେ ବ୍ୟକ୍ତି ପରିବାର ସହ ଯାଆନ୍ତି ନାହିଁ। ଏହି ସଂସାରରେ କରାଯାଇଥିବା ଭଲ କାର୍ଯ୍ୟ ହିଁ ମୃତ୍ୟୁ ପରେ ସାଥି ଦେଇଥାଏ।


ମୋ: ୯୪୩୭୯୮୫୮୬୬


# ପାର୍ବଣ ପ୍ରଦୂଷଣ ଓ ପାର୍ବଣ ଅନୁଚିନ୍ତା


ବିପିନ ବିହାରୀ ରାଉତ


ସଂପ୍ରତି ବେଶ୍ ଧୁମ୍‌ଧାମରେ ଶାରଦୀୟ ପାର୍ବଣର ମହୋତ୍ସବ ଦଶହରା ଆସିଛି। ପ୍ରଥମେ ଖୁଦୁରୁକୁଣୀ ଓଷା ତା ପଛକୁ ଗଣେଷ ଚତୁର୍ଥୀ ପଛକୁ ପଛ ମାଆଙ୍କ ଦଶହରା, ଗଜଲକ୍ଷ୍ମୀ ଓ କାର୍ତ୍ତିକେଶ୍ୱର ପୂଜା ସହ ବାଲିଯାତ୍ରାର ପାର୍ବଣ ଭିତରେ ନୂଆ ବର୍ଷ ପହଞ୍ଚିଯାଏ । ସ୍ୱାଭାବିକ ଭାବରେ ଓଡ଼ିଆ ଚିନ୍ତା ଚେତନାରେ ପାର୍ବଣର ସ୍ଥାନ ସ୍ୱତନ୍ତ୍ର । ପିଲାଠାରୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସବୁଠି ପାର୍ବଣକୁ ନେଇ ସ୍ୱଭାବିକ ଭାବରେ ଆନନ୍ଦ ଉଲ୍ଲାସ ରହିଥାଏ । ତେବେ ଏହି ଆନନ୍ଦ ପ୍ରାପ୍ତି ଭିତରେ ଅଜାଣତରେ ଅଧିକାଂଶ ବିଭିନ୍ନ ପ୍ରକାର ପ୍ରଦୂଷଣର ଶିକାର ହୋଇ ଯନ୍ତ୍ରଣା ଅନୁଭବ କରିଥାନ୍ତି । ସାମାନ୍ୟ ସଚେତନତା ଅଭାବରୁ ହୁଏତ ଏହା ପରବର୍ତ୍ତୀ ସମୟରେ କୌଣସି ବଡ଼ଧରଣର କଷ୍ଟକୁ ନିମନ୍ତ୍ରଣ କରିଥାଏ । ସମ୍ପ୍ରତି ପୂଣ୍ୟକାର୍ତ୍ତିକ ମାସ ଚାଲିଛି । କେବଳ ସାତ୍ତ୍ୱିକ ଓ ଧାର୍ମିକ ଦୃଷ୍ଟିକୋଣରୁ ନୁହଁ ସ୍ୱାସ୍ଥ୍ୟଗତ ଦୃଷ୍ଟି କୋଣରୁ ଶୀତ ପ୍ରାରମ୍ଭର ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସବୁ ଦୃଷ୍ଟିରୁ । ତେବେ ପାର୍ବଣର ସମୟ ଚାଲିଥିବାରୁ ଅନେକ ଛୋଟ ବଡ଼ ଘଟଣା ପ୍ରତି ସତର୍କ ନରହିଲେ ଏହା ଜଣକୁ ଅସୁବିଧାର ସମ୍ମୁଖୀନ କରିବାକୁ ଦେଇଥାଏ । ପ୍ରଥମେ ଦୃଷ୍ଟି ଦିଅନ୍ତୁ ଖାଦ୍ୟ ଉପରେ । ବଜାରରେ ବିଭିନ୍ନ ପ୍ରକାର ରଙ୍ଗୀନ ଖାଦ୍ୟ ଠାରୁ ତଥାକଥିତ ଦୀର୍ଘଦିନ ଧରି ଫ୍ରିଜ୍‌ରେ ରହୁଥିବା ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ । ସବୁବେଳେ ଗୁରୁତ୍ୱ ଦିଅନ୍ତୁ ଘରୋଇ ପ୍ରସ୍ତୁତିର ଖାଦ୍ୟ ଉପରେ । ଶାସ୍ତ୍ରରେ ଉଲ୍ଲେଖ ରହିଛି ଧର୍ମ ସାଧନ ପାଇଁ ପ୍ରଥମେ ଶରୀରର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ । ତେବେ ବଜାରରେ ବର୍ତ୍ତମାନ ବିକ୍ରି ହେଉଥିବା ଆଖିଝଲସା ରଙ୍ଗ ବେରଙ୍ଗର ଖୋଲା ପ୍ରସ୍ତୁତିର ଖାଦ୍ୟ ନିଶ୍ଚିତ ଭାବେ ଦେହ ଖରାପର କାରଣ । ସେହିପରି ବାହାରେ ପାଣି ପିଉଥିଲେ ଏହା କେତେ ଦୂର ବିଶୁଦ୍ଧତି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପ୍ରଦୂଷିତ ପିଇବା ପାଣି ଶରୀର ହାନୀର ଅନ୍ୟତମ ମୁଖ୍ୟ କାରଣ । ସବୁଠାରୁ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟକର ପିଇବା ପାଣି ପାଇଁ ଫୁଟାପାଣି କିମ୍ବା ଘରୋଇ ବ୍ୟବସ୍ଥାରେ ଥିବା ଆକ୍ୱାଗାର୍ଡ଼ ପାଣି ପିଅନ୍ତୁ । ଟ୍ୟୁବ୍ୱେଲ କିମ୍ବା ସୁରକ୍ଷା ବ୍ୟବସ୍ଥାରେ ଥିବା ଗଭୀରସ୍ତରର କୂଅ ପାଣିବି ସ୍ୱାସ୍ଥ୍ୟ ପ୍ରତି ଭଲ । ସେହିପରି ଦିନକୁ ଦିନ ବଜାରରେ ଯାନବାହାନର ସଂଖ୍ୟା ବଢ଼ିବାରେ ଲାଗିଛି । ସମୟ ପହଞ୍ଚିଛି ଏପରି ଘର ପ୍ରାୟ ଦେଖିବାକୁ ମିଳିବନି ଯେଉଁଠି ଗାଡ଼ି ଖଣ୍ଡେ ଯେ ନାହିଁ । ତେବେ କଥା ହେଉଛି କୌଣସି ଟ୍ରାଫିକ ଜାମ୍ ଭିତରେ ଅଟକି ଯାଇଥିବା ସମୟରେ ପ୍ରବଳ ଭିଡ଼ ଭିତରେ ଗାଡ଼ିରୁ ବାହାରୁଥିବା ବିଷାକ୍ତ ଧୂଆଁର ସଂସ୍ପର୍ଶ ମଧ ଶରୀର ପାଇଁ କ୍ଷତିକାରକ । ପ୍ରବଳ ଟ୍ରାଫିକ ଜାମକୁ ଯିବା ପୂର୍ବରୁ ପୋଲିସ ବିଭାଗର ଗାଡ଼ି ଯିବା ପାଇଁ ଗନ୍ତବ୍ୟସ୍ଥଳୀ ଓ ନିଜ ନିରାପତ୍ତା କ୍ଷେତ୍ରକୁ ଭଲ ଭାବେ ଦେଖନ୍ତୁ। ପରବର୍ତ୍ତୀ ସମୟରେ ଏହା ଶ୍ୱାସନଳୀକୁ ସଂକ୍ରମିତ କରିବାର ସମ୍ଭାବନା ସୃଷ୍ଟି କରିଥାଏ । ବାହାରକୁ ଯିବା ସମୟରେ ନିଜ ମୂଲ୍ୟବାନ ସାମଗ୍ରୀ ସାଥିରେ ନେଉଥିଲେ ସତର୍କ ରୁହନ୍ତୁ ବିଶେଷକରି ସୁନା ଜିନିଷ, ଦାମୀ ମୋବାଇଲ ଓ ମନିପର୍ସ। ସେହିପରି ପାର୍ବଣ ସମୟରେ ଅଜଣା ଆଗନ୍ତୁକ ବା କୌଣସି ଅଜଣା ଲୋକଟି ସହ ସମ୍ପର୍କ ରଖିବାବେଳେ ସତର୍କତା ଅବଲମ୍ବନ କରନ୍ତୁ କିମ୍ବା ତାଙ୍କ ବିଷୟରେ କିଛି ତଥ୍ୟ ସଂଗ୍ରହ କରନ୍ତୁ। ଦଶହରା ନିଶ୍ଚିନ୍ତ ଭାବେ ସମସ୍ତଙ୍କ ପାଇଁ ଏକ ଆନନ୍ଦ ଓ ଉଲ୍ଲାସର ପାର୍ବଣ ନିଶ୍ଚୟ କିନ୍ତୁ ଦଶହରା ସମୟରେ ଅନେକ ଅପ୍ରୀତିକର ଘଟଣାକୁ ଆମେ ସାମ୍ନା କରିଥାଉ। ଏ ଦିଗ ଗୁଡ଼ିକୁ ଦେଖି ସତର୍କତା ପାଳନ କରିବା ଅତ୍ୟନ୍ତ ଜରୁରୀ। ଦଶହରା ସମୟରେ ବାହାରକୁ ଦୂରଯାତ୍ରାରେ ଯାଉଥିଲେ ନିଜ ଘରର ସୁରକ୍ଷା ସଂକ୍ରାନ୍ତରେ ପଡ଼ୋଶୀକୁ ଜଣାଇବା ସହ ଆପଣଙ୍କ ନିକଟସ୍ଥ ପୋଲିସ ଥାନାକୁ ସୂଚୀତ କରିଥାନ୍ତୁ କାରଣ ଏହି ସମୟରେ ଅନେକ ଚୋରୀ ହୋଇଥାଏ। ଦଶହରା ପରି ଏକ ପବିତ୍ର ସମୟରେ ଆମିଷ ଠାରୁ ଦୂରେଇ ରହିବା ଭଲ ନିଶ୍ଚୟ କିନ୍ତୁ ପରିବାରରେ ମାଦକ ଦ୍ରବ୍ୟର ବିନ୍ଦୁଏ ମାତ୍ର ବି ସ୍ଥାନ ରଖନ୍ତୁ ନାହିଁ। ଯଥାସମ୍ଭବ ଆପଣଙ୍କ ପଡ଼ୋଶୀରେ କେହି ବା ଆପଣଙ୍କ ସାହିରେ କିମ୍ବା କୌଣସି ଦାତବ୍ୟ ସଂଗଠନର ଅନ୍ତେଃବାସୀଙ୍କୁ ଯଥାସମ୍ଭବ ସହାୟତା ଓ ସହଯୋଗ ପ୍ରଦାନ କରନ୍ତୁ।

ପୂଜା ପାର୍ବଣ ସମୟରେ ଅନେକ ସମୟରେ ଦେଖବାକୁ ମିଳିଥାଏ ଦୀର୍ଘ ସମୟ ଧରି ଜଣେ ଜଣେ କର୍ମବ୍ୟସ୍ତ ଦାୟିତ୍ୱରେ ଏକପ୍ରକାର ଖାଇବା ପିଇବାକୁ ଭୁଲିଯାଇଥାନ୍ତି । ଏହା ଦେହ ଖରାପର କାରଣ ହୋଇଥାଏ । ପେଟ ଗ୍ୟାସ ଠାରୁ ପରବର୍ତ୍ତୀ ସମୟରେ ଏହା ପେଟ ରୋଗର କାରଣ ହୋଇଥାଏ । ନିୟମିତ ବ୍ୟବଧାନରେ ସର୍ବନିମ୍ନ ଭାବରେ ପେଟକୁ ଖାଲି ରଖନ୍ତୁ ନାହିଁ । ସେହିପରି ଖାଦ୍ୟର ଉଚିତ ମାତ୍ରାରେ ବିଶୋଧିତ ପିଇବା ପାଣି ପିଅନ୍ତୁ । ପ୍ରତିଦିନ ମଧ୍ୟାହ୍ନ ଭୋଜନରେ ଖାଦ୍ୟ ମେନୁରେ ସାଲାଡ୍, ଦହି ଓ ସବୁଜ ପରିବାର ର ତରକାରିକୁ ସ୍ଥାନ ଦିଅନ୍ତୁ । ବାହାର ପ୍ରସ୍ତୁତିର ଖାଦ୍ୟ ଯେ ସବୁଠି ମନ୍ଦ ତାହା ନୁହେଁ ବରଂ ଦୃଷ୍ଟି ଦିଅନ୍ତୁ ଏହାର ପ୍ରସ୍ତୁତିରେ ଯେପରି ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟି ଦିଆଯାଇଛି । ଏହି କ୍ରମରେ ଦେଖିଲେ ଦିନକୁ ଦିନ ପାର୍ବଣର ପ୍ରଦୂଷଣ ବଢ଼ି ଚାଲୁଥିବାବେଳେ ଆମ ମାନଙ୍କ ଭିତରେ ସେ ତୁଳନାରେ କିନ୍ତୁ ସଚେତନତା ନାହିଁ । ଆନନ୍ଦର ମହୋତ୍ସବ ଏହି ପାର୍ବଣ ସମସ୍ତଙ୍କ ଭିତରେ ପ୍ରଦୂଷଣ ପାଇଁ ସଚେତନତାର ଭାବନା ସୃଷ୍ଟି କରି ଏହା ହିଁ କାମନା ।


♥ ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩


# ମୋ ମାଆ ସୁବର୍ଣ୍ଣରେଖା


ଡ. ଶ୍ରୀକାନ୍ତ ଚରଣ ପାତ୍ର




### ଆମର ନଈକୂଳିଆ ଗାଆଁ ( ୪ )
### ଚନ୍ଦ୍ରମଣ୍ଡଳ ମଝିରେ ତାରା..

ଭୁଦ ( ଭାଦ୍ରବ )ମାସର ପ୍ରାୟ ଦ୍ୱିତୀୟ ସପ୍ତାହ ..

ଦିନେ ସଞ୍ଜବେଳେ ପିଣ୍ଡାରେ ବସି ନମ୍ପ ଆଲରେ ପାଟି କରିକରି ମୁଁ ଓ ନାନି ପଣିକା ଘୁସୁଥିଲୁ ।

ବାପ ପିଣ୍ଡାତଳେ ଦଉଡିଆ ଖଟ ଉପରେ ଶୋଇ ଏକଡ ସେକଡ ହେଇ ଥକ୍କା ମାରୁଥିଲେ । ମଝିରେ ମଝିରେ ଦେହରେ ହାତରେ ପିଟୁଥିଲେ । ଥରେଥରେ ଦେହରେ ଗୁଡରେ ଲୁଗା କାନିରେ ବିଞ୍ଚି ମଶା ଖେଦୁଥିଲେ । ତାହାରି ଭିତରେ ମତେ ଡାକିଲେ ,' ଛୁଆ, ଛୁଆ ଆୟତ ' । ପଣିକା ଡାକିବାବେଳେ ମୁଁ ଭୁଲ କହିଲି ବୁଲି ଭାବିଲି। ଡରିଡରି ତାଙ୍କ ପାଖରେ ଯାଇ ଠିଆହେନି।

ମତେ କହିଲେ, 'ଉପରକୁ ଅନା , କିସ ଦେଖୁଛୁ ?'

'ଆକାଶରେ ଜହ୍ନମାମୁଁ ହସୁଚି । ବେଳେବେଳେ ଖଣ୍ଡେଅଧେ ମେଘ ତାକୁ ଢାଙ୍କି ଦଉଚି, ଫେର୍ ଚାଲିଯାଉଚି ।'

'ଆଉ କିଛି ନାହିଁ ?' 'ଭଲକି ଚକା , ଦେଇକି କହ ।'

ପୁଣି ଅନେଇଲି .'.ଜହ୍ନ ଚାରିପାଖରେ ସୁନ୍ଦର ମୁଣ୍ଡୁଳାଟାଏ କିଏ ବୁଲେଇ ଦେଇଚି ବାପ। ସେଇକଥାଟା କହିନି ।'

' ଆଉ କିଛି ନାହିଁ ?'

' ହଁ, କେତେଟା ତାରା ବି ଅଛି ।'

'ଏକାବେଳେ ଦେଖି ପାରୁନୁ ?'

ମୁଁ କିଛି ନକହି ତଳକୁ ମଥାପୁତି ଠିଆହେନି ।' ତେବେ ବି ସାହସକରି ପଚାରନି 'କିଏ ସେ ମୁଣ୍ଡୁଳା କରିଚି ବାପ ?'


**ସଡକ ଉପରେ ଆଣ୍ଠିଏ ଜଙ୍ଘେ ଜଳ । ଗାଁ ଚାରିପାଖର ଜଳ ଘେରି ଗଲାନି । ସବୁ ନୁକ କହୁଚନ ବନ ନିଶ୍ଚୟ ହବ । ନଈପାଖ ଗାଆଁରୁ ଜଣେ ନୁକ ଆସିଥିଲେ, କହୁଥିଲେ ନଈ ହୁହୁ କି ମାଡୁଚି, ମଝିରାତିକି ବନଜଳ ନଈରୁ ବାହାରି ଆଇବ। ଆମଗାଁକୁ ଘେରିଯିବ । ବୁଢା ମହାଦେବ ଆମର ସାହା।' ବାପ ମାଆ ଉପରକୁ ହାତ ଟେକି ମଥା ନୁଆଁଇ ଜୁହାର ହେଲେ ।**


କେହି କରିନି, ଠାକୁରମାନେ ବସି ବିଚାର କରୁଚନି, ଆମର ପାପ ପାଇଁ ଆମକୁ କିଛି ଦଣ୍ଡ ଦେବେ।' ବାପର କଥାଗୁଡା ଭାରିଭାରି ଶୁଭିଲା । କାନ୍ଦିଲେକି ?

' ମତେ ତ ଭଲକି ଦୁଶୁନି । ଦେଖ୍ ତ, ତାରାଗୁଡା ଜହ୍ନ ପାଖାପାଖି ନା ଦୂର୍‌ର ଅଛି ?'

'ଦୂରର୍‌ର ବେଶି ,ପାଖର କମ୍ ତାରା'

'ବୁଝିଲୁ , ମ ବାପ, ମାନେ ତ ଠାକବାପ କହୁଥିଲେ,...

'ଚନ୍ଦ୍ରମଣ୍ଡଳକ ମଝିରେ ତାରା
ମେଘବରଷେ ମୂଷଳଧାରା ।'

ଆହୁରି କହୁଥିଲେ...

'ନିକଟ ତାରା, ଦେରି ବର୍ଷା,
'ଦୂରତାରା, ନିକଟ ବର୍ଷା ।'

ମାନେ ଖୁବ୍ ଜୁର ବର୍ଷାହବ, ବନବି ଆସିପାରେ । କେତେଥର ଇମିତି ହେଇଚି।' ମତେ ପଢିବାକୁ କହି ବାପ ଗାଁ ଭିତରକୁ ଗଲେ। ଅଳ୍ପ ସମୟ ଭିତରେ ଘୁରିଆସି ମାଆକୁ ଡାକି କହିଲେ, 'ହରି ବୁଢା, ନରିଆକାକା କହୁଚନ କାଲକି ମେଘ ହବ । ଖର୍ କି ଖାଇତେ ଦେ, ନିଜେବି ଖାଇଦେ, ଜାଳକାଠ ଘରକୁ ଆଣତେ ହବ , ବର୍ଷାହେନେ ସବୁ ତିନ୍ତିଯିବ, ରାନ୍ଧିବୁ କିମିତି ?'

ଶୁକଲା ପାଗ, ଇଏ କହୁଚନ ମେଘ ହବ ...ମାଆ ଭାବିଲେ। ତେବେ କିଛି ନକହି ଘର ଭିତରକୁ ଯାଇ ଖାଇବାକୁ ଡାକିଲେ ।

ସତକୁ ସତ, ତା'ପରଦିନ ସକାଳକୁ ଆକାଶରେ ବାଦଲ ଦେଖଗଲା । ଦିନ ବଢିବା ସହିତ ସାରା ଆକାଶକୁ ମେଘ ଢାଙ୍କିଦେଲା । ସଞ୍ଜବେଳକୁ ପୂବାଳି ବୟ୍ରା ବହିଲା, ପ୍ରଥମେ ଧୀରେଧୀରେ, ତାପରେ ଜୋରରେ । ବର୍ଷା ଢାଳିଲା ତ ଢାଳିଲା ସାରାରାତି ।

ମୁଁ କେତେବେଳେ ଶୁଇଗନି, ଜାଣେନି। ନାନୀବି ।

ସକାଳାକୁ ମାଆ ଡାକିବାରୁ ଆମ ନିଦ ଭାଙ୍ଗିଗଲା । ଚାରିଆଡେ ଧୂଆ ହେଇଗଲାନି। ବର୍ଷା କିନ୍ତୁ ବନ୍ଦ ହେଇନି।

ବାପ ମାଆ ବୁଧହୁଏ ରାତିରେ ଶୁଇନାହାନ୍ତି । ଚାଳରୁ ପାଣି ପଡୁଥାଏ। ଛୁଟ ଚାଳଘର, ଜଳ ପଡିଲେ ଘର ଜିନିଷପତ୍ର ଇଆଡେ ସିଆଡେ ନାଡୁଥାନ୍ତି । ସାରାଘର ଓଦା ସରସର । ତେବେ, ଆମକୁ ବର୍ଷାପାଣିରେ ଭିଜିବାକୁ ଦେଇନାହାନ୍ତି।

ସିମିତି ବସିରହି ନାନୀ ଓ ମୁଁ ବର୍ଷାକୁ ଅନେଇ ରହିଲୁଁ । ଏଆଡେ ଭୀଷଣ ଭୁକ । ମାଆ ଜଣିପାରିଲେ କି କିସ ମତେ ଓ ନାନୀକୁ ଦାନ୍ତଘଷିବା ପାଇଁ କହି ଦାନ୍ତକାଠି ଆଣିଦେଲେ। ଆମେ ଦୁହେଁ ଦାନ୍ତଘଷି ମୁଢି ଖାଇଲୁ । ବାପମାଆ ସିମିତି ନଖାଇ ରହିଲେ।

ଢେର ବେଳକୁ ମେଘ ଛାଡିଲା । ବାପ ବିଲଆଡେ ଗଲେ। ଆମେବି ଘରୁ ବାହାରକୁ ଆସିଲୁ । ମାଆ ଆକଟ କଲେ । 'ଓଦା ମାଟିର ବେଶୀ ଚାଲନି, ଥଣ୍ଡାଧରିବ ।'

ବାପ ଖରକି ଘରକୁ ଫେରିଲେ । ମାଆକୁ କହିଲେ, 'ଚାରିଆଡେ ଜଳମୟ । ସଡକ ଉପରେ ଆଣ୍ଠିଏ ଜଙ୍ଘେ ଜଳ । ଗାଁ ଚାରିପାଖର ଜଳ ଘେରି ଗଲାନି । ସବୁ ନୁକ କହୁଚନ ବନ ନିଶ୍ଚୟ ହବ । ନଈପାଖ ଗାଆଁରୁ ଜଣେ ନୁକ ଆସିଥିଲେ, କହୁଥିଲେ ନଈ ହୁହୁ କି ମାଡୁଚି, ମଝିରାତିକି ବନଜଳ ନଈରୁ ବାହାରି ଆଇବ। ଆମଗାଁକୁ ଘେରିଯିବ । ବୁଢା ମହାଦେବ ଆମର ସାହା।' ବାପ ମାଆ ଉପରକୁ ହାତ ଟେକି ମଥା ନୁଆଁଇ ଜୁହାର ହେଲେ ।

ରାତି ପାହିବାଯାଏ ଡର ସହିଲାନି । ମଝିରାତି ବେଳକୁ ଗାଁରେ ହୁରି ପଡିଗଲା, ' ଦଳମ ମୁହଁରୁ ପାଣି ବାହାରିଲାନି । ଆଉ ରକ୍ଷା ନାହିଁ ।' ସବୁ ଘରୁ ଶଙ୍ଖ ଶବ୍ଦ, ହରିବଲ ହୁଳହୁଳି ଶୁଭୁଥାଏ, ମାଆବି ଶଙ୍ଖ ବଜାଇଲେ । ମ ନିଦ ଭାଙ୍ଗିଗଲା । ଭୟରେ ଚାରିଆଡକୁ ଅନେଇଲି । ମାଆ ମତେ ଆଉ ନାନୀକୁ ତାଙ୍କର ଦୁଇ ଜଙ୍ଘଉପରେ ଶୁଆଇପକାଇଲେ ।

( ଆମ ଅଞ୍ଚଳରେ କଥିତ ଭାଷାର ଅନେକ ଶବ୍ଦ ଏଥିରେ ବ୍ୟବହାର କରାଯାଇଛି )


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧


# ଶାରଦୀୟ ଦୁର୍ଗୋତ୍ସବ ଓ ଶକ୍ତିପୂଜା


ଅଳକା ରାୟ







**ଏ ଜଗତରେ ମାତୃଶକ୍ତି ହିଁ ବଳବାନ। ଦେବୀ ଦୁର୍ଗା କେବଳ ସୃଷ୍ଟିର ପାଳନକର୍ତ୍ତୀ ବା ଦୁଷ୍ଟ ସଂହାରିଣୀ ଶକ୍ତି ନୁହନ୍ତି,ଏହି ମଙ୍ଗଳମୟ ସୃଷ୍ଟିର ସେ ମଙ୍ଗଳ ଦାତ୍ରୀ,ସୁଖ ଶାନ୍ତି ପ୍ରଦାୟିନୀ। ମାତୃଶକ୍ତିର ଅଧିକାର ହେବାପାଇଁ ପ୍ରତିଟି ପ୍ରାଣରେ ମା'ଙ୍କ କରୁଣା ଅପରିହାର୍ଯ୍ୟ। ଏଣୁ ମାନବ ସମାଜ ମାତୃଶକ୍ତିର ଉପାସନା କରି ସେହି ଶକ୍ତିରେ ବଳୀୟାନ ହୋଇ ଜୀବନକୁ କର୍ମଚଞ୍ଚଳ, କର୍ମମୁଖର କରିବା ଆବଶ୍ୟକ।**


ଶରତର ଆଗମନରେ ପାର୍ବଣର ମହକ। ଧରଣୀ ରାଣୀର କାନଭାସରେ ସବୁଜ କ୍ଷେତର ଅପରୂପ ସମ୍ଭାର ସଙ୍ଗେ ସଙ୍ଗେ ଟୋପା ଟୋପା କାକରର ସମାହାର। ନୀଳ ସ୍ୱଚ୍ଛ ଜଳରାଶି ଉପରେ ରଙ୍ଗ ବେରଙ୍ଗ ପୁଷ୍ପ ମାନଙ୍କର ଅପୂର୍ବ ସମାହାର। କାଶତଣ୍ଡିର ଆଲଟ ଚାମର।ଏଭଳି ଏକ ମନୋରମ ଓ ମନମତାଣିଆ ପରିବେଶ ରେ 'ମା' ଙ୍କ ଆଗମନ ସୃଷ୍ଟି କରୁଛି ଆନନ୍ଦ ଉଲ୍ଲାସର ଅପରୂପ ପୁଲକ।କାନ୍ତ ଶାନ୍ତ ମନୋଜ୍ଞ ପରିବେଶ ରେ ଆଦ୍ୟାଶକ୍ତି ସିଂହବାହିନୀ ଦେବୀ ଦୁର୍ଗାଙ୍କ ସାରଦୀୟ ଦୁର୍ଗୋତ୍ସବ। ଦେବୀ ଏକାଧାରରେ ବିଶ୍ୱପ୍ରସବିନୀ ଓ ବିଶ୍ୱସଂହାରିଣୀ।

ଆମ ଦେଶରେ ଶକ୍ତି ପୂଜାର ପ୍ରଚଳନ କେଉଁ ଆବାହମାନ କାଳରୁ ଅଛି। ଭାରତୀୟ ଭକ୍ତି-ଶ୍ରୋତର ମୂଳ ଉତ୍ସ ହେଲା ମାତୃ ପୂଜାର ପରମ୍ପରା। ଦେଶର କୋଣ ଅନୁକୋଣରେ ଗୁଞ୍ଜରିତ ହୋଇଉଠେ 'ମା' ଙ୍କର ଏହି ଆବାହନୀ ଗୀତ'ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା
ନମଃତସ୍ୟୈ ନମଃତସ୍ୟୈ
ନମଃତସ୍ୟୈ ନମଃନମଃ।'

ସର୍ବଜନୀନ ଦୁର୍ଗା ପୂଜା ଶାରଦୀୟ ପୂଜା ନାମରେ ନାମିତ। ସକଳ ଦୁର୍ଗତିରୁ ପରିତ୍ରାଣ ଯୋଗୁଁ ଦେବୀ ଦୁର୍ଗା ନାମରେ ପୂଜିତ। ଦୁର୍ଗା ଶବ୍ଦରେ 'ଦ' ଶବ୍ଦର ଅର୍ଥ ଦୈତ୍ୟନାସିନୀ, 'ଉ' କାର ର ଅର୍ଥ ବିଘ୍ନ ବିନାଶିନୀ, 'ରେଫ' ର ଅର୍ଥ ସର୍ବ ରୋଗ ହରଣୀ, 'ଗ' ର ଅର୍ଥ ପାପନାଶିନୀ, 'ଆ'କାର ର ଅର୍ଥ ସେନେହ ଓ ବାତ୍ସଲ୍ୟ ମମତା। ପୁରାଣରେ ଦେବୀ ହେଉଛନ୍ତି 'ଦୁର୍ଗେସ୍ୱରୀ' ଅର୍ଥାତ୍ ଦୁର୍ଗର ରକ୍ଷାକାରୀ।ଭବ ସାଗରର ଏକ ମାତ୍ର ନୈକାସ୍ୱରୂପା। ସେ ସଂକଟ ତାରିଣୀ, ମଙ୍ଗଳ କାରିଣୀ, ଶତ୍ରୁ ବିନାସିନୀ ଓ ସମସ୍ତ ଶକ୍ତି ଓ ବୁଦ୍ଧିର ଅଧିକାରିଣୀ।

ବସନ୍ତ ଋତୁରେ ମା'ଙ୍କର ପୂଜା ବାସନ୍ତୀ ପୂଜା ନାମରେ ନାମିତ ହୋଇଥିବା ବେଳେ, ଶରତ ଋତୁରେ ମା' ଙ୍କର ଏହି ପୂଜା ଶାରଦୀୟ ଦୁର୍ଗାପୂଜା ନାମରେ ପାଳନ କରାଯାଏ। ଏହି ଦୁର୍ଗାପୂଜା ରାମଚନ୍ଦ୍ର ଙ୍କ ଦ୍ୱାରା ପ୍ରଚଳିତ ଏବଂ ଏହା 'ଅକାଳ ବୋଧନ' ନାମରେ ପ୍ରସିଦ୍ଧ। ରାମଚନ୍ଦ୍ରଙ୍କ ପବିତ୍ର ଆରାଧନା ରେ ସନ୍ତୁଷ୍ଟ ହୋଇ ମା' ଦୁର୍ଗା ତାଙ୍କୁ ଅଭୟ ବର ପ୍ରଦାନ କରି ବିଜୟୀ ହେବାକୁ ଦୃଢ଼ ବାଣୀ ଶୁଣାଇଥିଲେ।ଯାହା ଦ୍ୱାରା ରାମ ରାବଣଙ୍କୁ ବଧ କରିବାରେ ସକ୍ଷମ ହୋଇ ପାରିଥିଲେ।ଏହା ଥିଲା କ୍ରୋଧ ଉପରେ ବିନୋଦର ବିଜୟୀ, ଅଜ୍ଞାନ ଉପରେ ଜ୍ଞାନର, ଗର୍ବ ଉପରେ ନମନୀୟତା ର ଏବଂ ସର୍ବୋପରି ଆସୁରିକ ପ୍ରବୃତ୍ତି ଉପରେ ଦୈବୀ ପ୍ରବୃତ୍ତି ର ବିଜୟ। ସେହି ସ୍ମୃତିରେ ପାଳିତ ହୋଇଆସୁଛି ମା' ଦୁର୍ଗା ଙ୍କର ମହା- ସାରଦୀୟ ବିଜୟା ମହୋତ୍ସବ।

ଅନେକ ପର୍ବପର୍ବାଣୀ ମଧ୍ୟରୁ ଦୁର୍ଗା ମହୋତ୍ସବ ଶ୍ରେଷ୍ଠ ପର୍ବ। ଶକ୍ତିର ମୁଖ୍ୟ ଭାବରେ ସମସ୍ତେ ମା' ଦୁର୍ଗାଙ୍କୁ ଆରାଧନା କରନ୍ତି। ଭାରତୀୟ ସମାଜରେ ଜାତି- ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ପୂଜା ପାଳନ କରନ୍ତି। ଗରିବ ଠାରୁ ଧନୀ, ଗ୍ରାମ ଠାରୁ ସହର ସର୍ବତ୍ର ଏହି ଦୁର୍ଗା ପୂଜା ଭକ୍ତି ପୂତ ହୃଦୟରେ ସମସ୍ତେ ପାଳନ କରନ୍ତି। ଏହା ହେଉଛି ଏକ ଗଣ ପର୍ବ। କୋଟି କୋଟି ହୃଦୟକୁ ଗୋଟିଏ ସୂତ୍ରରେ ବାନ୍ଧିବାର ମହାପାର୍ବଣ। ମାତୃ ଆରାଧନା ମାଧ୍ୟମରେ ସମସ୍ତ କଳହ, ମତାନ୍ତର ଓ ମନାନ୍ତରର ସମାପ୍ତି ଘଟାଇଥାଏ ଏହି ପର୍ବ।

ଆମ ଓଡ଼ିଶା ରେ ଦୁର୍ଗା ପୂଜା ବହୁତ ପ୍ରାଚୀନ। ଓଡ଼ିଶାରେ ଥିବା ସମସ୍ତ ଶକ୍ତିପୀଠରେ ଏହି ପୂଜା କେଉଁ ବୈଦିକ ଯୁଗରୁ ପ୍ରଚଳିତ ହୋଇ ଆସୁଛି।ଏହି ଶାରଦୀୟ ମହାପୂଜା ଶରତ ଋତୁରେ ମୂଳାଷ୍ଟମୀ ଠାରୁ ଦୁର୍ଗା ନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ।ଏହାକୁ ଷୋଳ ଦିନାତ୍ମକ ବା ଷୋଳ ପୂଜା କୁହିଯାଏ। ଏହି ଅବସରରେ ଏକାମ୍ର କ୍ଷେତ୍ରସ୍ଥିତ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ମା' ଭୁବନେଶ୍ୱରୀ ଏବଂ କେଦାରଗୌରୀ ଙ୍କ ପୀଠ ରେ ଗୌରୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୁଏ। ବିଭିନ୍ନ ମଣ୍ଡପରେ ଦେବୀଙ୍କ ମୃଣୟମୂର୍ତ୍ତୀ ନିର୍ମାଣ ପାଇଁ ଶୁଭ ଦିନ ଧାର୍ଯ୍ୟ କରି ବିଶେଷ ପୂଜା ସହ ବେଲ ତଥା ଅଶ୍ୱତ୍ଥ ଗଛ ମୂଳରୁ ମାଟି ଆଣି ମୂର୍ତ୍ତି ଗଢା କାମ ଆରମ୍ଭ ହୋଇଥାଏ। ମୂଳାଷ୍ଟମୀ ଦିନ ମା'ଙ୍କୁ ଆବାହନ କରାଇ ପୀଠ ନିକଟକୁ ଅଣାଯାଏ। ମହାଷଷ୍ଠୀ ସନ୍ଧ୍ୟାରେ ବେଲବରଣୀ କରାଯାଏ। ମହାସପ୍ତମୀ ରେ ପୂଜା ଆରମ୍ଭ ହୁଏ। ମହାପୂଜା ର ସଂକଳ୍ପ,ଘଟ ସ୍ଥାପନ,ପ୍ରାଣ ପ୍ରତିଷ୍ଠା,ଚକ୍ଷୁଦାନ କରି ଦେବୀ ଦୁର୍ଗାଙ୍କର ମହା ପୂଜା ଅନ୍ୟାନ୍ୟ ଦେବ ଦେବୀଙ୍କ ସଙ୍ଗେ କରାଯାଏ। ପୁଷ୍ପାଞ୍ଜଳି, ସ୍ତବ ସ୍ତୋତ୍ର ପାଠ, ଭୋଗ ନୈବେଦ୍ୟ କରି ଘଣ୍ଟ-ବାଦ୍ୟ, ହୁଳହୁଳି ଆଦିରେ ମହାସପ୍ତମୀ ସମାପିତ ହୁଏ। ମହାଷ୍ଟମୀ ରେ କେବଳ ପ୍ରାଣ ପ୍ରତିଷ୍ଠା, ଚକ୍ଷୁଦାନ ଓ ଆବାହନକୁ ଛାଡି ଅନ୍ୟ ସମସ୍ତ ପୂଜା ମହାସପ୍ତମୀ ପରି ହୋଇଥାଏ।ଏହି ପୂଜାରେ ୯ଟି ଘଟ ସ୍ଥାପନ କରି ନବଘଟରେ ନବଶକ୍ତିଙ୍କର ଆବାହନ ଓ ପୂଜା କରାଯାଏ।ଏହାପରେ ଚଉଷଠି ଯୋଗିନୀ ଓ ପରେ ପରେ କୋଟି- ଯୋଗିନୀ ପୂଜା ସମାପନ କରି ନବ ଘଟରେ ନବଦୁର୍ଗାଙ୍କର ପୂଜା କରାଯାଏ।ଏହି ମହାଷ୍ଟମୀ ପୂଜା ପରେ କୁମାରୀ ପୂଜା କରାଯାଏ।

ଅଷ୍ଟମୀ ତିଥିର ଶେଷ ୨୪ ମିନିଟ ଏବଂ ନବମୀ ତିଥିରେ ପ୍ରଥମ ୨୪ ମିନିଟ ମଧ୍ୟରେ ମୋଟ ୪୮ ମିନିଟ 'ସନ୍ଧିପୂଜା' ର ସମୟ। ଏହି ସମୟରେ ଚାମୁଣ୍ଡା ରୂପିଣି ଦୁର୍ଗାଙ୍କର ପୂଜାର୍ଚ୍ଚନା ହୁଏ। ତା'ପରେ ବଳିଦାନରେ ପୂଜାର ସମାପ୍ତି ଘଟେ। ଦଶମୀ ରେ ଏକମାତ୍ର କାର୍ଯ୍ୟ ବିସର୍ଜନ। ଦେବୀ ବିସର୍ଜନ ପରେ ଶ୍ୱେତ ଅପରାଜିତା ଲତା ଦେଇ ରକ୍ଷାବନ୍ଧନ କରାଯାଇଥାଏ। ଏହାପରେ ମୃଣ୍ମୟୀ ମୂର୍ତ୍ତୀ ଙ୍କୁ ଜଳରେ ବିସର୍ଜନ କରାଯାଏ।

ଶେଷ ଉତ୍ସବଟି 'ବିଜୟା' ଉତ୍ସବ ଭାବେ ପାଳନ କରା ଯାଇଥାଏ। ଏହା ଭାଇଚାରା, ଏକତା, ସଂହତି,ତଥା ମିଳନର ମହୋତ୍ସବ। ବସ୍ତୁବାଦୀ ତଥା ନାସ୍ତିକ ହୃଦୟ ମଧ୍ୟରେ ଏହି ପୂଜା ମାଧ୍ୟମରେ ଭକ୍ତି, ପବିତ୍ରତା, ପ୍ରେମ ତଥା ସତ୍ୟ, ଧର୍ମ, ଦୟା, କ୍ଷମା ବାଣିର ଚିନ୍ତନ ଉଦ୍ରେକ କରାଇ ଥାଏ।

ଏ ଜଗତରେ ମାତୃଶକ୍ତି ହିଁ ବଳବାନ। ଦେବୀ ଦୁର୍ଗା କେବଳ ସୃଷ୍ଟି ର ପାଳନକର୍ତ୍ତୀ ବା ଦୁଷ୍ଟ ସଂହାରିଣୀ ଶକ୍ତି ନୁହନ୍ତି ,ଏହି ମଙ୍ଗଳମୟ ସୃଷ୍ଟିର ସେ ମଙ୍ଗଳ ଦାତ୍ରୀ, ସୁଖ ଶାନ୍ତି ପ୍ରଦାୟିନୀ। ମାତୃଶକ୍ତି ର ଅଧିକାର ହେବାପାଇଁ ପ୍ରତିଟି ପ୍ରାଣରେ ମା' ଙ୍କ କରୁଣା ଅପରିହାର୍ଯ୍ୟ। ଏଣୁ ମାନବ ସମାଜ ମାତୃଶକ୍ତିର ଉପାସନା କରି ସେହି ଶକ୍ତି ରେ ବଳୀୟାନ ହୋଇ ଜୀବନକୁ କର୍ମଚଞ୍ଚଳ, କର୍ମମୁଖର କରିବା ଆବଶ୍ୟକ।

'ସର୍ବେ ଭବନ୍ତୁ ସୁଖୀନହ
ସର୍ବେସନ୍ତୁ ନିରାମୟ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା' କଶ୍ଚିତ ଦୁଃଖଭାଗ ଭବେତ୍।'


♥ ଭୁବନେଶ୍ୱର
୭୯୭୮୩୩୨୦୬୧.

# ୪୪ ତମ ବାର୍ଷିକ ଉର୍ସ ଉତ୍ସବ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଭଦ୍ରକ , ୨୧/୧୦ (ନି.ପ୍ର): ଆସନ୍ତା ନଭେମ୍ବର ମାସ ୧୯ ଓ ୨୦ ତାରିଖ ଦୁଇଦିନ ଧରି ଧାମନଗର ସ୍ଥିତ ପୀର ବାବାଙ୍କ ସମାଧି ପୀଠରେ ପାଳିତ ହେବାକୁ ଥିବା ହୋଜ୍ଜୁର ମୁଜାହିଦ୍ -ଇ- ମିଲାତ୍, ପୀରବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଏ.ଏସ୍.ପି. ବିଜୟ ରଞ୍ଜନ କେରକେଟା, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବ ବର୍ଷପରି ଏବର୍ଷ ମଧ୍ୟ ବହୁ ଜନସମାଗମ ନେଇ ମହାସମାରୋହରେ ଏହି ଉର୍ସ ଉତ୍ସବ ପାଳନ କରାଯିବା ପାଇଁ ଉର୍ସ କମିଟିର ସମ୍ପାଦକ ମହମ୍ମଦ ଇସରାଇଲ ହବିବି ସୂଚନା ଦେବା ସହିତ ଏଥିପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ସମ୍ବନ୍ଧରେ ପ୍ରକାଶ କରିଥିଲେ। ଟୋପିୱାଲା ଟ୍ରଷ୍ଟ ଟ୍ରାଫିକ ଛକ ଓ ସାନବଜାର ଟ୍ରାଫିକ୍ ଛକରୁ ଚଦର ଶୋଭାଯାତ୍ରାରେ ମାଇକ୍ ବନ୍ଦ ରଖିବା, ଧାମନଗର ପ୍ରଥମ ପେଟ୍ରୋଲପମ୍ପ ଛକଠାରୁ ବଡ଼ ବଜାର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ବସିବାକୁ ନଦେବା, ପାନୀୟ ଜଳ ପାଇଁ ଅଧିକ ସଂଖ୍ୟାରେ ଟ୍ୟାଙ୍କର ଯୋଗାଣ, ବସ ରହଣୀ ସ୍ଥାନ ଓ ଯାତ୍ରୀ ରହଣି ସ୍ଥାନ ଇଦ୍‌ଗା ମଇଦାନରେ ଅଧିକ ସଂଖ୍ୟାରେ ଅସ୍ଥାୟୀ କିମ୍ବା ଭ୍ରାମ୍ୟମାଣ ଶୌଚାଳୟ, ଖାନକା ପରିସର ଭିତରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ଆମ୍ବୁଲାନ୍‌ସ ବ୍ୟବସ୍ଥା, ଖାନକା ପରିସର ଭିତରେ ଓ ବାହାରର ସଫେଇ, ଇଦ୍‌ଗା ରାସ୍ତା ନିର୍ମାଣ ଏବଂ ଜଗୁ ସାଗର ଘାଟର ପୂନଃ ଉଦ୍ଧାର, ଉକ୍ତ ରାସ୍ତାର ଆଲୋକିକରଣ, ଧାମନଗର ଛକରୁ ଧାମନଗର ପର୍ଯ୍ୟନ୍ତ ରାସ୍ତା ମରାମତି, ଖାନକା ପରିସରରେ ବିଦ୍ୟୁତ ଯୋଗାଣ ପାଇଁ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନସ୍‌ଫରମର, ଅବିଚ୍ଛିନ୍ନ ନେଟୱାର୍କ ବ୍ୟବସ୍ଥା, ଛୋଟ ଏବଂ ଅଳ୍ପ ମାତ୍ରାରେ ଶବ୍ଦ ବ୍ୟବସ୍ଥା, ଅସ୍ଥାୟୀ ବାଇପାସ୍ ରାସ୍ତା, ପୋଲିସ୍ ଓ ଯାତ୍ରୀ ରହଣି ପାଇଁ ଆଞ୍ଚଳିକ ସ୍କୁଲ ୨ ଦିନ ଛୁଟି କରାଯିବା ଏବଂ ରେଳଷ୍ଟେସନରେ ଅତିରିକ୍ତ ଟିକେଟ୍ କାଉଣ୍ଟର, ଅସ୍ଥାୟୀ ବିଶ୍ରାମାଗାର, ଶୌଚାଳୟ ବ୍ୟବସ୍ଥା କରିବା ସହ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଓ ୨ ମିନିଟ୍ ରହଣି ସମୟକୁ ୫ ମିନିଟ୍‌କୁ ବୃଦ୍ଧି କରାଯିବା ଆଦି ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା, ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଅନୁମୋଦନ କରାଯାଇଥିବା, ଖାନ୍‌କା ପୀଠର ଉନ୍ନତିକରଣ ପାଇଁ ସରକାରଙ୍କ ଅର୍ଥ ମଞ୍ଜୁରୀ ଆଦି ବିଷୟରେ ଜିଲ୍ଲାପାଳ ସୂଚନା ପ୍ରଦାନ କରି ଉର୍ସ ଉତ୍ସବ ପାଇଁ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସମସ୍ତ ବିଭାଗୀୟ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଇ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ପ୍ରକାଶ କରିଥିଲେ। ବିଶେଷ କରି ଅସ୍ଥାୟୀ ଦୋକାନ ବସିବା ବେଳେ ଅଗ୍ନି ନିରାପତ୍ତା ଦିଗ ପ୍ରତି ଯଥେଷ୍ଟ ଯତ୍ନବାନ ହେବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଆବଶ୍ୟକ ସୁବିଧା ସୁଯୋଗ ପାଇଁ ରେଳ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବ ବୋଲି ମଧ୍ୟ ସେ କହିଥିଲେ। ବହୁଳ ଜନ ସମାଗମ, ଯାନବାହନ ପାର୍କିଂ ନିୟନ୍ତ୍ରଣ ନେଇ ରେଳ ଷ୍ଟେସନ, ଖାନକା ପରିସର, ଧାମନଗର ଛକରୁ ଧାମନଗର ପର୍ଯ୍ୟନ୍ତ ଓ ଅନ୍ୟ ସଂଲଗ୍ନ ରାସ୍ତା ସବୁରେ ପୋଲିସ୍ ମୂତୟନ, କମିଟି ତରଫରୁ ନିୟୋଜିତ ହେବାକୁ ଥିବା ଭଲ୍ୟୁଣ୍ଟିଅର ମାନଙ୍କ ପରିଚୟ ପତ୍ର ପ୍ରଦାନ ଆଦି ସମ୍ବନ୍ଧରେ ଏସ୍.ପି. ସୂଚନା ଦେଇଥିଲେ। ଡି.ଏସ୍.ପି., ଡ଼ି.ଆଇ.ବି. କମଳ ଲୋଚନ ଭୂୟାଁ ପୂର୍ବ ବର୍ଷର ସମସ୍ୟା ଓ ଚଳିତ ବର୍ଷରେ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ, ଟ୍ରାଫିକ୍ ନିୟନ୍ତ୍ରଣ ନିମନ୍ତେ ଯୋଜନା ସମ୍ବନ୍ଧରେ ପ୍ରକାଶ କରିଥିଲେ। କମିଟିର ଉପସଭାପତି ସୟଦ ମୁସ୍ତାଫା ରାଜ ହବିବ୍ ୨ ଦିନିଆ ଉତ୍ସବରେ କାର୍ଯ୍ୟସୂଚୀ ସମ୍ବନ୍ଧରେ ସୂଚନା ଦେଇଥିଲେ। ଚଦର ଶୋଭାଯାତ୍ରା, ପୀରବାବାଙ୍କ ସାମଧି ପୀଠକୁ ଶ୍ରଦ୍ଧାଳୁଙ୍କ ଦର୍ଶନ, ସମୂହ ପ୍ରାର୍ଥନା, କବି ସମ୍ମିଳନୀ, ମୌଲାନା ମାନଙ୍କ ଦ୍ୱାରା ଧର୍ମବାଣୀ ଓ ବକ୍ତବ୍ୟ ପ୍ରଦାନ ଆଦି କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରକାଶ କରିଥିଲେ। କମିଟିର ସହ ସମ୍ପାଦକ ସେକ୍ ଅବଦୁର ରହେମାନ୍ ହବିବ୍, ସଦସ୍ୟ ମହମ୍ମଦ ଫଜଲ ବାରି, ସେକ୍ ମନଭର ଅହମ୍ମଦ୍, ସେକ୍ ଗୁଲାମ ମୋହିଉଦ୍ଦିନ୍, ସୟଦ ହାସରାଏଁ ରାଜା, ମହମ୍ମଦ ତାହେର ଖାଁ, ସେକ୍ ଗୁଲାମ ଅଲାମ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ମତାମତ ରଖିଥିଲେ। ସି.ଟି. ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଧାମନଗର ବି.ଡ଼ି.ଓ. ବନବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ, ଆଇ.ଆଇ.ସି. ଫନିନ୍ଦ୍ର ଭୂଷଣ ନାୟକ ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ।

## ଜୁଆ ଆଡ୍ଡା ଉପରେ ଚଢାଉ: ୧୦ ଜୁଆଡ଼ି ଗିରଫ

ଜୟପୁର , ୨୧/୧୦ (ନି.ପ୍ର): ଜୁଆ ଖେଳ ଚାଲୁଥିବା ବେଳେ ଜୟପୁର ଟାଉନ ପୋଲିସ ଚଢାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିଛି । ପୋଲିସ ସୁଚନା ଅନୁଯାଇ ଜୟପୁର ସହର ଭଦ୍ରାୟା ସାହି , ମିଲ ସାହି ନିକଟରେ ଜୁଆ ଖେଳ ଚାଲୁଥିବା ସୁଚନା ପାଇ ଜୟପୁର ଟାଉନ ପୋଲିସ ଚଢାଉ କରିଥିଲା । ଚଢାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରି ସେ ମାନଙ୍କ ଠାରୁ ୨ଟି ତାସ ପେକଟ, ୮ଟି ମୋବାଇଲ, ୨୫ ହଜାର ୨ ଶହ ଟଙ୍କା ନଗଦ ଜବତ କରି ଥିବା ଟାଉନ ଥାନା ଅଧିକାରି ସତ୍ୟାନନ୍ଦ ପାତ୍ର ସୁଚନା ଦେଇଛନ୍ତି ।

## ସାମାଜିକ ସଚେତନତା ଦ୍ୱାରା ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ସମ୍ଭବ

ବଲାଙ୍ଗିର, ୨୧/୧୦ (ନି.ପ୍ର): ବ୍ୟାପକ ଭାବେ ସାମାଜିକ ସଚେତନତା କରିବା ଦ୍ୱାରା ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିହେବ । ବର୍ତମାନ ଜଳବାୟୁ ପରିବର୍ତନ ଦ୍ୱାରା ଆମ ପରିବେଶରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ଆମେ ଦୈନଦିନ ସମ୍ମୁଖୀନ ହେଉଛୁ । କିନ୍ତୁ, ତାହାର କାରଣ ଓ ନିରାକରଣ ବିଷୟରେ ଜନସାଧାରଣରେ ଆବଶ୍ୟକ ସଚେତନତାର ଘୋର ଅଭାବ ରହିଛି । ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନର ୧୯ତମ ବାର୍ଷିକ ସମ୍ମିଳନୀ ଉପଲକ୍ଷେ ବଲାଙ୍ଗିର ସ୍ଥିତ ସ୍ୱୟମ ହୋଟେଲ ଠାରେ ଅନୁଷ୍ଠିତ ଜଳବାୟୁ ପରିବର୍ତନ ସମ୍ପର୍କିତ ଏକ କର୍ମଶାଳାରେ ଅତିଥିମାନେ ଏହା କହିଛନ୍ତି । ଅନୁଷ୍ଠାନର ଉପଦେଷ୍ଟା ଡଃ. ଅମୂଲ୍ୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଟ୍ରିକଲ ଅପ୍ ଅନୁଷ୍ଠାନର ପ୍ରକଳ୍ପ ପରିଚାଳକ ସୁଶାନ୍ତ କୁମାର ଦାସ, ସି.ସି.ଏକ୍ସ. ଅନୁଷ୍ଠାନର ପ୍ରକଳ୍ପ ପରିଚାଳକ ସ୍ମୃତି ରଞ୍ଜନ ସେଠୀ, ବଲାଙ୍ଗିର ଉଦ୍ୟାନ ବିଭାଗରୁ ସୁଶ୍ରୀ ଗୀତି କ୍ରିଷ୍ଟା, ମହାଶକ୍ତିର ପରିଚାଳନା ବୋର୍ଡ ସଦସ୍ୟ ଡଃ. ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତନ ନିୟନ୍ତ୍ରଣର ବିଭିନ୍ନ ପନ୍ଥା ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ । ପ୍ରଥମ ଅଧିବେଶନରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱେଚ୍ଛାସେବୀ ସଂଗଠନର ଅତୀତ, ବର୍ତମାନ ଓ ଭବିଷ୍ୟତ ସମ୍ପର୍କିତ କର୍ମଶାଳାରେ ଏଲ୍.ଟି. ମାଇଣ୍ଡଟ୍ରିର ଇଏସଜି ମୁଖ୍ୟ ପ୍ରତ୍ୟୁଷ କୁମାର ପଣ୍ଡା, ବେଦାନ୍ତ ଲାଞ୍ଜିଗଡର ସାମାଜିକ ଦାୟିତ୍ୱବୋଧ ମୁଖ୍ୟ ଶିଶିର ତାଫେଦାର, କିଟ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ. ଦେବାଶିଷ ମହାପାତ୍ର, ନାବାର୍ଡ ଡିଡିଏମ୍ ଡଃ. ବିବେକ କୁମାର ନାୟକ, ସେବା ଜଗତର ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସବୀ ଅନୁଷ୍ଠାନ ସମାଜର ପରିବର୍ତନର ମୁଖ୍ୟ ସ୍ରୋତକୁ ଅନୁକରଣ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡି, ବଲାଙ୍ଗିର, କନ୍ଧମାଳ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ବିଭାଗ, ବ୍ୟାଙ୍କ୍, ବିଭିନ୍ନ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ବିଭାଗରୁ ମୋଟ ୧୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ହୃଷିକେଶ ସାହୁ, ଦେବେନ୍ଦ୍ର ସାମଲ, ଅର୍ଜୁନ ପାଗଳ, ମାନସୀ ମହାନ୍ତି, ରଶ୍ମି ସିଂ, ପ୍ରିୟଙ୍କା କୁମାରୀ, ରାଜେନ୍ଦ୍ର ମେହେର, ଅମର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ବିମଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଭୁଲ୍ କଲା ଓଡ଼ିଶା ଷ୍ଟାଫ୍ ସିଲେକସନ୍ ....

ସେ କମିଟି କିପରି ସିଲାବସ୍ ବାହାରୁ ପ୍ରଶ୍ନପତ୍ର ପ୍ରସ୍ତୁତ କଲା, ସ୍କ୍ରିନିଂ ତାହାକୁ କିପରି ଯାଞ୍ଚ ବେଳେ ଧରି ପାରିଲା ନାହିଁ ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପରୀକ୍ଷାର୍ଥୀଙ୍କ ଅଭିଯୋଗର ସତ୍ୟତା ଥିବାରୁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ପାଇଁ ଅନୁଷ୍ଠିତ ହୋଇଥିବା ମୁଖ୍ୟ ଲିଖିତ ପରୀକ୍ଷାକୁ ବାତିଲ୍ କରାଯିବା ସହ ଡିସେମ୍ବରରେ ପୁଣିଥରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ସୁନା ଦରରେ...

ସ୍ରାଏଲ-ହମାସ ଯୁଦ୍ଧ ଏକମାତ୍ର କାରଣ ନୁହେଁ। ପାର୍ବଣ ଋତୁ ଚାହିଦା ବି ସୁନା ଦରବୃଦ୍ଧି ପଛର ଅନ୍ୟତମ କାରଣ। ଏପଟେ ଅର୍ଥନୀତି ବିଶାରଦଙ୍କ ମତରେ, ବିଶ୍ୱରେ ଯୁଦ୍ଧ କିମ୍ବା ଅର୍ଥନୈତିକ ଅସ୍ଥିରତା ଦେଖାଦେଲେ, ସୁନା ଦାମ ବଢ଼ିଥାଏ। କାରଣ ନିବେଶକମାନେ ଷ୍ଟକ ବଜାର ଅପେକ୍ଷା ସୁନାରେ ପୁଞ୍ଜିନିବେଶକୁ ଅଧିକ ସୁରକ୍ଷିତ ମନେ କରନ୍ତି। ଯେହେତୁ ଏବେ ଇସ୍ରାଏଲ-ହମାସ ଯୁଦ୍ଧରେ ଗୋଟିଏ ପରେ ଗୋଟିଏ ଦେଶ ସାମିଲ ହେବାରେ ଲାଗିଛନ୍ତି। ତେଣୁ ସୁନା ଦର କମିବାର ଆଶଙ୍କା କମ୍ ରହିଛି। ସୁନା ଗହଣା ବିଶେଷଜ୍ଞଙ୍କ ମତରେ, ଯୁଦ୍ଧ ସ୍ଥିତି ଏମିତି ଲାଗି ରହିଲେ, ୨୪ କ୍ୟାରେଟ୍ ସୁନା ଦାମ ୭୦ ହଜାର ଟଙ୍କା ଛୁଇଁବା ଆଶଙ୍କାକୁ ବି ଏଡ଼ାଯାଇ ନପାରେ। ଖାଲି ସୁନା ନୁହେଁ, ରୁପା ଦାମ ମଧ୍ୟ ଆକାଶଛୁଆଁ ହେଲାଣି। ଗତ ଦୁଇ ସପ୍ତାହ ଭିତରେ ଏହା କିଲୋ ପିଛା ୪ ହଜାର ଟଙ୍କା ବଢ଼ି ୭୪ ହଜାର ଟଙ୍କାରେ ପହଞ୍ଚିଛି।

### ୨୬ରୁ ଜାତୀୟ...

କମିଟି ତାଙ୍କୁ ସରକାର ଦେଢ଼ କୋଟି ଟଙ୍କା ପ୍ରଦାନ କରିଥିଲେ। ସେହିପରି ଭାରତୀୟ ପୁରୁଷ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଏଥିରେ ସଦସ୍ୟ ଥିବା ଓଡ଼ିଶାର ଅମିତ ରୋହିଦାସଙ୍କୁ ମଧ୍ୟ ସରକାର ଦେଢ଼ କୋଟି ଟଙ୍କାର ପୁରସ୍କାର ଦେଇଥିଲେ। ଭାରତୀୟ ମହିଳା ହକି ଦଳ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଏଥିରେ ସଦସ୍ୟ ଥିବା ଓଡ଼ିଶାର ଦୀପ ଗ୍ରେସ ମିଞ୍ଜଙ୍କୁ ସରକାର ୫୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।

### ଏଥର ବର୍ଷାରେ...

ଉମାଶଙ୍କର ଦାସଙ୍କ କହିବାନୁଯାୟୀ, ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ପାଶ୍ୱବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଗତକାଲି ଯେଉଁ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା ତାହା ଆଜି ବି ସକ୍ରିୟ ରହିଛି। ଏହା ଆସନ୍ତାକାଲି ସୁଦ୍ଧା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ । ଆସନ୍ତାକାଲି ସକାଳ ସୁଦ୍ଧା ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରିବ । ପରବର୍ତ୍ତୀ ସମୟରେ ଏହା ଗତିପଥ ପରିବର୍ତ୍ତନ କରି ଉତ୍ତର ଓ ଉତ୍ତର-ପୂର୍ବ ଦିଗରେ ଗତି କରି ବାଂଲାଦେଶମୁହାଁ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୨୩ରୁ ୨୫ ତାରିଖ ଯାଏ ବର୍ଷା ରହିବ । ୨୩ ତାରିଖରେ ଉପକୂଳ ଓଡ଼ିଶାର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ ଆଦି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ଶ୍ରୀ ଦାସ। ସେ କହିଛନ୍ତି, ୨୪ରେ ବର୍ଷାର ପରିମାଣ ଓ ବିସ୍ତୃତି ସାମାନ୍ୟ ବଢ଼ିବ । ପୂରା ଉପକୂଳ ଅଞ୍ଚଳର ଅନେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ରହିବ । ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାର କିଛି କିଛି ସ୍ଥାନରେ ହାଲୁକା ବର୍ଷାର ସମ୍ଭାବନା ରହୁଛି। ଆସନ୍ତାକାଲିଠୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ପବନର ବେଗ ୪୫ରୁ ୫୫ ଓ ସର୍ବାଧିକ ୬୫ କିମି ଯାଏ ରହିବ । ତାକ୍ଷ ସହ ପବନର ବେଗ ଧୀରେ ଧୀରେ ବୃଦ୍ଧି ପାଇବ । ୨୩, ୨୪ ବେଳକୁ ପବନର ବେଗ ସର୍ବାଧୀକ ୫୫ରୁ ୬୫ ଏପରିକି ୭୦ କିମି ପର୍ଯ୍ୟନ୍ତ ପବନର ବେଗ ବଢ଼ିପାରେ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ।

### ରାଜସ୍ଥାନ ପାଇଁ ....

ବୋଲି ଘୋଷଣା ହୋଇଛି । ସେହିଭଳି ବିଜେପି ମଧ୍ୟ ରାଜସ୍ଥାନ ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଦ୍ୱିତୀୟ ପର୍ଯ୍ୟାୟରେ ବିଜେପି ୮୩ ଜଣଙ୍କ ନାମ ଘୋଷଣା କରିଛି । ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ବିଜେପିର ଅସନ୍ତୁଷ୍ଟ ନେତ୍ରୀ ତଥା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରାରାଜେ ସିନ୍ଧିଆଙ୍କୁ ନାମ ସ୍ଥାନ ପାଇଛି । ତାଙ୍କୁ ତାଙ୍କର ଚିରାଚରିତ ଆସନ ଝାଲରାପାଟନରୁ ପ୍ରାର୍ଥୀ କରିଛି ବିଜେପି ।

### ଶବ ଉପରେ ଯୁଦ୍ଧ...

ଏବେ ଇସ୍ରାଏଲ ବିପକ୍ଷରେ ବାହାରିଲେଣି । ଇସ୍ରାଏଲ ଓ ହମାସର ଏହି ଘମାଘୋଟ ଯୁଦ୍ଧ ସମଗ୍ର ମଧ୍ୟ ପ୍ରାଚ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି । ସେପ୍ଟେମ୍ବର ୨୦୨୦ ମସିହା ୟୁଏଇ ଓ ବାହାରିନ୍ ଇସ୍ରାଏଲ ସହ ଅବ୍ରାହମ ବୁଝାମଣା ସ୍ୱାକ୍ଷର କରିଥିଲେ ଯାହା ଏମାନଙ୍କ ମଧ୍ୟରେ ଭଲ ସମ୍ପର୍କ ସୃଷ୍ଟି କରିଥିଲା । ୟୁଏଇ ପରେ ଇସ୍ରାଏଲ, ସାଉଦି ଆରବ, ଅମେରିକା ଓ ମଧ୍ୟ ପ୍ରାଚ୍ୟର ଆରବୀୟ ରାଜ୍ୟ ଗୁଡ଼ିକ ସହ ସୁସମ୍ପର୍କ ସ୍ଥାପନ କରିବାର ଚେଷ୍ଟା ଜାରି ରଖିଥିଲା ହେଲେ ସାଉଦି ଆରବର ପତ୍ରକାର ଜମାଲ ଖାଶୋଜ୍ଜୀଙ୍କ ହତ୍ୟା ପରେ ଆମେରିକା ଓ ସାଉଦିର ସମ୍ପର୍କରେ ଫାଟ ସୃଷ୍ଟି କରିଥିଲା ଯାହା ଫଳରେ ଇସ୍ରାଏଲର ସାଉଦ-ଆରବ ସହ ସମ୍ପର୍କରେ ମଧ୍ୟ ଭଙ୍ଗା ପଡିଥିଲା । ଇସଲାମ, ଇସାଇ ଓ ଇହୁଦୀ ତିନି ଧର୍ମଗୋଷ୍ଠୀ ପାଇଁ ଏହି ଆବ୍ରାହମ ଶବ୍ଦର ସ୍ୱତନ୍ତ୍ରତା ରହିଛି । ଏହାର ଅର୍ଥ ହେଉଛି ସହଯୋଗିତାର ଭାବନା । ଆରବ ଓ ଇସ୍ରାଏଲ ମଧ୍ୟରେ ଥିବା କଟୁତା ଦୂର କରି ଉଭୟ ଦେଶଭିତରେ ଅର୍ଥନୈତିକ, ସାଂସ୍କୃତିକ ଓ ଆର୍ଥିକ ସମ୍ପର୍କରେ ଦୃଢତା ଆଣିବା ପାଇଁ ଆମେରିକା ଆବ୍ରାହମ ଚୁକ୍ତିକୁ ଆଗେଇ ନେବାକୁ ଚାହୁଁଥିଲା । ଚଳିତ ବର୍ଷ ଇସ୍ରାଏଲ ଓ ସାଉଦି ମଧ୍ୟରେ ହୋଇଥିବା ବୁଝାମଣା ଚୁକ୍ତିକୁ ନେଇ ଇସ୍ରାଏଲ ପ୍ରଧାନ ମନ୍ତ୍ରୀ ବେଞ୍ଜାମିନ୍ ନେଥାନେହ୍ୟୁ ଏହି ଚୁକ୍ତି, ମଧ୍ୟ-ପୂର୍ବୀୟ ଭୂ-ରାଜନୈତିକ ଦୃଷ୍ଟିକୋଣରୁ ଅତି ଗରୁତ୍ୱପୂର୍ଣ୍ଣ ହେବ ବୋଲି ଉଲ୍ଲେଖ କରିଥିଲେ । ରିପୋର୍ଟ ହିସାବରେ ଇସ୍ରାଏଲ ସହ ସମ୍ପର୍କ ବଜାୟ ରଖିବା ପାଇଁ ସାଉଦି ଆରବ ଆମେରିକାଠାରୁ ସାହାଯ୍ୟ, ସୈନ୍ୟ ବଳ ଆଦି ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲା । ହେଲେ ଏହି ସବୁକୁ ମାସେ ନ ପୁରୁଣୁ ଇସ୍ରାଏଲ-ହମାସର ଏହି ଆରମ୍ଭ ହୋଇଥିବା ଯୁଦ୍ଧ ସମ୍ପର୍କରେ ତିକ୍ତତା ବଢାଇ ଦେଇଛି । ଆବ୍ରାହମ ବୁଝାମଣା ପରେ ଇସ୍ରାଏଲ ଓ ୟୁଏଇ ମଧ୍ୟରେ ସମ୍ପର୍କ ମଜବୁତ ହେବାରେ ଲାଗିଥିଲା । ହମାସର ଆକ୍ରମଣ ସମୟରେ ଅନ୍ୟ ମୁସଲିମ ରାଜ୍ୟ ସବୁ ପାଲେଷ୍ଟାଇନକୁ ସମର୍ଥନ କରିଥିବା ବେଳେ ବନ୍ଧୁତା ରକ୍ଷା କରି ବାହାରିନ ଓ ୟୁଏଇ ଇସ୍ରାଏଲ ପାଇଁ ସମର୍ଥନ ବାଢିଥିଲେ । ତେବେ ଏହି ସୁସମ୍ପର୍କ ଗଢିବାରେ ଆମେରିକାର ମଧ୍ୟ ଯଥେଷ୍ଟ ହାତ ରହିଥିଲା ହେଲେ ଅକ୍ଟୋବରର ଯୁଦ୍ଧ ଇସ୍ରାଏଲ ଓ ଆରବ ଦେଶ ମଧ୍ୟରେ ବଢୁଥିବା ବନ୍ଧୁତାକୁ ମାଟିରେ ମିଶାଇ ଦେଇଛି । ଉଭୟ ଇସ୍ରାଏଲ ଓ ଗାଜାରେ ଭୟଙ୍କର ଆକ୍ରମଣ ଥମିବାର ନା ନେଉନାହିଁ । ବଢୁଥିବା ଶତୃତା ଓ ତିକ୍ତତାକୁ ଦେଖିଲେ, ଆମେରିକାର ଆରବ ଓ ଇହୁଦୀ ମାନଙ୍କୁ ନିକଟତର କରିବାର ପ୍ରଚେଷ୍ଟା ପୂର୍ଣ୍ଣ ବିଫଳଗାମି କହିଲେ ଦ୍ୱିରୁକ୍ତି ହେବ ନାହିଁ । ହେଲେ ହମାସ ଠିକ ଏହିପରି ଘଡିସନ୍ଧି ମୂହୁର୍ତ୍ତରେ କାହିଁକି ଆକ୍ରମଣ କଲା ଏ ପ୍ରଶ୍ନ ସବୁଠି ଉଙ୍କି ମାରୁଛି ଓ କଣ ଆରବ ରାଜ୍ୟ ସତରେ ଇସ୍ରାଏଲ ସହ ସମ୍ପର୍କ ରଖିବାକୁ ଅନିଚ୍ଛୁକ? ୧୯୬୭ ମସିହାରେ ଆରବ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଯୁଦ୍ଧରେ ସବୁ ଆରବ ରାଜ୍ୟ ଏକଯୁଟ ହୋଇ ମଧ୍ୟ ଇସାଏଲ ଠାରୁ ପରାଜିତ ହୋଇଥିଲେ ଏହା ପରଠାରୁ ଦୁଇ ଦେଶ ଭିତରେ ସବୁବେଳେ ମତାନ୍ତର ଓ ଅଶାନ୍ତି ଦେଖା ଦେଇଛି । ଏପଟେ ଇରାନ ସହ ମଧ୍ୟ ଇସ୍ରାଏଲର ଅନେକ ଆଗରୁ ଅପଡ ରହିଛି । ଇରାନ କେବେ ଇସ୍ରାଏଲକୁ ସ୍ୱୀକୃତି ଦେଇ ନାହିଁ ଓ ଇସ୍ରାଏଲ ବି କେବେ ଇରାନର ଚିନ୍ତାଧାରା ସହମତ ହୁଏ ନାହିଁ । ଆକ୍ରମଣର ପ୍ରଥମାର୍ଦ୍ଧରେ ୟୁଏଇ ଓ ବାହାରିନ ଇସ୍ରାଏଲକୁ ସମର୍ଥନ କରୁଥିବା ବେଳେ ପରବର୍ତୀ ସମୟରେ ଇସ୍ରାଏଲର ଭୀଷଣ ପ୍ରତିଆକ୍ରମଣକୁ ଦେଖି ସେମାନେ ଏବେ ବିରୋଧ କରିବା ଆରମ୍ଭ କରିଛନ୍ତି । ହେଲେ ଗାଜାର ଆକ୍ରମଣ ପରେ ପଛଘୁନଂଚା ଦେବା ପଇଁ ନାରାଜ୍ ଇସ୍ରାଏଲ । ବର୍ତମାନ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେଥାନେହ୍ୟୁ ଅପରେସନ୍ ଆଇରନ ସୋର୍ଡସ୍ ସାହାଯ୍ୟରେ ଯୁଦ୍ଧ ଘୋଷଣା କରି ଏହି ଅତର୍କିକ ଆକ୍ରମଣର ଉଚିତ୍ ପ୍ରତିଶୋଧ ନେବାପାଇଁ ଅନବରତ ଚେଷ୍ଟାରତ ।

## ବ୍ୟାପିଲା ଝାଡାବାନ୍ତି: ପ୍ରତିଷେଧକ ବ୍ୟବସ୍ଥା ଦାବି

ସମ୍ବଲପୁର, ୨୧/୧୦ (ନି.ପ୍ର): ସବୁ ଅଛି, କିଛି ନାହିଁର ପରିଚୟରେ ରାଜ୍ୟର ତଥା ପଶ୍ଚିମ ଓଡ଼ିଶାର ପ୍ରମୁଖ ଜିଲ୍ଲା ସମ୍ବଲପୁର ସର୍ବଦା ସରକାରୀ କଳର ବିଭିନ୍ନ ଦାଓପେଂଚର ଶୀକାର ହୋଇ ଆସିଛି । ରାଜ୍ୟର ଗ୍ରାମାଂଚଳ ଠାରୁ ଆରମ୍ଭକରି ସମସ୍ତ ସହରାଚଂଳରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଗ୍ରାଧିକାର ଦେଇ ଆସିଥିବା ବେଳେ ଏବେ ଭିତିଭୂମିର ଅଭାବ ଯୋଗୁଁ ହୀରାକୁଦ ମହମ୍ମଦପୁର ଅଂଚଳରେ ବହୁଲୋକ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହେବା ଅଭିଯୋଗ ହୋଇଛି । ପାନୀୟ ଜଳ ଓ ସୁସ୍ଥ ପରିବେଶ ଅଭାବ ସହ ଅଖାଦ୍ୟ ଜନିତ କାରଣରୁ ଦିନକୁ ଦିନ ଏହି ରୋଗ ସଂକ୍ରମଣର ରୂପ ନେଉଥିବା କୁହାଯାଉଛି । ଶିଳ୍ପ ସମୃଦ୍ଧ ସମ୍ବଲପୁର ଜିଲ୍ଲାର ନିର୍ଦ୍ଧିଷ୍ଟ ଏକ ଶିଳ୍ପସଂସ୍ଥା ପରିଚାଳିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ସଂକ୍ରମଣ ରୋକିବା ଓ ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇବାରେ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ଜିଲ୍ଲା ପ୍ରଶାସନ ତଥା ମହାନଗର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦିଗରେ ନୀରବଦ୍ରଷ୍ଟା ସାଜିଥିବା ସାଧାରଣରେ ନୈରାଶ୍ୟତା ସୃଷ୍ଟି କରାଇଛି । ଆଜି ସନ୍ଧ୍ୟାରେ ମହମ୍ମଦପୁର ଅଂଚଳର କେତେକ ରାସ୍ତା ଓ ଆବର୍ଜନା ସ୍ଥାନରେ ବ୍ଲିଚିଙ୍ଗ ପାଉଡର ପଡିଥିବା ଦେଖିବାକୁ ମିଳିଥିବା ବେଳେ ଜିଲ୍ଲା ପ୍ରଶାସନ ଏହି ସଂକ୍ରମଣ ରୋଗ ନିୟନ୍ତ୍ରଣ କରିବା ଦିଗରେ କି ପଦକ୍ଷେପ ନେଉଛି ତାକୁ ହିଁ ଅପେକ୍ଷା । ସୂଚନାଯୋଗ୍ୟ, ରାଜ୍ୟର ବୃହତ୍ ଜଳଭଣ୍ଡାର ସମ୍ବଲପୁର ଜିଲ୍ଲାରେ ଥିଲେ ମଧ୍ୟ ଏହି ଜିଲ୍ଲାରେ ଶତପ୍ରତିଶତ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ରାଜ୍ୟ ସରକାର ଏବେବି ବିଫଳ ରହିଛନ୍ତି । ସେହିପରି ଜିଲ୍ଲା ସଦରମହକୁମା ଠାରୁ ଆରମ୍ଭ କରି ପ୍ରମୁଖ ଜନବସତି ଅଂଚଳରେ ଶହଶହ ସଂଖ୍ୟାରେ ମୁଣ୍ଡ ଟେକିଥିବା ଫାଷ୍ଟଫୁଡ୍ ଷ୍ଟଲ ଗୁଡିକରେ ବିକ୍ରି ହେଉଥିବା ଖାଦ୍ୟର ମାନ ଯାଂଚ୍ କରିବା ପାଇଁ ଜିଲ୍ଲା ପ୍ରଶାସନ କେବେ ବି ଗୁରୁତ୍ୱ ନଦେବା ସମ୍ଭବତଃ ଆଜିର ସଂକ୍ରମିତ ଝାଡ଼ାବାନ୍ତି ରୋଗର ମୁଖ୍ୟ କାରଣ ବୋଲି ବହୁ ବୁଦ୍ଧିଜୀବୀ ନିଜ ନାମକୁ ଗୁପ୍ତ ରଖି ସ୍ପଷ୍ଟ କରିଛନ୍ତି ।

## ଫୁଲବାଣୀକୁ ରେଳପଥ ସଂଯୋଗ ନେଇ ଆନ୍ଦୋଳନ ପାଇଁ ପ୍ରେସ କ୍ଲବଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କନ୍ଧମାଳ , ୨୧/୧୦ (ନି.ପ୍ର): କନ୍ଧମାଳ ଜିଲା ରେଲୱେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫୁଲବାଣୀ ସଦର ମହକୁମାକୁ ରେଳ ସଂଯୋଗ କରିବା ପାଇଁ ଜିଲ୍ଲା ପ୍ରେସ କ୍ଲବଠାରେ କମଳାକାନ୍ତ ପାଣ୍ଡେଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ମାସ ପ୍ରଥମ ସପ୍ତାହରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଗୋପାଳପୁର - ସମ୍ବଲପୁର ଭାୟା ଫୁଲବାଣୀ ପ୍ରସ୍ତାବିତ ରେଳ ପ୍ରକଳ୍ପନିର୍ମାଣ ପାଇଁ ଜିଲାବାସୀଙ୍କ ପକ୍ଷରୁ ୧୯୭୮ମସିହାରୁ ଦାବୀ ହେବା ସହ ଦୁଇ ବର୍ଷ ହେଲା ଅନୁଦାନ ଯୋଗାଇ ଦିଆଯାଇଛି ।କିନ୍ତୁ ହଠାତ ଗତ ୬ମାସ ହେବ ରେଲୱେ ୱେବସାଇଟରେ ଗୋପାଳପୁର ସମ୍ବଲପୁର ରେଳପଥ ନିର୍ମାଣରେ ପରିବର୍ତ୍ତନ କରି ଫୁଲବାଣୀ ସହରକୁ ବାଦ ଦିଆଯାଇଛି। ସେଥିପାଇଁ ଜିଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ କରାଯାଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳି ନଥିବାରୁ ନଭେମ୍ବର ୫ତାରିଖରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି ।ଏହି ଅବସରରେ ଜିଲା ପ୍ରେସ କ୍ଲବ ଠାରେ ୩୦ଟି ଅନୁଷ୍ଠାନ ର ପ୍ରତିନିଧି ଉପସ୍ଥିତ ରହି ବହୁମୁଲ୍ୟ ମତାମତ ଦେଇଥିଲେ ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଜୟ ମହାନ୍ତି,ବିଜୟ ପଟ୍ଟନାୟକ, ଅଶୋକ କୁମାର ବେହେରା ,ବିରଜା ନାହାକ, ଡ ଅରୂପ ଜେନା,ନବୀନ କିଶୋର ପଣ୍ଡା,ସୁନିଲ ପଟନାୟକ, ପ୍ରଣବ ମଣ୍ଡଳ,ପ୍ରମୋଦ ସାହୁ ଅଶୋକ ପଟନାୟକ, ମନୋଜ ଚୌଧୁରୀ, ହୁସେନ ଖାନ,ବଂଶୀଧର ପଣ୍ଡା,ଲଳିତ ପ୍ରଧାନ, ଅଚ୍ୟୁତାନନ୍ଦ ସେଠୀ, ମୋହନ ପ୍ରଧାନ, ଅବନୀ କହଁର, ଶିଶିର ମଲିକ, ବାକାଶ ମହାନ୍ତି, ଅମୀୟ ଦାସ,ସତ୍ୟପ୍ରିୟ ମହାନ୍ତି ,ସନ୍ତୋଷ ପାଢୀ, ପ୍ରଶନ୍ନ ପଣ୍ଡା,ଜୟସେନ ପରିଡା ଓ ସମାଜସେବୀ ଅଶୋକ ପରିଡା ପ୍ରମୁଖ ଜିଲା ସଦର ମହକୁମା ଫୁଲବାଣୀକୁ ରେଳଲାଇନ ସଂଯୋଗ ସମ୍ପର୍କରେ ବ୍ୟାପକ ଆଲୋଚନା କରିବା ସହ ଆନ୍ଦୋଳନ ପାଇଁ ପ୍ରସ୍ତୁତି କରିଥିବା ଜଣାଯାଏ ।ପୂର୍ବଦାବୀ ମୁତାବକ ଫୁଲବାଣୀକୁ ରେଳପଥ ନିର୍ମାଣ ପାଇଁବ୍ୟବସ୍ଥା ଥିବାବେଳେ ଓରିଡିଲ ପକ୍ଷରୁ ଫୁଲବାଣୀକୁ ରେଳ ସଂଯୋଗ ନ କରିବାକୁ ଦିଆଯାଇଥିବା ପ୍ରସ୍ତାବର ପୁନଃ ବିଚାର କରି ଫୁଲବାଣୀକୁ ରେଳ ସଂଯୋଗ ଦେବାକୁ ଦାବୀ କରାଯାଇଛି ।

## ବଲାଙ୍ଗିରରେ ୭୪ତମ ପୁଲିସ ସହିଦ ଦିବସ ପାଳନ: ରକ୍ତଦାନ ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ

ବଲାଙ୍ଗିର, ୨୧/୧୦ (ନି.ପ୍ର): ପୋଲିସ ସେବାରେ ପ୍ରାଣବଳି ଦେଇଥିବା ସହିଦମାନଙ୍କୁ ସ୍ମରଣ କରିବା ଅବସରରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖ ଦିନ ସାରା ଦେଶରେ ପୋଲିସ ସହିଦ ସ୍ମୃତି ଦିବସ ପାଳିତ ହୋଇଥାଏ । ଏହି କ୍ରମରେ ବଲାଙ୍ଗିର ମନୋହରପୁର ରିଜର୍ଭ ପୋଲିସ ପ୍ୟାରେଡ୍ ଗ୍ରାଉଣ୍ଡରେ ଆଜି ୬୪ତମ ପୋଲିସ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଏସ୍ପି ରିଷିକେଶ ଖିଲାରୀ ଯୋଗଦାନ କରି ଅଭିବାଦନ ଗ୍ରହଣ କରିଛନ୍ତି । ମହାମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ମୃତି ବାର୍ତା ପଠନ ପରେ ଗତ ଗୋଟିଏ ବର୍ଷ ମଧ୍ୟରେ ପୋଲିସ ସେବାରେ ସହିଦ ହୋଇଥିବା ୧୮୮ ଜଣ ପୋଲିସ ସହିଦମାନଙ୍କ ପ୍ରତି ଶ୍ରଦ୍ଧାନ୍ଜଳି ଜଣାଇବା ସହ ନିଜ ବକ୍ତବ୍ୟ ମାଧ୍ୟମରେ ସେମାନଙ୍କ ବୀରତ୍ୱକୁ ଶତ ସଲାମ୍ ଜଣାଇଛନ୍ତି ଏସପି ଶ୍ରୀ ଖିଲାରୀ । ଏହି ଅବସରରେ ରିଜର୍ଭ ପୋଲିସ ପରେଡ଼ ଗ୍ରାଉଣ୍ଡରେ ବଲାଙ୍ଗିର ପୋଲିସ ପକ୍ଷରୁ ଆକର୍ଷଣୀୟ ପ୍ୟାରେଡ୍ ଆୟୋଜିତ ହୋଇଥିବା ବେଳେ ବଲାଙ୍ଗିର ଏଏସପି. ସୁରେଶ ନାଏକ, ବିଦ୍ୟୁତ ପଣ୍ଡା, ଏସଡିପିଓ ତୋଫାନ ବାଗଙ୍କ ସହ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ପୋଲିସ ସହିଦ ସ୍ମୃତି ଦିବସ ପାଳନରେ ସାମିଲ୍ ହୋଇଥିବା ଦେଖିବାକୁ ମିଳିଛି । ପୋଲିସ ସହିଦ ସ୍ମୃତି ଦିବସ ପାଳନ ଅବସରରେ ବଲାଙ୍ଗିର ଟାଉନ୍ ଥାନାରେ ବଲାଙ୍ଗିର ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବା ବେଳେ ଏଥିରେ ପୂର୍ଣ୍ଣ ସହଯୋଗ ପାଇଁ ବଲାଙ୍ଗିରବାସୀଙ୍କୁ ଆହ୍ୱାନ କରିଛନ୍ତି ଏସପି ଶ୍ରୀ ଖିଲାରୀ। ଏସପିଙ୍କ ଅନୁରୋଧ ରକ୍ଷାକରି ଅନେକ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ମହିଳା ଗୋଷ୍ଠୀ, ପୁଲିସ କର୍ମଚାରୀ ମାନେ ରକ୍ତଦାନ ଶିବିରରେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ପୋଲିସ ବିଭାଗ ପକ୍ଷରୁ ବଲାଙ୍ଗିର ଟାଉନ୍ ଥାନା ପରିସରରେ ଆୟୋଜିତ ରକ୍ତଦାନ ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶେଷ ମୁହୂର୍ତରେ ଆହୁରି ୫ ଜଣ ରକ୍ତଦାନ କରିବାକୁ ଆସିଥିବା ବେଳେ ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ କୁ ପଠାଇ ଦିଆଯାଇ ରକ୍ତ ସଂଗ୍ରହ ହୋଇଥିଲା। ଟାଉନ୍ ଥାନା ଆଇଆଇସି ଓ କର୍ମଚାରୀ ମାନଙ୍କ ସମେତ ବଲାଙ୍ଗିର ମେଡିକାଲ ବ୍ଲଡ୍ ବ୍ୟାଙ୍କ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତା ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ବେଳେ ବିଭାଗ ପକ୍ଷରୁ ସହଯୋଗ ପାଇଁ ସାଧୁବାଦ ଜ୍ଞାପନ କରାଯାଇଛି।

## ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରା ବଲାଙ୍ଗିର ସାମାଜିକ ସୁରକ୍ଷା ଅଧିକାରୀ ଦଣ୍ଡିତ

ବଲାଙ୍ଗିର, ୨୧/୧୦ (ନି.ପ୍ର): ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ ଯୋଗାଇ ଦେବାରେ ଅବହେଳା କରିବା ସହିତ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନକାରୀଙ୍କୁ କୌଣସି ତଥ୍ୟ ଯୋଗାଇ ଦିଆଯାଇ ନଥିବା ଯୋଗୁଁ ଓଡିଶା ରାଜ୍ୟ ସୂଚନା କମିଶନର ବଲାଙ୍ଗିର ସଦର ବ୍ଲକର ତତ୍କାଳୀନ ଜନସୂଚନା ଅଧିକାରୀ ତଥା ବର୍ତମାନ ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତାଙ୍କୁ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଦଣ୍ଡିତ ଅର୍ଥ ସଂପୃକ୍ତ ଅଧିକାରୀଙ୍କ ମାସିକ ଦରମାରୁ ଆଦାୟ କରାଯିବା ପାଇଁ ଜିଲ୍ଲାପାଳଙ୍କୁ କମିଶନ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଚୁଡ଼ାପାଲିର ସାମ୍ବାଦିକ ଦେବରାଜ ନାହାକ ଗତ ତା: ୦୭/୦୫/୨୦୧୮ ରେ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ବଲାଙ୍ଗିର ସଦର ବ୍ଲକର ବାର୍ଦ୍ଧକ୍ୟ, ବିଧବା ତଥା ବିକଳାଙ୍ଗ ଭତା ବାବଦରେ ତଥ୍ୟ ପାଇବା ପାଇଁ ସୂଚନା ଅଧିକାର ଆଇନ ବଳରେ ଫର୍ମ- ଘ ରେ ବଲାଙ୍ଗିର ସଦର ବ୍ଲକ ଲୋକ ସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ଏହି ଆବେଦନ ଉପରେ ଠିକ୍ ସମୟରେ ସୂଚନା ନ ମିଳିବାରୁ ସେ ଗତ ତା: ୧୧/୦୬/୨୦୧୮ ରେ ପ୍ରଥମ ଅପିଲ କରିଥିଲେ । ତଥାପି ମଧ୍ୟ ଶ୍ରୀ ନାହାକ କୌଣସି ତଥ୍ୟ ନ ପାଇବାରୁ ଗତ ତା: ୧୬/୦୮/୨୦୧୮ ଦିନ ରାଜ୍ୟ ସୂଚନା କମିଶନର, ଭୁବନେଶ୍ୱରଙ୍କ ଦ୍ୱାରସ୍ଥ ହୋଇ ଦ୍ୱିତୀୟ ଅପିଲ କରିଥିଲେ । ରାଜ୍ୟ ସୂଚନା କମିଶନ ଏହି ଆବେଦନର ବିଚାର କରି ଚିଠି ନଂ- ୪୮୯୭୨, ତା: ୦୨/୦୯/୨୦୨୩ ରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ।

ରବିବାର, ଅକ୍ଟୋବର ୨୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ବାର ଦୁଆର ଶୁଣି ପିଣ୍ଡା ପାଲଟିଛି ରାଇମଣିଙ୍କ ଆଶ୍ରୟସ୍ଥଳ

ଉଦଳା , ୨୧/୧୦ (ନି.ପ୍ର): ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଘାସିରାମ ହେମ୍ବ୍ରମଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ସହଧର୍ମିଣୀ ଅନ୍ୟତ୍ର ବିବାହ କରିଗଲେ । ଫଳରେ ତାଙ୍କର ପୁତ୍ର ପ୍ରଦୀପ ଓ କନ୍ୟା ରାଇମଣି ଏକାକି ଦିନ ବିତାଇବାକୁ ବାଧ ହେଲେ । ବଡ଼ ହେବା ପରେ ପୁତ୍ର ପ୍ରଦିପ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଗଲେ ବର୍ତମାନ ରାଇମଣି ସମ୍ପୂର୍ଣ୍ଣ ଏକାକି ଦିନ ବିତାଇବା ସହ ଦୁଗୁଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣିରେ ପାଠ ପଢୁଛନ୍ତି, ରାଇମଣିଙ୍କର ବର୍ତମାନ ବୟସ ୧୨ ବର୍ଷ ଛୁଇଁଲା । ଗ୍ରାମବାସିଙ୍କ କହିବାନୁସାରେ ରାଇମଣିଙ୍କର ବାପା ଘାସିରାମ ମାଟି ଓ ନଡ଼ାରେ ତିଆରି କରିଥିବା ଘରଟି ମରାମତି ଅଭାବରୁ ସମ୍ପୂର୍ଣ୍ଣ ମାଟିରେ ମିଶି ଯାଇଛି । ଫଳରେ ରାଇମଣିଙ୍କର ଆଶ୍ରୟ ନେବା ପାଇଁ କୌଣସି ବାସସ୍ଥାନ ନାହିଁ । ଗାଁରେ ଥିବା ବିଭିନ୍ନ ଲୋକଙ୍କ ଘରେ ବାଧ ହୋଇ ସେ ଆଶ୍ରୟ ନେଉଛନ୍ତି । ସେହିପରି ଗ୍ରାମବାସୀ ମାନେ ଦୟାରେ ଯାହା ଦେଉଛନ୍ତି ତାହା ଖାଇ ବଂଚି ରହିଛନ୍ତି । ଅଧିକାଂଶ ଦିନ ଠିକ୍ ସମୟରେ ଖାଇବାକୁ ନପାଇଲେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି । ରାଇମଣିଙ୍କୁ ତୁରନ୍ତ କୌଣସି ହଷ୍ଟେଲରେ ରଖିଦେବାର ବ୍ୟବସ୍ଥା ଜିଲ୍ଲାପାଳ କରନ୍ତୁ ବୋଲି ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଂଚର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।



# ଖୋର୍ଦ୍ଧା ପୋଲିସ ବାହିନୀ ୬୪ତମ ସହିଦ ଦିବସ ପାଳିତ

ଖୋର୍ଦ୍ଧା , ୨୧/୧୦ (ନି.ପ୍ର): ଖୋର୍ଦ୍ଧା ରିଜର୍ଭ ପୋଲିସ ପଡିଆ (ତରତୁଆ)ଠାରେ ୬୪ତମ ପୋଲିସ -୨୦୨୩ ପାଳନ କରାଯାଇଅଛି । ଏହି ଉତ୍ସବବରେ ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇ ଥିଲା । ଉକ୍ତ ପାରେଡ ଉତ୍ସବରେ ଖୋର୍ଦ୍ଧା ପୋଲିସ, ଜିଲ୍ଲା ପୋଲିସ ଆରକ୍ଷୀ ଅଧିକାରୀ ଶ୍ରୀଯୁକ୍ତ ସିଦାର୍ଦ୍ଧ କାଟରିଆ (ଆଇ. ଏଫ. ଏସ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ତାଙ୍କ ଅଭିଭାଷଣରେ କହିଥିଲେ ଦେଶ ମାତୃକାର ସେବା ପାଇଁ ଉକ୍ତ ବର୍ଷ ୧୧୮ଜଣ ପୋଲିସ ବିଭିନ୍ନ ବିଭାଗ ପୋଲିସ ବାହିନିରୁ ସହିଦ ହୋଇଛନ୍ତି । ତାଂକ ପରିବାର ପାଇଁ ଦେଶ ବାସୀ କୃତଜ୍ଞତା ଜଣାଇଛନ୍ତି । ସୈନିକ ବେଡିତ ଆମ ରାଜ୍ୟ ପୋଲିସ ସର୍ବସାଧାରଣ ସେବା କରିବାରେ ନିଜ କୁ ସାମିଲ କରି ଉପଯୁକ୍ତ ପଦକ୍ଷେପ ନେଉଛନ୍ତି ଓ ନେବେ ବୋଲି କହିଥିଲେ । ଆମ ଜିଲ୍ଲା ପୋଲିସ ମାନେ ତାଙ୍କର କର୍ତବ୍ୟ ଠିକ ଭାବେ ପାଳନ ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ ବର୍ଷ ଉଲେଖକନୀୟ କାର୍ଯ୍ୟ ପାଇଁ ଖୋର୍ଦ୍ଧା ଜିଲ୍ଲା ପୋଲିସଙ୍କୁ ପୁରସ୍କୃତ ଦେଇଥିଲେ । ଶେଷରେ ଖୋର୍ଦ୍ଧା ଅତିରିକ୍ତ ଏସ.ପି.ଶ୍ରୀଯୁକ୍ତ ମୁର୍ମୁ ଧନ୍ୟବାଦ ଦେଇ ଉତ୍ସବଟିକୁ ସାଂଗ କରିଥିଲେ ।

# ରମାଦେବୀ ଛାତ୍ରୀ ଆଣିଲେ ରାଗିଂ ଅଭିଯୋଗ: କହିଲେ- ଶୁଣୁ ନାହାନ୍ତି କଲେଜ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୧/୧୦ (ନି.ପ୍ର): ରମାଦେବୀ ଜୁନିୟର କଲେଜ ଛାତ୍ରୀ ଆଣିଲେ ରାଗିଂ ପରି ସାଂଘାତିକ ଅଭିଯୋଗ । ଅନ୍ତେବାସୀମାନେ ମାନସିକ ନିର୍ଯାତନା ଦେବା ସହ ଏକଘରିକିଆ କରିଦେଇଥିବା ଛାତ୍ରୀଜଣକ ଅଭିଯୋଗ କରିଛନ୍ତି । ଏନେଇ କଲେଜ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ବି ନ୍ୟାୟ ନ ପାଇବାରୁ ଗଣଶିକ୍ଷା ବିଭାଗର ଦ୍ୱାରସ୍ଥ ହୋଇଛନ୍ତି ଛାତ୍ରୀଜଣକ । ପୁରା ଘଟଣାର ତଦନ୍ତ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଛାତ୍ରୀଜଣକ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିବା ବେଳେ ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ ବୋଲି ଜଣାଯାଇଛି । ସେ କରିଥିବା ଅଭିଯୋଗ ଅନୁଯାୟୀ, ରମାଦେବୀ ଜୁନିୟର କଲେଜର ୧ ନମ୍ବର ରୁମ୍‌ରେ ସେ ରହୁଥିବା ବେଳେ ସେଠାରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି । ଏପରିକି ଏକ ଘରିକିଆ କରି ରଖାଯାଇଛି । ଏପରିକି ଅନ୍ତେବାସୀମାନେ ତାଙ୍କୁ ଆକ୍ଷେପ କରି ଜାତିଆଣ ମନ୍ତବ୍ୟ ଦେବା, ରୁମ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା, ରାତିରେ ସର୍ଟ୍ସ ପିନ୍ଧିବାକୁ ବାଧ କରିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଛାତ୍ରୀ । ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ରୁମ୍‌ରେ ତାଙ୍କୁ ଏକ ଘରକିଆ କରି ରଖାଯାଉଥିଲା । ତାଙ୍କ ପୋଷାକପତ୍ର, ଜୋତା ଅଲଗା ରଖିବାକୁ କୁହାଯାଉଥିଲ । । ସେ ଓଡ଼ିଆ ମିଡିୟମ ଛାତ୍ରୀ ହୋଇଥିବା ବେଳେ ତାଙ୍କ ରୁମମେଟ୍‌ମାନେ ଇଂଲିଶ ମିଡିୟମ ଛାତ୍ରୀ । ତେଣୁ ସେମାନେ ଏପରି ପାତରଅନ୍ତର କରୁଥିବା ଛାତ୍ରୀଜଣକ ଅଭିଯୋଗ କରିଛନତି । ଏନେଇ ଛାତ୍ରୀଜଣକ ନିଜ ବାପାମା' ଓ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ବାପାମା'ଙ୍କ ଉପସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଛାତ୍ରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଆଣ୍ଟି ରାଗିଂ ସେଲ୍ ଘଟଣାର ତଦନ୍ତ କଲା । ହେଲେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କଲେନି । ବଂରଂ ଯେଉଁମାନେ ତାଙ୍କୁ ରାଗିଂ କଲେ କଲେଜ କର୍ତ୍ତୃପକ୍ଷ ତାଙ୍କୁ ସପୋର୍ଟ କରିଛନ୍ତି । ସବୁଠୁ ନିରାଶ ହେବା ପରେ ଗଣଶିକ୍ଷା ବିଭାଗକୁ ଲିଖିତ ଭାବେ ନିଜ ଅଭିଯୋଗ ଜଣାଇ ନ୍ୟାୟ ଅପେକ୍ଷାରେ ଅଛନ୍ତି ଛାତ୍ରୀଜଣକ । ରାଗିଂର ଶିକାର ହୋଇ ଅକାଳରେ ବହୁ ଛାତ୍ରଛାତ୍ରୀଙ୍କ ଜୀବନ ଚାଲି ଯାଉଥିବା ବେଳେ ଏହାକୁ ରୋକିବାକୁ ଖୁବ୍ ତତ୍ପରତା ପ୍ରକାଶ କରିଛନ୍ତି ରାଜ୍ୟ ସରକାର ।

# ମା' କନକ ଦୁର୍ଗାପୀଠରେ ମହାଷ୍ଟମୀ ପୂଜା ମହାସମାରୋହରେ ସମ୍ପନ୍ନ



ନୀଳଗିରି, ୨୧/୧୦ (ନି.ପ୍ର): ଶାରଦୀୟ ମହୋତ୍ସବର ଅମୃତ ବେଳାରେ ଧରାକୁ ଅବତରଣ କରିସାରିଲେଣି ସର୍ବଶକ୍ତି ସମ୍ପନ୍ନା ଦୂର୍ଗତୀନାଶିନୀ ମା ଦୁର୍ଗା । ଏହି ପବିତ୍ର ପାର୍ବଣ ଅବସରରେ ନୀଳଗିରି ରାଜପରିବାରର କୁଳଦେବୀ ମା କନକ ଦୁର୍ଗାଙ୍କ ପୀଠରେ ଷୋଡଦିନାତ୍ମକ ପୂଜା ଷୋଡଶ ଉପଚାରରେ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଶନିବାର ମା ଙ୍କ ପୀଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ରାଜବାଟି ପରିସରରେ ଅବସ୍ଥିତ ମା ଙ୍କ ମନ୍ଦିରରେ ପହଞ୍ଚି ଶ୍ରଦ୍ଧାର ସହ ପୂଜା କରିଥିଲେ । ବ୍ରାହ୍ମଣ ମାନଙ୍କ ମନ୍ତ୍ରଉଚ୍ଚାରଣରେ ଭକ୍ତିମୟ ପରିବେଶରେ ମଧ୍ୟରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା । ଆସନ୍ତା କାଲି ମହାନବମୀ ରେ ମା ଙ୍କ ପୀଠରେ କଖାରୁ ବଳି ଦିଆଯାଇ ଦଶହରାରେ ପୂଜବିଧି ସମ୍ପନ୍ନ ହେବା ପରେ ପୂର୍ଣ୍ଣାହୂତି କାର୍ଯ୍ୟ ସରିବା ସହ ମା ଙ୍କ ଷୋଡଦିନାତ୍ମକ ପୂଜାବିଧି ଶେଷ ହେବା ନେଇ ରାଜବଂଶ ଦାୟଦ ତଥା ବର୍ତ୍ତମାନର ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

# ଗଣଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ଏମପିସି କଲେଜକୁ ଜମି ପଟ୍ଟା ପ୍ରଦାନ କଲେ

## ଜବର ଦଖଲ ହଟାଇବା ସହ ଆଗକୁ ଅଧିକ ଜମି ଯୋଗାଇ ଦିଆଯିବ



ବାରିପଦା , ୨୧/୧୦ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହ ଠାରେ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଦ୍ୟାଳୟ ଓ ଗଣ ଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି ଯୋଗ ଦେଇ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୫୩.୫୯୫ ଏକର ପରିମାଣ ର ଜମି ପଟ୍ଟା ପ୍ରଦାନ କରିଛନ୍ତି । ପଟ୍ଟା ପ୍ରଦାନ ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁକ୍ତିକାନ୍ତ ପଣ୍ଡା, ଆଲୁମିନି ସଭାପତି ଡ଼. ବିଜୟ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଏଥି ମଧ୍ୟରୁ ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କ ଦ୍ୱାରା ବେନିୟମ ଭାବେ ସରକାରୀ ଜମି ଦଖଲକାରୀଙ୍କୁ ଚିହ୍ନଟ କରି ଉକ୍ତ ଜମି ଗୁଡିକ କିପରି ପୁଣି ସରକାରଙ୍କ ନିକଟକୁ ଫେରାଇ ଅଣାଯାଇପାରିବ ସେ ସମ୍ବନ୍ଧରେ ପଦକ୍ଷେପ ଗ୍ରହଣ କରିବା ସହ ଆଗାମୀ ଦିନରେ ଅଧିକ ଜମୀ ଯୋଗାଇ ଦିଆଯିବ ବୋଲି କହିଥିଲେ । ଏହା ସହିତ ଜିଲ୍ଲାରେ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଓ ନୂତନ ଆଶ୍ରୟ ସ୍ଥଳୀ ନିର୍ମାଣ ନେଇ ପ୍ରସ୍ତାବ, ରିହାବିଲଟେସନ ଯୋଜନା ରେ ଚାକିରୀ ପ୍ରଦାନ, ଲଘୁ ଖଣିଜାତ ଦ୍ରବ୍ୟ ଯଥା ବାଲି, ମୋରମ ଇତ୍ୟାଦି ର ସ୍ଥିତି ଉପରେ ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅକ୍ଷୟ ସୁନୀଲ ଅଗ୍ରୱାଲ, ଦୌଲତ ଚନ୍ଦ୍ରକାର ଯୋଗ ଦେଇଥିବା ବେଳେ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଆଶ୍ରୟସ୍ଥଳ ନିର୍ମାଣ ପାଇଁ ଭୂମି ପୂଜନ


ଉଦଳା, ୨୧/୧୦ (ନି.ପ୍ର): ବହୁ ସଂଖ୍ୟାରେ ନିରାଶ୍ରୟ ଲୋକ ଆଶ୍ରୟ ନେବା ପାଇଁ ଉଦଳା ସହରକୁ ଆସୁଛନ୍ତି । ଦେଖାଯାଉଛି ସେମାନେ କୌଣସି ସ୍ଥାନରେ ଆଶ୍ରୟ ନପାଇଲେ ବସଷ୍ଟାଣ୍ଡରେ ଥିବା ପ୍ରତିକ୍ଷାଳୟ, କଚେରି ପିଣ୍ଡା ଇତ୍ୟାଦି ସ୍ଥାନ ମାନଙ୍କରେ ଆଶ୍ରୟ ନେଉଛନ୍ତି । ଏହିସବୁ ଲୋକ ମାନଙ୍କୁ ଆଶ୍ରୟ ଦେବା ପାଇଁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଖୋଲା ଯାଉଛି 'ଆଶ୍ରୟ ଗୃହ' । ଏଥିପାଇଁ ଭୂମି ପୂଜନ ଉତ୍ସବ ନିକଟରେ ସରି ଯାଇଛି । ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ନିର୍ବାହୀ ଅଧିକାରୀ ଦିବ୍ୟାରତ୍ନା ଦାସ ପ୍ରମୁଖ ଏଥିରେ ଯୋଗ ଦେଇ ଖୁବ୍ ଶିଘ୍ର ଗୃହ ନିର୍ମାଣ କାର୍ଯ୍ୟ ସାରିବାକୁ କାର୍ଯ୍ୟରତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟ



ବଙ୍ଗ୍ରା, ୨୧/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା, ବେତନଟୀ ବ୍ଲକ୍ ଅନ୍ତର୍ଗତ , ସରକାରୀ ଉଚ୍ଚ ବିଦ୍ୟାଳୟ , ଅଁଳା,ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ,ବାମଡା, ଭଗବାନପୁର, ପକ୍ଷରୁ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟ, ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଗୀତା ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସେବାମୂଳକ କାର୍ଯ୍ୟରେ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି, ବୃକ୍ଷ ରୋପଣ ସହିତ ଏକ ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ବରେଣ୍ୟ ଅତିଥି ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, ଶ୍ରଦ୍ଧେୟ ହେମନ୍ତ କୁମାର ଙ୍କ ସହିତ ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର, ସମ୍ପାଦକ ଶ୍ରୀଯୁକ୍ତ କୁଳ ମହାନ୍ତ , ସଦସ୍ୟ ଲକ୍ଷ୍ମଣ ସେଠୀ , ଶ୍ରୀଯୁକ୍ତ ଅଭିନାଶ ବେହେରା ଙ୍କ ସହିତ ବିଦ୍ୟାଳୟ ପକ୍ଷରୁ ସମସ୍ତ ଶିକ୍ଷକ , ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ କାର୍ଯକ୍ରମରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିସରରେ ଆମ୍ବ, ଓଲଟି ଦେବଦାରୁ ଓ ନଡ଼ିଆ ଆଦି ଚାରା ରୋପଣ କରାଯାଇଥିଲା । ଏହିଭଳି ମହାନ କାର୍ଯ୍ୟ ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ବିକାଶ ପରିଷଦ ପକ୍ଷରୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ପରିଶେଷରେ ବିଦ୍ୟାଳୟ ପକ୍ଷରୁ ଅବନୀ କୁମାର କମିଳା ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ 'ଅକ୍ଷାଂଶ'ର ଶାରଦୀୟ ସଂଖ୍ୟା ଉନ୍ମୋଚନ




ବାଲେଶ୍ୱର, ୨୧/୧୦ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ 'ଅକ୍ଷାଂଶ'ର ଶାରଦୀୟ ସଂଖ୍ୟା : ୨୦୨୩ର ଶୁଭ ଲୋକାର୍ପଣ କବିତୀର୍ଥ ଶାନ୍ତିକାନନରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ କଥାଶିଳ୍ପୀ ପ୍ରାଧ୍ୟାପକ ଡ. ପବିତ୍ର ପାଣିଗ୍ରାହୀ ଏବଂ ଇଂରାଜୀ ଅଧ୍ୟାପକ ଦତ୍ତାତ୍ରେୟ ଦାସ ଅତିଥି ଭାବରେ ଯୋଗଦେଇ ସାହିତ୍ୟର ବିକାଶରେ ପତ୍ରପତ୍ରିକା ତଥା ସମ୍ପାଦକର ବଳିଷ୍ଠ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ପତ୍ରିକା ଜଗତରେ 'ଅକ୍ଷାଂଶ'ର ଅନନ୍ୟ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଏ ଅବକାଶରେ 'ଅକ୍ଷାଂଶ'ର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଏବଂ ସୌଜନ୍ୟ ସମ୍ପାଦକ ସାହିତ୍ୟିକା ଅଂଜଳି ପଣ୍ଡା ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଡ. ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ବକ୍ତବ୍ୟ ରଖିଥିବା ବେଳେ ପରିଷଦର ଯୁଗ୍ମ ସମ୍ପାଦିକା କବି କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଂଚକୁ ଆହ୍ୱାନ କରିଥିଲେ । ଏ ଅବସରରେ ଡ. ସାରଙ୍ଗଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ବିମଳ ଜେନା, ରଂଜନ ବାଗ୍, କଲ୍ୟାଣୀ ନନ୍ଦ, ସଂଗୀତା ବାରିକ, ଝରଣା ମଲ୍ଲିକ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଏହି ପତ୍ରିକାରେ ପ୍ରକାଶିତ ସ୍ୱରଚିତ କବିତାମାନ ପାଠ କରିଥିଲେ । ଉକ୍ତ ଉତ୍ସବରେ ଦୀନବନ୍ଧୁ ଲେଙ୍କା, ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ଅରୁଣା ରାୟ, କରୁଣାକର ସ, ସୃଷ୍ଟିଧର ପରିଡ଼ା, ଜୁମରନାଥ ପାତ୍ର, ପୁଷ୍ପଲତା ଚକ୍ରବର୍ତ୍ତୀ, ବିଦ୍ୟାଧର ସାହୁ, ବିନୋଦିନୀ ଆର୍ଯ୍ୟ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ଜ୍ୟୋତ୍ସ୍ନା ରାୟ, ରବିନାରାୟଣ ଦାଶ, ସ୍ମୃତି ଦାସ, ନିବାରଣ ଜେନା, ତପନ ରାୟ, ବିପ୍ଳବ କୁମାର ମହାନ୍ତି, ଅଂଜନ ଚନ୍ଦ, ସୁଷମା ମହାପାତ୍ର, ବାସନ୍ତୀ ଦେ, ସୁବାସଚନ୍ଦ୍ର ପାତ୍ର, ଡ. ରତ୍ନାକର ସିଂହ, ଡ. ଶିଶିର କୁମାର କର, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ସଂଜୟ କୁମାର ପଣ୍ଡା, ରାଜେଶ ଗିରି, କମଳାକାନ୍ତ ନାୟକ, ଦେବାଶିଷ ସିଂହ, ଶରତଚନ୍ଦ୍ର ମହାପାତ୍ର, ବାସନ୍ତୀ କର, ଅନସୂୟା ପ୍ରଧାନ, ଅବନ୍ତୀ ପ୍ରଧାନ, ମଧୁସୂଦନ ମାଝୀ, ରବୀନ୍ଦ୍ରନାଥ ଜେନା, ପଦ୍ମଲୋଚନ ଦତ୍ତ, ସୁନାମଣି ଜେନା, ଅର୍ଚ୍ଚନା ନନ୍ଦୀ, ସୁବ୍ରତା ମହାନ୍ତି, ରଣଜିତ୍ କୁମାର ପୁଷ୍ଟି ଆଦି ବହୁ ସାହିତ୍ୟିକ ଯୋଗ ଦେଇଥିଲେ ।

## ବଙ୍ଗ୍ରା ବଜାରରୁ ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

ବଙ୍ଗ୍ରା,୨୧।୧୦(ନିପ୍ର):ବଙ୍ଗ୍ରା ଅବକାରୀ ବିଭାଗ ପକ୍ଷରୁ ବଙ୍ଗ୍ରା ବଜାରରେ ଆଜି ଚଢ଼ାଉ ହୋଇ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଛି । ଶମ୍ଭୁନାଥ ସରକାରୀ ହାଇ ସ୍କୁଲ ଠିକ ସାମ୍ନାରେ ଏକ ଗୁମୁଟି ରେ ପାନ ଦୋକାନ କରି ଚୋରାରେ ଅଭିଯୁକ୍ତ କାଳୀ ଚରଣ ବେହେରା ବିଦେଶୀ ମଦ ବିକୁଥିଲା । ଅବକାରୀ ପୁଲିସ ମଦ ଜବତ ସହ ଅଭିଯୁକ୍ତ କୁ ଗିରଫ କରି ତା' ବିରୋଧରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଏକାଧିକ ଥର ଏହିଭଳି ସେଠାରେ ମଦ ବେପାର କରି କାଳି ଚରଣ ଗିରଫ ହୋଇ ପରେ ଜାମିନି ରେ ଆସି ପୁଣି ମଦ ବ୍ୟବସାୟ କରି ଚାଲିଛି । ସ୍କୁଲ ଓ ଜନବସତି ଥିବା ଯୋଗୁଁ ସ୍ଥାୟୀ ଭାବେ ସେଠାରୁ ମଦ ଦୋକାନ ଉଚ୍ଛେଦ ପାଇଁ ଦାବି ହୋଇଛି ।

# ୪ବର୍ଷ ପରେ ଇସଲାମାବାଦ ବିମାନ ବନ୍ଦରରେ ପହଂଚିଲେ ନୱାଜ ସରିଫ୍



ନୂଆଦିଲ୍ଲୀ,୨୧/୧୦ : ଦୀର୍ଘ ୪ ବର୍ଷ ପରେ ପାକିସ୍ତାନରେ ପହଂଚିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍ । ସେ ଆଜି ମଧ୍ୟାହ୍ନ ୨.୦୫ ମନିଟରେ ଲାହୋର ବିମାନ ବନ୍ଦରରେ ପହଂଚିଛନ୍ତି । ଏହି କ୍ରମରେ ନୱାଜଙ୍କ ସହ ପୂର୍ବତନ ଅର୍ଥମନ୍ତ୍ରୀ ଇଶାକ ଡାର ଓ ଲିଗାଲ ଟିମ୍ ଉପସ୍ଥିତ ଥିଲେ । ଏବେ ନୱାଜ ସରିଫ ନିଜ ପରିବାର ସହ ଲାହୋର ଗସ୍ତ କରିବେ । ଲାହୋରରୁ ସେ ସନ୍ଧ୍ୟାବେଳେ ମୀନାର ଏ-ପାକିସ୍ତାନ ଯିବେ । ସେଠାରେ ସେ ଲୋକଙ୍କୁ ସମ୍ବୋଧିତ କରିବା ଅବସରରେ ପାକିସ୍ତାନକୁ କିଭଳି ଭାବେ ଆର୍ଥିକ ସଂକଟରୁ ରକ୍ଷା କରାଯାଇପାରିବ ତାହା ଉପରେ ଯୋଜନା କ'ଣ ହୋଇପାରେ କହିବେ । ସେଠାରେ ନୱାଜ ସରିଫଙ୍କ ରାଜନୈତିକ ଦଳ ପାକିସ୍ତାନ ମୁସଲିମ୍ ଲିଗ ନୱାଜ ତରଫରୁ ନୱାଜଙ୍କୁ ସ୍ୱାଗତ କରିବା ପାଇଁ ଜୋରଦାର ପ୍ରସ୍ତୁତି କରାଯାଇଛି । ଆଇନଗତ ଭାବେ ୨୦୧୮ ରେ ନୱାଜ ସରିଫଙ୍କୁ ନିର୍ବାଚନ ଲଢିବା ନେଇ ଅଯୋଗ୍ୟ ଘୋଷଣା କରାଯାଇଛି । ହେଲେ ସେ ଜେଲରୁ ଅନୁମତି ନେଇ ଚିକିତ୍ସା ପାଇଁ ଲଣ୍ଡନ ଯାଇଥିଲେ । ଏବେ ପାକିସ୍ତାନ ସେନା ନୱାଜ ସରିଫଙ୍କ ସମର୍ଥନରେ ଥିବା ବେଳେ ତାଙ୍କୁ ଆଇନଗତ ଭାବେ କୌଣସି ଅସୁବିଧା ହେବ ନାହିଁ ବୋଲି ଆକଳନ କରାଯାଉଛି । ଅକ୍ଟୋବର ୨୪ ତାରିଖରେ ସେ ପରମାନେଣ୍ଟ ବେଲ ପାଇଁ କୋର୍ଟରେ ହାଜର ହେବେ । ନୱାଜ ସରିଫଙ୍କୁ ଜେଲ ପଠାଇଥିବ ପ୍ରଧାନମନ୍ତ୍ରୀ ଏବେ ନିଜେ ଜେଲରେ ରହିଛନ୍ତି ।

# ଏସ୍‌ବିଆଇ ଶାଖା ଉଦଳା ଦ୍ୱାରା ସାଇବର ସଚେତନତା ସପ୍ତାହ ପାଳନ

ଉଦଳା , ୨୧/୧୦ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କ ଉଦଳା ଶାଖା ତରଫରୁ ଅଦ୍ୟ ପେନସନ ଉପଭୋକ୍ତା ମାନଙ୍କୁ ନେଇ ସାଇବର ନିରାପତା ସପ୍ତାହ ପାଳନ ଅବସରରେ ପେନସନ ଉପଭୋକ୍ତା ମାନଙ୍କର ବିଭିନ୍ନ ସମସ୍ୟା ଓ ସେ ସବୁର ସମାଧାନ ସମ୍ପର୍କରେ ବିଷଦ ଭାବରେ ଆଲୋଚନା ମାନ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ବ୍ୟାଙ୍କର ମୁଖ୍ୟ ପରିଚାଳକ ନିନେଶ ନୟନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କର ରିଜିଓନାଲ ମେନେଜର ଦେବପ୍ରକାଶ କହଁର ସାମ୍ପ୍ରତିକ ସମୟରେ ସାଇବର ସମସ୍ୟା ଓ ତାର ସମାଧାନ, ସିଙ୍ଗଲ ଉଇଣ୍ଡୋ ପେନସନ ବ୍ୟବସ୍ଥା, ଲାଇଭ ସାର୍ଟିଫିକେଟ ପ୍ରଦାନର ସମୟ ସୀମା, ପେନସନ ଉପଭୋକ୍ତା ମାନଙ୍କ ନିମନ୍ତେ ଉଦିଷ୍ଟ ଋଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ସବିଶେଷ ଆଲୋଚନାମାନ କରିଥିଲେ । ଏହି ଆଲୋଚନାର ପ୍ରଶ୍ନୋତର କାଳରେ ଉଦଳା ଉପଖଣ୍ଡର ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଶିକ୍ଷାବିତ ନରେନ୍ଦ୍ର ମୋହନ ଜେନା, କାର୍ଯ୍ୟକାରୀ ସଭାପତି ରବିକାନ୍ତ ମହାପାତ୍ର, ସମ୍ପାଦକ ଉପେନ୍ଦ୍ର ନାଥ ପୁହାଣ, ବରିଷ୍ଠ ନାଗରିକ ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଶିକ୍ଷାବିତ ଶତୃଘ୍ନ ସାମଲ, ଡ଼ାଃ ପ୍ରେମଲତା ବେହେରା,ଅବସରପ୍ରାପ୍ତ ସେନାଧିକାରୀ ବ୍ରହ୍ମାନନ୍ଦ ନାୟକ, ନୀଳମଣି ପୁହାଣ, ସୁବାସଚନ୍ଦ୍ର ଶଙ୍ଖୁଆ, ଅବସରପ୍ରାପ୍ତ ନୈବାଣିଜ୍ୟ ଅଧିକାରୀ ରାଜାରାମ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁକାନ୍ତି ମଲ୍ଲିକ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଈଶ୍ୱର ଚନ୍ଦ୍ର ପରିଛା, କାଳିଚରଣ ହାଁସଦାଃ, ପ୍ରହ୍ଲାଦ କୁମାର ଦାସ, ଅବସରପ୍ରାପ୍ତ ପୋଷ୍ଟାଲ ଅଧିକାରୀ ଶାନ୍ତନୁ କୁମାର ବେଜ ଓ ଅବସରପ୍ରାପ୍ତ ରାଜସ୍ୱ ବିଭାଗର ମୁଖ୍ୟ କିରାଣି ସୁମନ୍ତ କୁମାର ସେଠୀ ପ୍ରଭୃତି ୭୦ରୁ ଉର୍ଦ୍ଧ ପେନସନ ଭୋଗୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଲୋଚନାର ପ୍ରାରମ୍ଭରେ ବ୍ୟାଙ୍କ ତରଫରୁ ସମସ୍ତଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ କଲମ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ବ୍ୟାଙ୍କର ଉପପରିଚାଳକ ଦେବେନ୍ଦ୍ର କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସମସ୍ତ କର୍ମଚାରୀ ସହାୟତା କରିଥିବା ବେଳେ ଶେଷରେ ବ୍ୟାଙ୍କ ତରଫରୁ ସମସ୍ତଙ୍କ ପାଇଁ ଜଳଯୋଗର ବ୍ୟବସ୍ଥା କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo